


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS





ବର୍ଷ- ୧୧ ସଂଖ୍ୟା-୨୧୪ ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ୍ ୨୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.214 Bhubaneswar, Tuesday, April 22, 2025


# ସମ୍ବଲପୁରରେ ଗୁହାରି ଶୁଣିଲେ ମୋହନ

ଭୁବନେଶ୍ୱର , ୨୧/୪: ଆଜି ଲୋକାରଣ୍ୟ ହୋଇ ଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର । କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଛନ୍ତି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ । କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ସହିତ ଥିଲେ ସହଯୋଗୀ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀଗଣ । ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ ।ଲୋକଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ । ବାସ୍ତବିକ ଏଇ ହେଉଛି ଲୋକଙ୍କ ସରକାର । ଆଜିଥିଲା ଅଭିଯୋଗ ଶୁଣାଣିର ୧୦ମ ପାଳି। ଏହା ଥିଲା ଅନ୍ୟ ନଅ'ଟି ପାଳି ଠାରୁ ଭିନ୍ନ, କାରଣ ସରକାରଙ୍କ ପାଖକୁ ଲୋକ ଆସି ନାହାନ୍ତି, ସରକାର ଆସିଛନ୍ତି ଲୋକଙ୍କ ଅଭିଯୋଗ ଶୁଣିବାକୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସମ୍ବଲପୁରରେ ଏ ଜନ ଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର । ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆମର ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି।

ସେ ପୁଣି କହିଥିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ଦୁଃଖକୁ ଆମେ ଯେପରି ନଜର ଅନ୍ଦାଜ୍ ନ କରୁ। ସେମାନେ ଯେପରି ଅନୁଭବ ନ କରନ୍ତି ଯେ, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ। ଆଜି ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ। ସେ ଆହୁରି କହିଥିଲେ ଯେ, ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀ ମାନେ ସେମାନଙ୍କ ସ୍ତରରେ ହିଁ, ଯେତେଦୂର ସମ୍ଭବ, ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଅଧିକ ସଚେତନ ହେବେ ବୋଲି ସେ କହିଛନ୍ତି। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ପୂର୍ବ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗରୁ ଭୁବନେଶ୍ୱରରେ ଆମର ନଅ'ଟି ଜନ ଶୁଣାଣି ହୋଇଛି। ପୂର୍ବ ନଅ'ଟି ପାଳିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛୁ ଏବଂ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଗୁଡିକ ପ୍ରକ୍ରିୟା ଭିତରେ ଅଛି । ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୦ମ ପାଳି।



ଏହି ପାଳିରେ ପ୍ରାୟ ୧୦୦୦ ଜଣ ଅନଲାଇନ ଜରିଆରେ ପଂଜିକୃତ ଓ ଅଫଲାଇନରେ ପ୍ରାୟ ୪୦୦ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି । ସିଙ୍ଗିଲ୍ ଓ୍ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ୧୮ ଜଣଙ୍କୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ । କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ । ସମସ୍ତଙ୍କ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବ ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ । ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମ ସନ୍ତୋଷର ଚିହ୍ନ । ଅଭିଯୋଗକାରୀଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ଦୀପ୍ତିରାଣୀ ପାଢ଼ୀ । ସେ ତାଙ୍କ ପେନ୍ସନ ସଂକ୍ରାନ୍ତୀୟ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ସମସ୍ୟା ଶୁଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମତୀ ପାଢ଼ୀ ଗଭୀର ଆତ୍ମସନ୍ତୋଷର ସହ ଘରକୁ ଫେରିଥିଲେ । ସେହିପରି ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲ ର କିଛି ବାସିନ୍ଦା ଆସିଥିଲେ ଡୁଙ୍ଗୁରିବାହାଲ ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା କରାଇବା ପାଇଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହାର ସମାଧାନ ପାଇଁ । ମୁଖ୍ୟମନ୍ତ୍ରୀଙ୍କ ଠୁ ଆଶ୍ୱାସନା ପାଇ ସେମାନେ ଖୁସି ମନରେ ଫେରିଥିଲେ । ଏହିପରି ଜଣେ ପରେ ଜଣେ ଅଭିଯୋକାରୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କୁ ଭେଟି ଭରସା ଓ ସନ୍ତୋଷ ନେଇ ଫେରୁଥିଲେ । ସମସ୍ତଙ୍କ ମୁହଁରେ ଥିଲା ଖୁସିର ଲହରୀ କାରଣ ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ ସମସ୍ୟା ଶୁଣିଛନ୍ତି ଓ ସମାଧାନର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂହ, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ ।

## ପୋପ୍ ଫ୍ରାନସିସଙ୍କ ପରଲୋକ



ନୂଆଦିଲ୍ଲୀ, ୨୧/୪: ଖ୍ରୀଷ୍ଟ ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ତଥା ଭାଟିକାନ ସିଟିର ପୋପ ଫ୍ରାନସିସଙ୍କ ପରଲୋକ ଘଟିଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ୨୦୧୩ର ପୋପ ବେନେଡିକ୍ଟ ଷୋଡ଼ଶ ଏହି ପବିତ୍ର ପଦବୀରୁ ଇସ୍ତଫା ଦେବା ପରେ ଜର୍ଜ ମାରିଓ ବର୍ଗୋଗ୍ଲିଓ(ପୋପ ଫ୍ରାନସିସ) ୨୬୬ ତମ ପୋପ ଭାବେ ମନୋନୀତ ହୋଇଥିଲେ। ରୋମାନ କ୍ୟାଥୋଲିକ ଚର୍ଚ୍ଚର ନେତୃତ୍ୱ ନେବାରେ ସେ ପ୍ରଥମ ଲାଟିନ ଆମେରିକୀୟ ଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ସେ ବ୍ରୋଙ୍କାଇଟିସରେ ଆକ୍ରାନ୍ତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଗତ ଫେବୃୟାରୀ ୧୪ରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ପରବର୍ତ୍ତୀ ସମୟରେ ଫେବୃୟାରୀ ୧୭ରେ ତାଙ୍କଠାରେ ସଂକ୍ରମଣ ମାତ୍ରା ବୃଦ୍ଧି ପାଇବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବ୍ରୋଙ୍କାଇଟିସ ବ୍ୟତୀତ ତାଙ୍କଠାରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ପରିଲକ୍ଷିତ ହୋଇଥିଲା, ଯାହାଫଳରେ ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇପାରି ନ ଥିଲେ। ପୋପ ଫ୍ରାନସିସଙ୍କ ମୃତ୍ୟୁ ପରେ ବିଶ୍ୱବ୍ୟାପୀ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ରାଷ୍ଟ୍ରର ନେତାମାନେ ପୋପଙ୍କ ମୃତ୍ୟୁରେ ଗଭୀର ଶୋକପ୍ରକାଶ କରିଛନ୍ତି।

## ଝାରସୁଗୁଡ଼ାରେ ୪୫ ଟପିଲା ପାରଦ

ଭୁବନେଶ୍ୱର, ୨୧/୪: ରାଜ୍ୟରେ ତାପମାତ୍ରା ବଢିବାରେ ଲାଗିଛି । ପଶ୍ଚିମ ଓଡ଼ିଶାରେ ଦିନକୁ ଦିନ ଅଧିକ ତାପମାତ୍ରା ପରିଲକ୍ଷିତ ହେଉଛି । ଆଜି ଝାରସୁଗୁଡ଼ାରେ ତାପମାତ୍ରା ୪୫ ଡିଗ୍ରୀ ପାର୍ କରିଛି । ଝାରସୁଗୁଡ଼ାରେ ତାପମାତ୍ରା ସର୍ବାଧିକ ୪୫.୪ ଡିଗ୍ରୀ ରେକର୍ଡ କରାଯାଇଛି । ଏହା ସହିତ ଚଳିତ ବର୍ଷ ପ୍ରଥମ ଥର ପାଇଁ ତାପମାତ୍ରା ୪୫ ଡିଗ୍ରୀ ପାର୍ କରିଛି । ସେହିଭଳି ସମ୍ବଲପୁର ୪୩, ହୀରାକୁଦ ୪୨.୪, ରାଉରକେଲା ୪୨, କେନ୍ଦୁଝର ୩୮.୩, ଚାନ୍ଦବାଲି ୩୮.୨, ବାଲେଶ୍ୱରରେ ୩୭ ଡିଗ୍ରୀ ତାପମାତ୍ରା ରହିଥିଲା । ଆଜି ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ ହୋଇଛି ।

## ନିପାତ ହେଲେ ୬ ମାଓବାଦୀ

ଝାଡ଼ଖଣ୍ଡ, ୨୧/୪: ବୋକୋରୋ ଜିଲାରେ ବଡ଼ ଧରଣର ଏନକାଉଣ୍ଟର ହୋଇଥିବା ସୂଚନା ମିଳିଛି। ଝାଡ଼ଖଣ୍ଡ ବୋକାରୋ ଜିଲାର ଲଲ୍ ପାନିଆ ଅଞ୍ଚଳ ଲୁଗୁ ପାହାଡ଼ରେ ଯବାନ ଓ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଯବାନଙ୍କ ଏନକାଉଣ୍ଟରେ ୬ଜଣ ମାଓବାଦୀଙ୍କ ନିହତ ହୋଇଛନ୍ତି। ମାଓବାଦୀଙ୍କ ଠାରୁ ଏସଏଲଆର, ୨ଟି ଇନସାସ ରାଇଫଲ,ପିସ୍ତଲ ସହ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି ଏବଂ ସର୍ଚ୍ଚ ଅପରେସନ ଜାରି ରହିଥିବା ସୂଚନା ମିଳିଛି।



# ପୁଣି ଇତିହାସ ରଚିଲା ଇସ୍ରୋ

## ସଫଳତାର ସହ ମହାକାଶରେ ଯୋଡି ହେଲା ୨ଟି ଉପଗ୍ରହ



ନୂଆଦିଲ୍ଲୀ, ୨୧/୪: ସୋମବାର ଇତିହାସ ରଚି ଇସ୍ରୋ ମହାକାଶ କ୍ଷେତ୍ରରେ ଆଉ ଏକ ଉପଲବ୍ଧି ହାସଲ କରିଛି । ଇସ୍ରୋ ୨ଟି ଉପଗ୍ରହକୁ ସଲଗ୍ନ କରିବା(ସ୍ପେଡେକ୍ସ) ମିଶନରେ ଦ୍ୱିତୀୟ ଥର ଉପଗ୍ରହର ଡକିଂ ସଫଳତାପୂର୍ବକ ପୁରା କରିଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏନେଇ ସୂଚନା ଦେଇଛନ୍ତି । କୌଣସି ଏକ ମିଶନକୁ ସଫଳ କରିବା ପାଇଁ ରକେଟ କିମ୍ବା ମହାକାଶକୁ ପଠାଯାଇଥିବା କୌଣସି ଯାନକୁ ମହାକାଶରେ 'ଡକିଂ'ର ଆବଶ୍ୟକତା ପଡିଥାଏ । ଏହି କୌଶଳରେ ୨ବା ଊର୍ଦ୍ଧ୍ୱ ମହାକାଶ ଯାନକୁ ଏକାଠି ଯୋଡି ବା କକ୍ଷରେ ଏକାଠି ବଡ ଷ୍ଟ୍ରକ୍ଚର ନିର୍ମାଣ ଓ ସାମଗ୍ରୀର ନେବା ଆଣିବାରେ ବ୍ୟବହାର କରାଯାଏ । ଏହି କୌଶଳ ଫଳରେ ନିଜର ମହାକାଶ ଷ୍ଟେସନ ନିର୍ମାଣ ଏବଂ ଚନ୍ଦ୍ରଯାନ-୪ ଅଭିଯାନର ସଞ୍ଚାଳନ କରିବାରେ ସାହାଯ୍ୟ ମିଳିବ ।ଇସ୍ରୋ ଗତ ବର୍ଷ ୩୦ ଡିସେମ୍ବରରେ ସ୍ପେଡେକ୍ସ ମିଶନ ଆରମ୍ଭ କରିଥିଲା ଏବଂ ମହାକାଶରେ ଡକିଂ ସମ୍ପର୍କିତ ପରୀକ୍ଷଣ ପାଇଁ ୨ଟି ଉପଗ୍ରହ ଏସଡିଏକ୍ସ୦୧ ଓ ଏସଡିଏକ୍ସ୦୨କୁ କକ୍ଷରେ ସ୍ଥାପନ କରାଯାଇଥିଲା । ମନ୍ତ୍ରୀ ସିଂହ କହିଛନ୍ତି କି ପିଏସଏଲଭି-ସି୬୦/ ସ୍ପେଡେକ୍ସ ମିଶନକୁ ୩୦ ଡିସେମ୍ବର ୨୦୨୪କୁ ସଫଳତାପୂର୍ବକ ଆରମ୍ଭ କରାଯାଇଥିଲା । ଏହା ପରେ ଉପଗ୍ରହକୁ ପ୍ରଥମ ଥର ୧୬ ଜାନୁୟାରୀ ୨୦୨୫ରେ ସକାଳ ୬ଟା ୨୦ ମିନିଟରେ ଡକ୍ ଓ ୧୩ ମାର୍ଚ୍ଚ ୨୦୨୫ରେ ସକାଳ ୯ଟା ୨୦ ମିନିଟରେ ସଫଳତା ପୂର୍ବକ ଅନଡକ୍(ଉପଗ୍ରହକୁ ଅଲଗା କରିବାର ପ୍ରକ୍ରିୟା) କରାଯାଇଥିଲା । ଆଗାମୀ ୨ ସପ୍ତାହରେ ଆଗକୁ ଥିବା ଯୋଜନା ପ୍ରସ୍ତୁତ ହେବା ନେଇ ସେ ସୂଚନା ଦେଇଛନ୍ତି । କହିରଖୁଛୁ ଆମେରିକା, ଋଷ୍ ଓ ଚୀନ୍ ପରେ ଭାରତ ମହାକାଶରେ ଡକିଂ ସମ୍ପର୍କିତ ପରୀକ୍ଷା କରିଥିବା ଚତୁର୍ଥ ଦେଶ ପାଲଟିଯାଇଛି ।

# ସାମଗ୍ରିକ ବିକାଶ ପାଇଁ କୋରାପୁଟକୁ ମିଳିଲା ପ୍ରଧାନମନ୍ତ୍ରୀଙ୍କ ଉତ୍କର୍ଷ ପୁରସ୍କାର



ନୂଆଦିଲ୍ଲୀ, ୨୧/୪: ସୋମବାର ପ୍ରଶାସନିକ ସେବା ଦିବସ ଅବସରରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାକୁ ସାମଗ୍ରିକ ବିକାଶ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଉତ୍କର୍ଷ ପୁରସ୍କାର ମିଳିଛି। କୋରାପୁଟ ଜିଲ୍ଲାପାଳ ଓ୍ୱି କୀର୍ତ୍ତି ଓ୍ୱାସନ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। କୋରାପୁଟ ଜିଲ୍ଲାରେ ସାମାଜିକ ବିକାଶମୂଳକ କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିବା ସହ ଯୋଜନାର ସୁଫଳ ଯେଭଳି ସମସ୍ତଙ୍କ ନିକଟରେ ପହଂଚି ପାରିବ ସେ କ୍ଷେତ୍ରରେ ସଫଳତା ଯୋଗୁ ଏହି ପୁରସ୍କାର ମିଳିଛି। ପୁରସ୍କାର ଗ୍ରହଣ କରିବା ପରେ କୋରାପୁଟ ଜିଲ୍ଲାପାଳ କହିଛନ୍ତି, ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ଯେପରି ଶେଷ ମାଇଲରେ ପହଞ୍ଚିବ ସେଥିପାଇଁ ନିଆଯାଇଥିବା ଅନେକ ଅଭିନବ ପଦକ୍ଷେପର ପରିଣାମ ହେଉଛି ଏହି ମାନ୍ୟତା। ହର ଘର ଜଲ ଯୋଜନା, ପିଏମ ଆବାସ ଯୋଜନା (ସହରାଞ୍ଚଳ ଓ ଗ୍ରାମୀଣ), ମିଶନ ଇନ୍ଦ୍ରଧନୁଷ, ପିଏମ-ଜନ ଆରୋଗ୍ୟ ଯୋଜନା, ପିଏମ ଉଜ୍ଜ୍ୱଳା ଯୋଜନା, ପିଏମ ସ୍ୱନିଧି, ପିଏମ ମାତୃ ବନ୍ଦନା ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା, ପିଏମ ପୋଷଣ ଯୋଜନା ଏବଂ କିଷାନ କ୍ରେଡିଟ୍ କାର୍ଡ ଯୋଜନା ଭଳି ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟକାରିତା ଏହି ମାନ୍ୟତା ପ୍ରଦାନରେ ସହାୟକ ହୋଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସଂସ୍ଥାଗତ ପ୍ରସବକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଛି ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ। ସେ କହିଛନ୍ତି, "ଆମେ ମା' ଗୃହ (ପ୍ରସୂତି ପ୍ରତୀକ୍ଷା ଗୃହ) ଚଳାଉଛୁ ଯେଉଁଠାରେ ଗର୍ଭବତୀ ମହିଳାମାନଙ୍କୁ ସେମାନଙ୍କ ସନ୍ତାନ ଜନ୍ମ ତାରିଖର ୧୫ ଦିନ ପୂର୍ବରୁ ମା' ଗୃହରେ ଭର୍ତ୍ତି କରାଯାଏ ଏବଂ ସୁରକ୍ଷିତ ଅନୁଷ୍ଠାନିକ ପ୍ରସବ ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଯତ୍ନ ସୁନିଶ୍ଚିତ କରାଯାଏ। ଏହାବ୍ୟତୀତ ପିଏମ୍ ପୋଷଣ ଯୋଜନା ଅଧୀନରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ସେବା ପ୍ରଦାନ କରୁଥିବା ବିଦ୍ୟାଳୟ ଓ ସରକାରଙ୍କ ଦ୍ୱାରା ପରିଚାଳିତ ଆବାସିକ ଅନୁଷ୍ଠାନରେ ବାଜରା ଭିତ୍ତିକ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଏହି ସଫଳତାକୁ ସାମୂହିକ ପ୍ରୟାସର ଫଳ ବୋଲି କହିବା ସହ ଏହା ଜିଲ୍ଲା ପ୍ରଶାସନର ସମସ୍ତ ସଦସ୍ୟଙ୍କୁ ନେଇ ଏକ ଦଳଗତ ପ୍ରୟାସ ବୋଲି ସେ କହିଛନ୍ତି। ଏହି ପୁରସ୍କାର ଆମ ଲୋକେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ଜାରି ରଖିବା ପାଇଁ ଏକ ବଡ଼ ପ୍ରେରଣା। ଏହି ପୁରସ୍କାର ସ୍ୱରୂପ ଏକ ଟ୍ରଫି ଏବଂ ୨୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି ଯାହା କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା କିମ୍ବା ସାର୍ବଜନୀନ ସେବା ଯୋଗାଣରେ ସମ୍ବଳ ଅଭାବ ପୂରଣ କରିବା ପାଇଁ ବ୍ୟବହୃତ ହେବ।

# ପିପିପି ମୋଡ୍‌ରେ ଚାଲିଛି ଉଚ୍ଚଶିକ୍ଷା

## ଖୋଲୁନି ନିୟମିତ କୋର୍ସ / ଖର୍ଚ୍ଚାନ୍ତ ହେଉଛନ୍ତି ପିଲା




ଭୁବନେଶ୍ୱର, ୨୧/୪: ସରକାରୀ ମହାବିଦ୍ୟାଳୟରେ ନିୟମିତ ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରିବାକୁ ଅଧ୍ୟାପକ ନାହାନ୍ତି। କେଉଁଠି ଜଣେ ଅଧ୍ୟାପକରେ ପାଠପଢ଼ା ଚାଲିଛି ତ ଆଉ କେଉଁଠି ୨୦୦ ପିଲାଙ୍କୁ ମାତ୍ର ଦୁଇ ଜଣ ଅଧ୍ୟାପକ। ଏମିତି କିଛି ବିଭାଗ ରହିଛି ଯେଉଁଠାରେ କେବଳ ଅତିଥି ଅଧ୍ୟାପକ ହିଁ ଭରସା। ଶିକ୍ଷାବର୍ଷ ଆରମ୍ଭରୁ ଅତିଥି ଅଧ୍ୟାପକ ନିଯୁକ୍ତି ନ କଲେ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଯାଉଛି। କେବଳ ଯେ ଅଧ୍ୟାପକ ସମସ୍ୟା ରହିଛି ତାହା ନୁହେଁ, ଭିତ୍ତିଭୂମି ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ନାହିଁ। ଶ୍ରେଣୀଗୃହ ଅଭାବରୁ କେତେକ କ୍ୟାମ୍ପସରେ ପାଳି କରି ପାଠପଢ଼ା ହେଉଛି। ତା'ସତ୍ତ୍ୱେ ରାଜ୍ୟରେ ସରକାର ପିପିପି ମୋଡ୍‌ରେ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଖୋଲିବାକୁ ?ଘରୋଇ ସଂସ୍ଥାକୁ ଅନୁମତି ଦେଇ ଚାଲିଛନ୍ତି। କୋଭିଡ୍ ପରବର୍ତ୍ତୀ ସମୟରେ ଏତେ ସଂଖ୍ୟକ ପାଠ୍ୟକ୍ରମ ଖୋଲିବାକୁ ଅନୁମତି ମିଳିଛି ଯେ ଏବେ ରାଜ୍ୟର ୧୨ଟି ସରକାରୀ ମହାବିଦ୍ୟାଳୟରେ ୬୭ଟି ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଚାଲିଛି। ଗୋଟିଏପଟେ ସରକାରୀ ମହାବିଦ୍ୟାଳୟରେ ଭିତ୍ତିଭୂମି ଅଭାବ ରହିଥିବାରୁ ନିୟମିତ ପାଠ୍ୟକ୍ରମ ଖୋଲାଯାଉ ନାହିଁ। ଆଉ ଅନ୍ୟପଟେ ପ୍ରତିବର୍ଷ ସେଲ୍ଫ ଫାଇନାନ୍ସିଂ ମୋଡ୍‌ରେ ପାଠ୍ୟକ୍ରମ ଖୋଲିବାକୁ ଘରୋଇ ସଂସ୍ଥାକୁ ଅନୁମତି ଦିଆଯାଉଛି। ପରିଣାମ ସ୍ୱରୂପ ସରକାରୀ ଭିତ୍ତିଭୂମି ବ୍ୟବହାର କରି ଘରୋଇ ସଂସ୍ଥା ମାଲାମାଲ୍ ହେଉଛନ୍ତି ଏବଂ ପିଲାମାନେ ପ୍ରତିବର୍ଷ ଚଢ଼ା ଫି' ଗଣି ଖର୍ଚ୍ଚାନ୍ତ ହେଉଛନ୍ତି। ଉଚ୍ଚଶିକ୍ଷା ବିଭାଗ ତଥ୍ୟ କହୁଛି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସର୍ବାଧିକ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଚାଲୁଛି। ଏଠାରେ ୩ଟି ସଂସ୍ଥା ୧୪ଟି ପିଜି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଉଛନ୍ତି। ବିଭିନ୍ନ ପାଠ୍ୟକ୍ରମ ପାଇଁ ପ୍ରତିବର୍ଷ ପିଲାଙ୍କଠାରୁ ୨୫ରୁ ୪୦ ହଜାର ଟଙ୍କା ଲେଖାଏଁ ଫି' ନିଆଯାଉଛି। ନାମକରା କଲେଜ ହୋଇଥିଲେ ମଧ ନିୟମିତ ପିଜି ବିଭାଗ ନ ଖୋଲି ରାଜ୍ୟ ସରକାର ଘରୋଇ ସଂସ୍ଥା ହାତରେ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ଟେକି ଦେଇଛନ୍ତି। ଭଦ୍ରକ ମହାବିଦ୍ୟାଳୟ ତଳକୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ରହିଛି, ଯେଉଁଠାରେ ପିପିପି ମୋଡ୍‌ରେ ୧୩ଟି କୋର୍ସ ଚାଲୁଛି। ଯେଉଁଥିରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଓ ଏମ୍‌ସିଏ, ଇଟିସି ଓ ବାୟୋଇନ୍‌ଫର୍ମେଟିକ୍ସରେ ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସି, ଏମ୍‌ଜେଏମ୍‌ସି, ଆଇଟି ମ୍ୟାନେଜ୍‌ମେଣ୍ଟରେ ବି.ଏସ୍‌ସି ଓ ଏମ୍.ଏସ୍‌ସି, ଏମ୍.କମ୍(ଫାଇନାନ୍ସ ଆଣ୍ଡ କେଣ୍ଟ୍ରାଲ୍), ଏମ୍‌ଏ ଇନ୍ ପିଏମ୍‌ଆଇଆର, ଏମ୍‌ଏ ଇନ୍ ଟୁରିଜିମ୍ ମ୍ୟାନେଜ୍‌ମେଣ୍ଟ, ବିଏଏଲ୍‌ଏଲ୍‌ବି, ଏଲ୍‌ଏଲ୍‌ଏମ୍, ଏମ୍‌ବିଏ(ଏଗ୍ରି ବିଜନେସ୍) ପାଠ୍ୟକ୍ରମ ରହିଛି। ରାଜ୍ୟର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏତିକି ସଂଖ୍ୟକ ପାଠ୍ୟକ୍ରମ ଏପର୍ଯ୍ୟନ୍ତ ଖୋଲିପାରି ନାହିଁ। ଏହାବ୍ୟତୀତ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ୭ଟି, ଫକୀରମୋହନ ସ୍ୱୟଂଶାସିତ କଲେଜରେ ୬ଟି, ରାଜଧାନୀ କଲେଜ, ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜ, ବ୍ରହ୍ମପୁରସ୍ଥିତ ଶଶିଭୂଷଣ ରଥ ସରକାରୀ ମହିଳା କଲେଜ, ଅନୁଗୁଳ ସରକାରୀ ସ୍ୱୟଂଶାସିତ କଲେଜ, ରାୟଗଡ଼ା ମଡେଲ୍ ଡିଗ୍ରି କଲେଜରେ ୪ଟି ଲେଖାଏଁ ପାଠ୍ୟକ୍ରମ ଖୋଲିଛି। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ ଏସ୍‌ସିଏସ୍ ସ୍ୱୟଂଶାସିତ କଲେଜରେ ୩ଟି ଲେଖାଏଁ ଓ ଆସ୍କାସ୍ଥିତ ନିରଞ୍ଜନ ସରକାରୀ ମହିଳା କଲେଜରେ ପିପିପି ମୋଡ୍‌ରେ ଗୋଟିଏ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ଶିକ୍ଷାଦାନ ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପିପିପି ମୋଡ୍‌ରେ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ଶିକ୍ଷାଦାନ ହେଉଥିଲେ ମଧ୍ୟ ତାହାର ନିୟମିତ ତଦାରଖ ହେଉ ନାହିଁ। ଅନୁମୋଦିତ ସିଟ୍ ଅନୁଯାୟୀ ପିଲା ନାମ ଲେଖାଇଛନ୍ତି କି ନାହିଁ, ନିୟମିତ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି କି ନାହିଁ ସେନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉ ନାହିଁ। ଯେଉଁଠି ସହକାରୀ ପ୍ରଫେସର ଯୋଗ୍ୟତାଧାରୀ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ ପିଲାଙ୍କୁ ଶିକ୍ଷା ପ୍ରଦାନ କରିବା କଥା ସେଠାରେ ପିଜିରେ ଉତ୍ତୀର୍ଣ୍ଣ ହେଉଥିବା ପିଲାମାନେ ପଢ଼ାଉଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟର ପ୍ରତିଟି ମହାବିଦ୍ୟାଳୟରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ଗର୍ଭପାତ ପାଇଁ ରାଜି ହେଲାନି ପ୍ରେମିକା, ପଥରରେ ଛେଚି ହତ୍ୟା କଲା ପ୍ରେମିକ

ମାଲକାନଗିରି, ୨୧/୪: ମାଲକାନଗିରି ଥାନା ଅନ୍ତର୍ଗତ ଚାଲାଣଗୁଡା ପଞ୍ଚାୟତର ରେଙ୍ଗାବନ୍ଧ ଗ୍ରାମ ଜଙ୍ଗଲ ନିକଟରେ ଏକ ସପ୍ତାହ ତଳେ ଜଣେ ଯୁବତୀଙ୍କ ଗଳିତ ମୃତଦେହ ପଡି ରହିଥିବା ସ୍ଥାନୀୟ ଅଂଚଳର ଲୋକେ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ତତ୍ତ୍ୱାବଧାନରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣା ସ୍ଥଳରୁ କିଛି ପୋଷାକ, ଚପଲ ଜବତ ହୋଇଥିବା ବେଳେ ଶରୀରଟି ପଚି ନଷ୍ଟ ହୋଇଯାଇଥିବାରୁ ପରିଚୟ ଚିହ୍ନଟ ହୋଇପାରିନଥିଲା। ଏନେଇ ପୁଲିସ ପକ୍ଷରୁ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଥିଲା। ଆଜି ମାଲକାନଗିରି ପୁଲିସ ପକ୍ଷରୁ ଏହି ମୃତ୍ୟୁର ପର୍ଦ୍ଦାଫାସ କରିଛି। ମାଲକାନଗିରି ପୁଲିସ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇ କୁହାଯାଇଛି ଯେ ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା ଅନ୍ତର୍ଗତ ସିନ୍ଧିଗଡ଼ ପୁଲିସ ଷ୍ଟେସନ ଅନ୍ତର୍ଗତ ପାଣ୍ଡୁମ ଗାଁର ଯୁବକ ଉମେଶ ନାଗ(୨୦) ମର୍ତ୍ତୃଣ୍ଡା ଗାଁର ଯୁବତୀ ମଙ୍ଗଳ ଦେଇ ନାଗ(୨୫)ଙ୍କ ସହ ଗତ ୧ ବର୍ଷ ହେଲା ପ୍ରେମ ସଂପର୍କ ରହିଆସିଥିଲା। ପ୍ରେମ ସମ୍ପର୍କ ଧୀରେଧୀରେ ଶାରିରୀକ ସମ୍ପର୍କରେ ପରିଣତ ହେବାରୁ ଯୁବତୀ ଜଣଙ୍କ ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ଯୁବକ ଜଣକ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା କରିବା ସହ ଗର୍ଭ ନଷ୍ଟ ପାଇଁ ଯୁବତୀଙ୍କୁ କହିଥିଲେ। ଏନେଇ ଡାକ୍ତରଙ୍କୁ ମଧ୍ୟ ଗର୍ଭନଷ୍ଟ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଡାକ୍ତର ଗର୍ଭପାତ କରିବା ପାଇଁ ସଂପୂର୍ଣ୍ଣ ମନା କରିଦେଇଥିଲେ। ଅନ୍ୟଦିଗରେ ଯୁବତୀ ଜଣଙ୍କ ଗର୍ଭନଷ୍ଟ ନକରି ବାହା ହେବାକୁ ଜିଦ ଧରିବା ପରେ ଯୁବକ ଜଣକ ଉକ୍ତ ଯୁବତୀଙ୍କୁ ମାଲକାନଗିରି ସୀମାନ୍ତ ଚାଲାଣଗୁଡା ଗାଁ ନିକଟରେ ପଥରରେ ଛେଚି ହତ୍ୟା କରିବା ସହ ରେଙ୍ଗାବନ୍ଧ ଜଙ୍ଗଲରେ ଫିଙ୍ଗି ଦେଇଥିଲା। ଆଜି ମାଲକାନଗିରି ଏସପି ବିନୋଦ ପଟିଲ ଏଚ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ପର୍ଦ୍ଦାଫାସ କରି ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମାଲକାନଗିରି ପୁଲିସ ତରଫରୁ ଅଭିଯୁକ୍ତ ଉମେଶ ନାଗଙ୍କୁ ଗିରଫ କରାଯାଇଥିବା କୁହାଯାଇଥିଲା। ଏହି କେଶଟିକୁ ଆଇଆଇସି ରିଗାନ କିଣ୍ଡୋ ସହ ଏସଆଇ କୃତିବାସ ବେହେରା ତଦନ୍ତ କରୁଥିଲେ।

# ଆତ୍ମଘାତୀ ହେଉଛି ଅନ୍‌ଲାଇନ୍ ଗେମ୍

## ୭ ଲକ୍ଷ ହରାଇ ଫ୍ୟାନ୍‌ରେ ଝୁଲିପଡ଼ିଲେ

ଭୁବନେଶ୍ୱର, ୨୧/୪: ଅନ୍‌ଲାଇନ୍ ଗେମ୍ ଖେଳିବା ବେଶ୍ ବିପଜ୍ଜନକ ହୋଇଥିଲେ ହେଁ ଆଜିକାଲିର ଯୁବପିଢ଼ି ସେଥିପ୍ରତି ବେଶି ଆଗ୍ରହ ଦେଖାଉଥିବା ପରିଲକ୍ଷିତ ହେଉଛି। ଏହି ଅତ୍ୟାଧୁନିକ ଜୁଆଖେଳକୁ ନେଇ ଆଜି ରାଜଧାନୀରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ୨୩ ବର୍ଷୀୟ ଯୁବକ ଏହି ଖେଳରେ ୭ଲକ୍ଷ ଟଙ୍କା ହରାଇବା ପରେ ନିଜ ଜୀବନ ହାରିଦେଇଛନ୍ତି। ମୃତ ଯୁବକ ହେଲେ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଚମ୍ପାପୋଖରୀ ଅଞ୍ଚଳରେ ରହୁଥିବା ବିରଞ୍ଚି ନାୟକଙ୍କ ପୁଅ ବିକାଶ। ଧାରକରଜ ଶୁଝିବା ପରିସ୍ଥିତି ନଥିବାରୁ ମାନସିକ ଭାରସାମ୍ୟ ହରାଇ ବିକାଶ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିକାଶ ଏକ ଘରୋଇ ସଂସ୍ଥାରେ ପାଥୋଲୋଜି ଟେକ୍‌ନିସିଆନ୍ ଭାବେ କାମ କରୁଥିଲେ। କିନ୍ତୁ ସେ ଅଧିକ ଅର୍ଥ ଉପାର୍ଜନ ଲକ୍ଷ୍ୟରେ ଅନ୍‌ଲାଇନ୍ ଗେମ୍‌ରେ ମୁଣ୍ଡ ପୂରାଇଥିଲେ। ନିଜ ପାଖରେ ଥିବା ସମସ୍ତ ସଂଚିତ ଅର୍ଥ



ହରାଇବା ସତ୍ତ୍ୱେ ସେ ଏହି ଖେଳ ଛାଡ଼ିପାରି ନଥିଲେ। ବରଂ ଅନ୍‌ଲାଇନ୍ ଗେମ୍ ନିଶା ତାଙ୍କୁ ବେଶି ବେଶି ଘାରିଥିଲା। ତେଣୁ ସେ ଧାରକରଜ କରିବା ଆରମ୍ଭ କରିଦେଲେ ଏବଂ ଏମିତିରେ ୩ ଲକ୍ଷ ଟଙ୍କା ହରାଇଥିଲେ। କରଜଦାତାମାନେ ବିକାଶଙ୍କୁ ବାରମ୍ବାର ଟଙ୍କା ମାଗିବାରୁ କଥା ପରିବାର ଲୋକଙ୍କ କାନକୁ ଆସିଲା। ବିକାଶଙ୍କ ମା ମରିପଡ଼ି କରଜ ଟଙ୍କା ଶୁଝିବେ ବୋଲି ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଆଉ ଏହି ଗେମ୍ ନ ଖେଳିବାକୁ ବିକାଶକୁ ତାଗିଦ କରିଥିଲେ। କିନ୍ତୁ କିଛି ଦିନ ପରେ ବିକାଶ ପୁଣି ଏହି ଜୁଆଖେଳରେ ମାତିଲେ ଏବଂ କରଜ କରିଥିବା ୪ଲକ୍ଷ ଟଙ୍କା ବୁଡ଼ିଗଲା। କଥା ଲୁଚି ରହିଲା ନାହିଁ। ଏହାପରଠୁ ବିକାଶଙ୍କ ମାନସିକ ଅବସ୍ଥା ବିଗିଡ଼ିବାରେ ଲାଗିଲା। ସେ ବହୁ ସମୟରେ ନିରବ ରହୁଥିଲେ। ଆଜି ଘରେ କେହି ନଥିବା ବେଳେ ସେ ଫ୍ୟାନ୍‌ରେ ଝୁଲିପଡ଼ିଥିଲେ। କୌଣସି କାମରେ ବାହାରେ ଥିବା ବିକାଶଙ୍କ ମା ବାରମ୍ବାର ଫୋନ୍ କରିଥିଲେ ହେଁ ସେ ଜବାବ ଦେଇ ନଥିଲେ। ତେଣୁ ବିକାଶଙ୍କ ମା ଜଣେ ପଡ଼ୋଶୀଙ୍କୁ ଘଟଣା କ'ଣ ବୁଝିବାକୁ ଫୋନ୍ କରିଥିଲେ। ପଡ଼ୋଶୀଜଣକ ବିକାଶଙ୍କ ଘରକୁ ଯାଇ ଝରକା ବାଟେ ଏହି ଅଘଟଣ ଦେଖି ନିର୍ବାକ୍ ହୋଇଯାଇଥିଲେ। ସଙ୍ଗେସଙ୍ଗେ ସ୍ଥାନୀୟ ଅଞ୍ଚଳରେ ହୁରି ପଡ଼ିଯାଇଥିଲା। ବିକାଶଙ୍କ ମା ଆସିବା ପରେପରେ ଖବର ପାଇ ଲକ୍ଷ୍ମୀସାଗର ଥାନା ପୁଲିସ ପହଞ୍ଚିଥିଲା ଏବଂ ମୃତଦେହ ଜବତ କରାଯାଇଥିଲା। ପୁଲିସ ବିକାଶଙ୍କ ମୋବାଇଲ୍ ଫୋନ୍ ଜବତ କରି ଅଧିକ ଖୋଳତାଡ଼ ଚଳାଇଛି।

### ତଣ୍ଟି କାଟି ଆତ୍ମହତ୍ୟା ଉଦ୍ୟମ



ଜଳେଶ୍ୱର, ୨୧/୪: ଅନ୍‌ଲାଇନ୍ ଗେମ୍ ଖେଳି ୫ ଲକ୍ଷ ଟଙ୍କା ହରାଇବାରୁ ଜଣେ ସଫ୍ଟୱେର ଇଞ୍ଜିନିୟର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଚମାରଗାଁ ପଞ୍ଚାୟତ ତେଘରୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାୟଙ୍କ ପୁଅ ସର୍ବଜିତ(୪୪)। ସେ ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସର୍ବଜିତ ଚେନ୍ନାଇସ୍ଥିତ ଏକ ଘରୋଇ କମ୍ପାନିରେ ଚାକିରି କରିଥିଲେ। ୧୦ ବର୍ଷ ହେଲା ଚାକିରି ଛାଡ଼ି ଗାଁରେ ଟ୍ୟୁସନ୍ ପଢ଼ାଇ ଚଳୁଥିଲେ। କିଛିଦିନ ହେଲା ସେ ଅଧିକ ରୋଜଗାର ନିଶାରେ ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ସର୍ବଜିତ ଜୁପି ଅନ୍‌ଲାଇନ୍ ଗେମ୍ ଖେଳି ପ୍ରଥମେ ୨୦ ହଜାର ଟଙ୍କା ହରାଇଥିଲେ। ସେହି କ୍ଷତି ଭରଣା କରିବା ଲୋଭରେ ବାରମ୍ବାର ଖେଳି ପାଖାପାଖି ୫ ଲକ୍ଷ ଟଙ୍କା ହରାଇ ସାରିଲେଣି। ଆଜି ସକାଳେ ସେ ବିଚଳିତ ହୋଇ ନିଜ ତଣ୍ଟି ଓ ବାମ ହାତର ଶିରାକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲ ଓ ସେଠାରୁ ଫକୀରମୋହନ ମେଡ଼ିକାଲ କଲେଜ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସର୍ବଜିତ ବିବାହିତ; ୮ ବର୍ଷ ହେଲା ତାଙ୍କ ପତ୍ନୀ ଓ ୭ ବର୍ଷର ଝିଅ ଅଲଗା ରହୁଛନ୍ତି।

# ଲୋୟର ସୁକତେଲ୍‌କୁ ଭରସା ପାଉନି

## ପାଣି ମାଡୁନି, ତଳମୁଣ୍ଡରେ ଜମି ବିକିଲେଣି ଆନ୍ଧ୍ର ଚାଷୀ

ବଲାଙ୍ଗୀର, ୨୧/୪: ଯେଉଁଠି ନୂଆ ଜଳଭଣ୍ଡାର ଏବଂ କେନାଲ ସୁବିଧା ହେଲା, ଆନ୍ଧ୍ର ଚାଷୀମାନେ ତାର ଭରପୂର ଫାଇଦା ଉଠାନ୍ତି। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ କେନାଲ, ଜଳଭଣ୍ଡାର ପାର୍ଶ୍ୱବର୍ତ୍ତୀ ଜମିଗୁଡ଼ିକୁ ଆଖିବୁଜା କିଣିନିଅନ୍ତି। ହୀରାକୁଦ ଜଳଭଣ୍ଡାର କ୍ଷେତ୍ରରେ ଠିକ ସେମିତି ଦେଖିବାକୁ ମିଳିଥିଲା। ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ୍ ପ୍ରକଳ୍ପରେ ବି ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ୨୦୨୪ ମସିହା ଜାନୁଆରି ମାସରେ ଉଦ୍‌ଘାଟିତ ହୋଇଥିଲା ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ୍ ପ୍ରକଳ୍ପ। ଏହାର ଢେର ପୂର୍ବରୁ ଆନ୍ଧ୍ର ଚାଷୀମାନେ ନଦୀବନ୍ଧର ତଳମୁଣ୍ଡାରେ ଚାଷ ଜମିଗୁଡ଼ିକ କିଣି ନେଇଥିଲେ। ହୀରାକୁଦ ସେଚାଞ୍ଚଳରେ ମାତ୍ରାଧିକ କୀଟନାଶକ ପ୍ରୟୋଗ ଓ ବାରମ୍ବାର ଧାନଚାଷ ଯୋଗୁଁ ଜମିର ଉର୍ବରତା କମୁଥିବା ଦେଖି ବହୁ ଆନ୍ଧ୍ର ଚାଷୀ ଲୋୟର ସୁକତେଲ୍ ପ୍ରକଳ୍ପ ଉପରେ ନଜର



ପକାଇଥିଲେ। କିନ୍ତୁ ଏହି ପ୍ରକଳ୍ପ କେବେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ। ତେଣୁ ଆନ୍ଧ୍ର ଚାଷୀମାନେ ମୁଣ୍ଡରେ ହାତ ଦେଲେଣି। ଲୋୟର ସୁକତେଲ୍ ତଳମୁଣ୍ଡରେ ରହିଛି ଲୋଇସିଂହା ବ୍ଲକ୍‌ର ମନହୀରା ଗାଁ। ୨୦୨୦ ମସିହାରୁ ଏଠାରେ ଆନ୍ଧ୍ର ଚାଷୀମାନେ ଏକର ପିଛା ୨୫ରୁ ୩୦ ହଜାର ଟଙ୍କାରେ ଜମି କିଣିଥିଲେ। ମାଷ୍ଟରପ୍ଲାନ୍ ଅନୁସାରେ ଏ ଅଞ୍ଚଳର ଜମିକୁ ପାଣି ମାଡ଼ିବା କଥା। ହେଲେ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲେ ହେଁ ନିର୍ଦ୍ଧାରିତ ସମୟରେ ପାଣି ମାଡ଼ିନାହିଁ। ତେଣୁ ଆନ୍ଧ୍ର ଚାଷୀ ଜମିଗୁଡ଼ିକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବା ଆରମ୍ଭ କଲେଣି। ଏକର ପିଛା ୪୦ରୁ ୪୫ ହଜାର ଟଙ୍କାରେ ଜମି ବିକି ସେମାନେ ଅନ୍ୟତ୍ର ଜମି ଖୋଜୁଛନ୍ତି। ଲୋଇସିଂହା ବ୍ଲକ୍‌ର କନ୍ଦାଜୁରୀ, ଝାରମୁଣ୍ଡା ଅଞ୍ଚଳରେ ମଧ୍ୟ ଆନ୍ଧ୍ର ଚାଷୀମାନେ ପ୍ରଚୁର ଜମି କିଣିଥିଲେ। ଖରିଦ୍ ପାଇଁ ଜମି ନ ମିଳିଲେ ସେମାନେ ଲିଜ୍ ଆକାରରେ ଜମି ନେଇଛନ୍ତି। ଲୋୟର ସୁକତେଲ୍ ପ୍ରକଳ୍ପରୁ ପାଣି ଆସୁନଥିବାରୁ ସେମାନେ କପାଟାଶ କରୁଛନ୍ତି ବୋଲି ଆନ୍ଧ୍ର ଚାଷୀ ଶୁକଦେବ ରାଓ ଆଲୋଚନା ବେଳେ କହିଛନ୍ତି। ପ୍ରକଳ୍ପ ଲୋକାର୍ପଣ ହୋଇଥିଲେ ସୁଦ୍ଧା ଚାଷୀ ଜଳସେଚନ ପାଇଁ ପାଣି ପାଇ ପାରୁନାହାନ୍ତି। ୨୦୨୪ ଖରିଫ୍ ବେଳକୁ ଜଳଭଣ୍ଡାରରୁ ପାଖାପାଖି ୫୦ ହଜାର ଏକର ଜମିକୁ ପାଣି ମାଡ଼ିବ ବୋଲି ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। କିନ୍ତୁ ଜଳଭଣ୍ଡାର ପ୍ରୋଟୋକଲ୍ ଦେଖିଲେ ୨୦୨୬ ବେଳକୁ ଯାଇ ଜଳଭଣ୍ଡାରରୁ ଜଳସେଚନ ସୁବିଧା ମିଳିବ। ତେବେ ଏ ସଂକ୍ରାନ୍ତରେ କାହା ପାଖରେ ବିଧିବଦ୍ଧ ସୂଚନା ନାହିଁ। ବର୍ଷାଭାବ ଯୋଗୁ ସୁକ୍‌ତେଲ୍‌ରେ ପାଣି ରହୁନଥିବାରୁ ଜଳଭଣ୍ଡାରରୁ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ତଳମୁଣ୍ଡକୁ ପାଣି ଯିବ ନା ନାହିଁ, ସେଥିରେ ବି ଗ୍ୟାରେଣ୍ଟି ନାହିଁ। ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହେବା ସହ ଟ୍ରାଏଲ୍‌ରନ୍ ନହେବା ଯାଏଁ କିଛି କହିହେବନି ବୋଲି ଅଧିକାରୀମାନେ କହୁଛନ୍ତି।

### ଇସ୍ରାଏଲରେ ଚାକିରି ଦେବା ନାଁରେ ଠକେଇ, ୩ ଗିରଫ

ଭୁବନେଶ୍ୱର, ୨୧/୪: ଇସ୍ରାଏଲରେ ଚାକିରି ଦେବା ନାଁରେ ଠକେଇ ଅଭିଯୋଗରେ କମିଶନରେଟ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜାଲ୍ ନିଯୁକ୍ତି ମେଳା କରି ଯୁବକଯୁବତୀଙ୍କୁ ଡକାଇ ସେମାନଙ୍କଠାରୁ ବିଭିନ୍ନ ବାବଦରେ ଟଙ୍କା ଠକେଇ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ସହିତ ୩ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ମୁମ୍ବଇର ବୋଲି ଜଣାପଡ଼ିଛି। ଏମାନେ ଭୁବନେଶ୍ୱରର ଏକ ହୋଟେଲ ବୁକ୍ କରି ସେଠାରେ ଜାଲ୍ ନିଯୁକ୍ତି ମେଳା କରୁଥିଲେ। କିଛି ଆଶାୟୀଙ୍କଠାରୁ ନିଯୁକ୍ତି ପାଇଁ ବିଭିନ୍ନ ପ୍ରକ୍ରିୟା ବାବଦରେ ପ୍ରାୟ ୭୦ ହଜାର ଟଙ୍କା ନେଇଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ଠକେଇ ପଛରେ ଆଉ କିଛି ଲିଙ୍କ ଅଛି କି ନାହିଁ ତାହାର ତଦନ୍ତ ଚଳାଇଛି।



## ଚୋରା ନିଶା କାରବାର: ଚିନ୍ତା ବଢ଼ାଉଛି ମହିଳାଙ୍କ ସମ୍ପୃକ୍ତି

### ଗିରଫ ୨.୧୭ ଲକ୍ଷଙ୍କ ମଧ୍ୟରୁ ୪୯,୫୯୮ ଜଣ ମହିଳା



ଭୁବନେଶ୍ୱର, ୨୧/୪: ରାଜ୍ୟରେ ବେଆଇନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ନିଶା ବେପାରୀମାନେ ବେଆଇନ୍ ଭାବେ ନିଶା କାରବାର କରି ରାଜ୍ୟ ସାରା କାୟା ବିସ୍ତାର କରି ଚାଲିଛନ୍ତି। ତେବେ ହଜାର ହଜାର ମହିଳାଙ୍କ ଏହି ନିଶା କାରବାରରେ ସମ୍ପୃକ୍ତି ଚିନ୍ତା ବଢ଼ାଇଛି। ସରକାରୀ ତଥ୍ୟ ଅନୁଯାୟୀ ବେଆଇନ ନିଶା କାରବାରରେ ରାଜ୍ୟରେ ଗତ ୬ ବର୍ଷରେ ମୋଟ ୨,୧୬,୯୯୮ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗିରଫ ମହିଳାଙ୍କ ସଂଖ୍ୟା ୪୯,୫୯୮। ଚୋରା ନିଶା କାରବାର କରୁଥିବା ମହିଳାମାନେ ସହଜରେ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଖସି ଯାଉଛନ୍ତି। ତଥ୍ୟ ମୁତାବକ ୨୦୧୯-୨୦ ବର୍ଷରେ ବେଆଇନ ନିଶା କାରବାର ଅଭିଯୋଗରେ ଗିରଫ ୨୧,୦୦୫ ଜଣ ମଧ୍ୟରୁ ୪,୪୦୪ ଜଣ ମହିଳା ଥିଲେ। ସେହିପରି ୨୦୨୦-୨୧ରେ ଗିରଫ ୧୮,୭୧୬ ଜଣଙ୍କ ମଧ୍ୟରୁ ୪,୩୬୭ ଜଣ ମହିଳା ଓ ୨୦୨୧-୨୨ରେ ଗିରଫ ୩୨,୧୦୭ ଜଣଙ୍କ ମଧ୍ୟରୁ ୭୧୦୭ ଜଣ ମହିଳା। ସେହିପରି ୨୦୨୨-୨୩ରେ ଗିରଫ ୪୭,୬୫୨ ଜଣଙ୍କ ମଧ୍ୟରୁ ୧୧,୦୭୪ ଜଣ ମହିଳା, ୨୦୨୩-୨୪ରେ ଗିରଫ ୫୦,୩୩୩ ଜଣଙ୍କ ମଧ୍ୟରୁ ୧୧,୫୦୧ ଜଣ ମହିଳା ଓ ୨୦୨୪-୨୫ ଫେବ୍ରୁଆରି ମାସ ପର୍ଯ୍ୟନ୍ତ ଗିରଫ ୪୭,୧୮୫ ଜଣଙ୍କ ମଧ୍ୟରୁ ୧୧,୧୪୫ ଜଣ ମହିଳା ଅଛନ୍ତି। ଗତ ୬ ବର୍ଷରେ ମୋଟ ୨ ଲକ୍ଷ ୧୬ ହଜାର ୯୯୮ ଜଣ ବେଆଇନ ନିଶା କାରବାରରେ ଗିରଫ ହୋଇଥିବା ବେଳେ ଏଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ୪୯ ହଜାର ଟପିଗଲାଣି। ସୁନ୍ଦରଗଡ଼ ଜିଲ୍ଲାରେ ବେଆଇନ ନିଶା କାରବାରରେ ସର୍ବାଧିକ ୧୦,୯୯୮ ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୧୦,୭୫୧ ଜଣ ଓ ବାଲେଶ୍ୱର ଜିଲ୍ଲାରେ ୧୦,୬୦୬ ଜଣ ଗିରଫ ହୋଇଛନ୍ତି। ବେଆଇନ ନିଶା କାରବାରରେ ମହିଳାମାନଙ୍କ ସମ୍ପୃକ୍ତି ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ମଦ ବେପାର ବନ୍ଦ ପାଇଁ ଗାଁ ଗାଁରେ ବିଭିନ୍ନ ମହିଳା ସଙ୍ଗଠନ ଆନ୍ଦୋଳନ କରୁଥିବା ବେଳେ ଏହି କାରବାରରେ ସଂପୃକ୍ତି ପାଇଁ ମହିଳାମାନେ ଗିରଫ ହେବା ଓଲଟା ଚିତ୍ର ପ୍ରଦାନ କରୁଛି।

## ନବ ଦାସଙ୍କ ହତ୍ୟାକାଣ୍ଡର ପୁଣି ସିବିଆଇ ତଦନ୍ତ ଦାବିକୁ ଦୋହରାଇଲେ ପୁଅ ବିଶାଳ ଦାସ

ଭୁବନେଶ୍ୱର, ୨୧/୪: ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡର ପୁଣି ସିବିଆଇ ତଦନ୍ତ ଦାବି ଦୋହରାଇଛନ୍ତି ନବ ଦାସଙ୍କ ପୁଅ ବିଶାଳ ଦାସ । ଏନେଇ ବିଶାଳ ଦାସ କହିଛନ୍ତି , ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ଅନୁରୋଧ କରିସାରିଛୁ । ମାମଲାର ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଛି । ଉଚିତ୍ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ସ୍ୱର୍ଗତ ଦାସଙ୍କ ପରିବାରଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମର୍ମରେ ଭରସା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନ୍ୟାୟ ଦେବେ ବୋଲି ଭରସା ରହିଛି। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖରେ ସ୍ୱର୍ଗତ ଦାସଙ୍କ ପତ୍ନୀ ମୀନତି ଦାସ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ତାଙ୍କ କନ୍ୟା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣି ଥରେ ତନ୍ନ ତନ୍ନ କରି ପରୀକ୍ଷା କରିବେ ଏବଂ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବେ। ଆଇନର ମର୍ଯ୍ୟାଦା ମଧ୍ୟରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଥିଲେ।

ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ଅନୁରୋଧ କରିସାରିଛୁ । ମାମଲାର ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଛି । ଉଚିତ୍ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ସ୍ୱର୍ଗତ ଦାସଙ୍କ ପରିବାରଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମର୍ମରେ ଭରସା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନ୍ୟାୟ ଦେବେ ବୋଲି ଭରସା ରହିଛି। ଶ୍ରୀମତୀ ଦାସଙ୍କୁ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେ କୌଣସି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଅବଗତ କରାଇପାରିବେ । ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

# ବର୍ଷେ ଯାଇନି, 'ଓଡ଼ିଆ ଅସ୍ମିତା'କୁ ଫୁଃ ଓଡ଼ିଆ ହୋଇପାରୁନି ଶାସନର ଭାଷା

ଭୁବନେଶ୍ୱର, ୨୧/୪: ଶାସନ ଓ ପ୍ରଶାସନର ଭାଷା ଓଡ଼ିଆ ହିଁ ହେବ। ବିଜେପି ସରକାର ଗଠନ ପରେ ଏହି ଘୋଷଣା ସର୍ବାଗ୍ରେ ଥିଲା। ନିଜେ ମୁଖ୍ୟମନ୍ତ୍ରୀ ଓଡ଼ିଆରେ ସବୁ ଫାଇଲ୍ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ୧୦ ମାସ ପରେ ସ୍ଥିତିରେ କିଛି ସୁଧାର ଆସିନି। ଆରମ୍ଭରୁ କିଛି ଦିନ ଓଡ଼ିଆରେ ଫାଇଲ୍ କାମ ହେଲା। ପରବର୍ତ୍ତୀ ସମୟରେ ପୂର୍ବ ସ୍ଥିତି ଫେରିଆସିଲା। ଯେମିତି ଓଡ଼ିଆ ଭାଷାକୁ ଶାସନରେ ବ୍ୟବହାର ନ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଶପଥ ନେଇଛନ୍ତି। ଆଉ ମନ୍ତ୍ରୀମାନେ ସବୁ ଜାଣି ନ ଜାଣିଲା ପରି ହେଉଛନ୍ତି। ସରକାର ଶପଥ ନେବାର କିଛି ଦିନ ପରେ କ୍ୟାବିନେଟ୍ ବୈଠକରେ 'ଅସ୍ମିତା ଭବନ'ରେ ମୋହର ବାଜିଲା। ଏହି ଭବନଟି ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୟଗାନ କରିବ ବୋଲି କୁହାଗଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଆ ଅସ୍ମିତାର ପ୍ରଚାର ପାଇଁ ବରାଦ ହୋଇଥିବା ୨୦୦ କୋଟିରୁ ଏହି ଭବନ ନିର୍ମାଣ ହୋଇଥାନ୍ତା। ଏହା ମଧ୍ୟରେ ଆର୍ଥିକ ବର୍ଷ ସରିଗଲା। କିନ୍ତୁ ଭବନର ରୂପରେଖ ପ୍ରସ୍ତୁତ ହୋଇପାରିଲାନି କି ଭିତ୍ତିପ୍ରସ୍ତର ସ୍ଥାପନ ହେଲାନି। ଏହି ଭବନଟି କ'ଣ, ତାହା କେହି ଜାଣି ପାରୁନାହାନ୍ତି। ଓଡ଼ିଶାର ପଡ଼ୋଶୀ ରାଜ୍ୟମାନଙ୍କ ସହ ବିବାଦ ଲମ୍ବା ସମୟ ଧରି ଚାଲୁଛି। ସୀମାରେ ରହୁଥିବା ଓଡ଼ିଆଙ୍କ ସ୍ୱାର୍ଥ ଓ ଓଡ଼ିଆ ଅସ୍ମିତା ସହ ଏହା ଜଡ଼ିତ। ଏସବୁ ବିବାଦର ସ୍ଥାୟୀ ସମାଧାନ ପାଇଁ ସରକାର ଅଣ୍ଟା ଭିଡ଼ିଥିଲେ। ଗତ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ହୋଇଥିବା ଏକ ବୈଠକରେ ଏ ସଂକ୍ରାନ୍ତରେ ମନ୍ତ୍ରୀସ୍ତରୀୟ କମିଟି ଗଠନ ହେବ ବୋଲି ନିଷ୍ପତ୍ତି ହେଲା। କିନ୍ତୁ ୫ ମାସ ପରେ ଏହି ମନ୍ତ୍ରୀସ୍ତରୀୟ କମିଟିର ସ୍ଥିତି କ'ଣ ଜଣାପଡୁନାହିଁ। ଏହି କମିଟିରେ କିଏ ରହିଲେ, କେତେ ବୈଠକ ହେଲାଣି ଓ ପଡ଼ୋଶୀ ରାଜ୍ୟ ସହ କି ଆଲୋଚନା ହେଉଛି, ସେ ସମ୍ପର୍କରେ ରାଜ୍ୟବାସୀ ଅନ୍ଧାରରେ। ପଡ଼ୋଶୀଙ୍କ ସହ ବିବାଦ ଯୋଗୁ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନରେ ଯେ ଆଞ୍ଚ ଆସୁଛି, ତାହା ଶାସନ ଓ ପ୍ରଶାସନରେ ଥିବା ବ୍ୟକ୍ତିମାନେ ବୁଝିବାକୁ ଅକ୍ଷମ। ଗତ ନିର୍ବାଚନରେ ଓଡ଼ିଆ ଅସ୍ମିତା ହିଁ ମୁଖ୍ୟ ପ୍ରସଙ୍ଗ ଥିଲା। ତେଣୁ ଓଡ଼ିଆ ଅସ୍ମିତାର ସୁରକ୍ଷା, ପ୍ରଚାର ପ୍ରସାର ପାଇଁ ସରକାର ଆରମ୍ଭରୁ ପ୍ରାଥମିକତା ଦେଉଥିବାର ଲକ୍ଷ୍ୟ କରାଯାଇଥିଲା। ଏ ସଂକ୍ରାନ୍ତୀୟ ଏକାଧିକ ପଦକ୍ଷେପ ଘୋଷଣା କରାଯାଇଥିଲା। କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବାରେ କେଉଁଠି ନା କେଉଁଠି ପ୍ରତିବନ୍ଧକ ରହୁଥିବା ଜଳଜଳ ହୋଇ ଦେଖାଯାଉଛି। ଏମିତି କିଛି ଘଟଣାକ୍ରମ ଇଙ୍ଗିତ କରୁଛି ଯେ ଓଡ଼ିଆ ଅସ୍ମିତା ଧୀରେ ଧୀରେ ସରକାରଙ୍କ ଏଜେଣ୍ଡାରେ ପଛକୁ ହଟିଯାଉଛି। ଏହାକୁ ନେଇ ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କଲେଣି। ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ କରିବା ଏବଂ ମନ୍ତ୍ରୀସ୍ତରୀୟ କମିଟି ଗଠନ ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବାରେ କିଛି



ସମସ୍ୟା ନଥିଲା। ଏହା ସତ୍ତ୍ୱେ ଶାସନ କଳରେ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହା ଆଗେଇ ପାରୁନାହିଁ। ଦୁଇ ତିନିଟି ବିଭାଗକୁ ଛାଡ଼ିଦେଲେ ଓଡ଼ିଆ ଭାଷାରେ ଆଦୌ ଶାସନ କାର୍ଯ୍ୟ ହେଉ ନାହିଁ। ଏପରିକି ଓଡ଼ିଶା ସରକାରଙ୍କ ପୋର୍ଟାଲ୍‌ରେ ବି ସବୁ ବିଭାଗର ତଥ୍ୟ ଓଡ଼ିଆରେ ରହିପାରିଲା ନାହିଁ। ଅଧିକାଂଶ ସରକାରୀ ବିଜ୍ଞପ୍ତି ଓ ନିର୍ଦ୍ଦେଶନାମା ଇଂରାଜୀରେ ହିଁ କରାଯାଉଛି। ବିଭିନ୍ନ ବିଭାଗର ସଚିବ ଓ ଅନ୍ୟ ଅଧିକାରୀମାନଙ୍କର ଓଡ଼ିଆରେ ଫାଇଲ କାମ କରିବାକୁ ହାତ ଯାଉନି। ଆଉ ମନ୍ତ୍ରୀମାନେ ବି ତାହାକୁ ଚଳାଇ ନେଉଛନ୍ତି। ଫଳରେ ଭାଷାର ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ଓଡ଼ିଆ ଅସ୍ମିତାର ସୁରକ୍ଷା ଦିଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବଡ଼ ଭୂମିକା ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ବିଭାଗଟିକୁ ପୂରା ପଙ୍ଗୁ କରିଦିଆଯାଇଛି। ବର୍ତ୍ତମାନର ସରକାର ଅନୁବାଦ ଏକାଡେମୀ ଗଠନ ପାଇଁ ଘୋଷଣା କରିଥିଲେ। ନୂଆ ଏକାଡେମୀ ବାସ୍ତବ ରୂପ ନେବା ତ ଦୂର କଥା, ପୂର୍ବରୁ ଥିବା ସବୁ ଏକାଡେମୀରେ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଉନି। ଓଡ଼ିଆ ଭାଷା ପ୍ରତିଷ୍ଠାନରେ ପୂରା ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାରୀ କଳରେ ଭାଷାର ଠିକ୍ ବ୍ୟବହାର ପାଇଁ ଏହି ପ୍ରତିଷ୍ଠାନର ଗୁରୁ ଦାୟିତ୍ୱ ଥିଲେ ବି ସରକାର ଏହାକୁ ଗୁରୁତ୍ୱହୀନ କରିଦେଇଛନ୍ତି। ସେମିତି ପାଠାଗାର, ସଂଗ୍ରହାଳୟ ଓ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଆଦି ପୂର୍ଣ୍ଣାଙ୍ଗ ରୂପ ନେଇପାରୁନି। ବିଭାଗୀୟ ନିର୍ଦ୍ଦେଶକ ନାମକୁ ମାତ୍ର ସବୁ ସଂସ୍ଥାର ମୁଖ୍ୟ ଅଛନ୍ତି। ପୁଣି ବିଭାଗରେ କର୍ମଚାରୀ ସଙ୍କଟ ଯୋଗୁ ଅନେକ କାମ ତ୍ୱରାନ୍ୱିତ ହୋଇପାରୁନି।

# ୮ଟି ଶ୍ରେଣୀକୁ ୪ଟି ଶ୍ରେଣୀଗୃହ; ୨ଜଣ ଶିକ୍ଷକରେ ଚାଲିଛି ପାଠପଢ଼ା



ରାଇରଙ୍ଗପୁର/ଝରାଡ଼ିହି, ୨୧/୪: ଦୁର୍ଗମରେ ଶିକ୍ଷା ବିଭାଗକୁ ଅଣଦେଖା କରିଥିବାର ବାସ୍ତବ ଚିତ୍ର। ପରିଣାମ ସ୍ୱରୂପ ଉପାନ୍ତରେ ଝୁଣ୍ଟି ହୋଇ ପଡିଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ୮ଟି ଶ୍ରେଣୀକୁ ୪ଟି ଶ୍ରେଣୀ ଗୃହ ଏବଂ ମାତ୍ର ଦୁଇ ଜଣ ଶିକ୍ଷକରେ ଗଡ଼ର ଚାଲିଛି ୭୫ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। କେମିତି ପଢ଼ିବେ ପାଠ ଏବଂ କେମିତି ଗଢ଼ିବେ ଭବିଷ୍ୟତ ଚିନ୍ତାରେ ଅଭିଭାବକ ସାଙ୍ଗକୁ ପ୍ରଧାନଶିକ୍ଷକ ବିଦ୍ୟାଳୟର ସ୍ଥିତି ଦେଖି ମୁହଁ ମୋଡୁଛନ୍ତି ଅନେକ ଛାତ୍ରଛାତ୍ରୀ। ଶିକ୍ଷକ ଅଭାବରୁ ହେଉନି ପାଠ ପଢା। ଟିସି ନେଇ ଅନ୍ୟତ୍ର ବିଦ୍ୟାଳୟରେ ନାମ ଲେଖାଉଛନ୍ତି ଅନେକ ବିଦ୍ୟାର୍ଥୀ। ଆଉ ୩/୪ ଜଣ ଶିକ୍ଷକ ନିଯୁକ୍ତି ଦିଆଯାଉ ବୋଲି ସରକାରଙ୍କୁ ଅଳି କଲେ କୁନିକୁନି ଛାତ୍ର। ଏଭଳି ଶିକ୍ଷା ବିଭାଗ ଅନ୍ଧକାର ଆଡକୁ ଠେଲି ହୋଇ ଯାଉଥିବା ଚିତ୍ର ସାମ୍ନାକୁ ଆସିଛି ଆଦିବାସୀ ସଧୁସ୍ୱୀତା ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ସଦର ମହକୁମା ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଝିଗାଁଠାରେ। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟ ବର୍ତ୍ତମାନ ବିପର୍ଯ୍ୟସ୍ତ ଅବସ୍ଥାରେ ଏକଥା ଏହି ବିଦ୍ୟାଳୟ ଅଫିସ କାର୍ଯ୍ୟାଳୟରେ ପାଣି ଗଳୁଥିବାରୁ ପଲିଥିନ ଦେଇ ଅଫିସ କାଗଜ ପତ୍ର ବଞ୍ଚାଇ ରଖିବା ଚିତ୍ର ବେସ ବୟାନ କରୁଛି। ବିଦ୍ୟାଳୟରେ ୮ଟି ଶ୍ରେଣୀକୁ ମାତ୍ର ୪ ଶ୍ରେଣୀକକ୍ଷ ସେଥିରେ ପୁଣି ବାଲ ବାଟିକା ଛାତ୍ରଛାତ୍ରୀ, ଯାହା ଫଳରେ ଗୋଟିଏ ଶ୍ରେଣୀ କକ୍ଷରେ ତିନି ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଠ ପଢା ଯାଉଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢା ଭଲ ହୋଇ ପାରୁନି ବୋଲି ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ। ଅପରପକ୍ଷରେ ଆଠୋଟି ଶ୍ରେଣୀ ସାଙ୍ଗକୁ ବାଲ ବାଟିକା ଛାତ୍ରଛାତ୍ରୀ ମାନଙ୍କୁ ମିଶାଇ ୭୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ କେମିତି ପାଠ ପଢ଼ାଇବେ ସେ ନେଇ ଚିନ୍ତାରେ ପ୍ରଧାନଶିକ୍ଷକ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ପୂର୍ବରୁ ଦୁଇ ଜଣ କର୍ମଚାରୀ ରହିଥିଲେ। କିନ୍ତୁ ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ କେବଳ ଜଣେ ସହାୟକ ପାଚିକାର ୭୫ରୁ ଅଧିକ ଛାତ୍ର ଛାତ୍ରୀଙ୍କ ରୋଷେଇ ସମ୍ଭବ ନୁହଁ ବୋଲି ଚିନ୍ତା ପ୍ରକଟ କରିଛନ୍ତି ସହାୟକ ପାଚିକା। ତା ସହିତ ଛାତ୍ରଛାତ୍ରୀଙ୍କ ଶାରୀରିକ ବିକାଶ ପାଇଁ ଖେଳ ପାଇଁ ପଡ଼ିଆ ମଧ୍ୟ ନାହିଁ ଯାହା ଫଳରେ ଛାତ୍ରଛାତ୍ରୀଙ୍କ କ୍ରୀଡ଼ାରେ ମଧ୍ୟ ନିଜର ପାରଦର୍ଶିତା ଦେଖାଇ ପାରୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଅଭିଭାବକ। ଏ ସମ୍ବନ୍ଧରେ ବହଳଦା ବିଇଓଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଖୁବ୍ ଶୀଘ୍ର ଆଉଜଣେ ଶିକ୍ଷକ ନିଯୁକ୍ତି ହେବେ। ତେବେ ଶିକ୍ଷକ ନିଯୁକ୍ତି ହେଉନଥିବାରୁ ଏଭଳି ସମସ୍ୟା ଅଧିକାଂଶ ସ୍କୁଲରେ ଦେଖିବାକୁ ମିଳୁଛି।

# ଅଙ୍ଗନଓ୍ୱାଡ଼ି କେନ୍ଦ୍ର ସମସ୍ୟା ନେଇ ପ୍ରତିଶ୍ରୁତି ରଖିଲେ ଉପଜିଲ୍ଲାପାଳ

## ପହଞ୍ଚିଲେ ଅବହେଳିତ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ, ସମସ୍ୟା ଦେଖି ହୃଦୟଙ୍ଗମ କଲେ,ପଦକ୍ଷେପ ନେଲେ



କେନ୍ଦ୍ରାପଡ଼ା(୨୧/୦୪) ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଅଧିନସ୍ଥ ରାଜସ୍ୱ ଗ୍ରାମ ଭଣ୍ଡିଲୋରେ ବର୍ଷ ବର୍ଷ ଧରି ଚାଲିଥିଲା ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ସମସ୍ୟା ,୮ ବର୍ଷ ହେଲା ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସରୁନଥିବାରୁ ବଡ଼ ଦୟନୀୟ ଅବସ୍ଥାରେ ଶିଶୁ ମାନେ ଏକ ବନ୍ଦ ଥିବା ବିଦ୍ୟାଳୟ ବାରଣ୍ଡାରେ ବର୍ଷା ଖରା ସହି ପାଠ ପଢୁଥିଲେ। ଏହି ଖବର ଆମେ ବାରମ୍ବାର ଆମ ଖବର କାଗଜରେ ପ୍ରକାଶିତ କରିଥିଲୁ । ପରେ ବି:ଡ଼ି:ଓ ଶ୍ରୀମତୀ ନମିତା ବାରିକ ଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ହରପ୍ରିୟା ଦେବୀ ଅପ୍ରେଲ ୧୮ ତାରିଖରେ ଭାଣ୍ଡିଲୋ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ ଏବଂ ସେଠାରେ ସେ ବନ୍ଦ ଥିବା ସରକାରୀ ବିଦ୍ୟାଳୟକୁ କିଛି ଗ୍ରାମବାସୀଙ୍କ ଦ୍ୱାରା ଜବରଦଖଲ କରିଥିବା ଦେଖିବାକୁ ପାଇଥିଲେ ଏବଂ ସରପଞ୍ଚ ଙ୍କୁ ଡକାଇ ତାହା ଦୁଇଦିନ ମଧ୍ୟରେ ଅର୍ଥାତ୍ ୧୮ ଅପ୍ରେଲ ୨୦୨୫ ସୁଦ୍ଧା ଜବରଦଖଲ ଉଚ୍ଛେଦ କରାଇ ଗୃହ ଗୁଡ଼ିକ ସାଫ ସଫେଇ କରି ଅଙ୍ଗନଓ୍ୱାଡ଼ି ଶିଶୁଙ୍କ କିଛିଦିନ ଅସ୍ଥାୟୀ କେନ୍ଦ୍ର ଭାବରେ ହସ୍ତାନ୍ତର କରିବା ପାଇଁ ସରପଞ୍ଚ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବଂ ତୁରନ୍ତ ପଞ୍ଚାୟତ ପାଣ୍ଠି ବିନିଯୋଗ କରି ଅଙ୍ଗନବାଡ଼ି କେନ୍ଦ୍ରର ବାକିଥିବା ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଏ ବିଷୟରେ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଅରୁଣ କୁମାର ନାୟକ ମଧ ଅବଗତ ଥିଲେ ଏବଂ ଅଙ୍ଗନବାଡ଼ି ଶିଶୁ ମାନଙ୍କ ସମସ୍ୟା ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଆଜି ହଠାତ୍ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଅରୁଣ କୁମାର ନାୟକ ,ଡେରାବିଶ ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ବେହେରା,ବିଡ଼ିଓ ଶ୍ରୀମତୀ ନମିତା ବାରିକ, ସିଡିପିଓ ଶ୍ରୀମତୀ ହରପ୍ରିୟା ଦେବୀଙ୍କ ସମେତ ରାଜସ୍ୱ ନିରୀକ୍ଷକ ସଦଳବଳେ ଭାଣ୍ଡିଲୋ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ ଏବଂ ସମସ୍ୟା ବୁଝିବା ସହିତ ତୁରନ୍ତ ଅଙ୍ଗନଓ୍ୱାଡ଼ି କେନ୍ଦ୍ରକୁ ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରାଇ ବନ୍ଦ ଥିବା ବିଦ୍ୟାଳୟର ଏକ ଗୃହକୁ ଅସ୍ଥାୟୀ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଭାବରେ ଘୋଷଣା କରିଥିଲେ । ଜବରଦଖଲ ଉଚ୍ଛେଦ ସମୟରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା ଯାହା କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା । ପରେ ବିଦ୍ୟାଳୟ ଏବଂ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ପରିସରରେ ଥିବା ସମସ୍ତ ସରକାରୀ ଜାଗାକୁ ଜବରଦଖଲ ଉଚ୍ଛେଦ କରାଇ ବାଉଣ୍ଡରୀ ୱାଲ୍ ସହିତ ହିଫାଜତ କୁ ନେବାପାଇଁ ତହସିଲଦାର ଏବଂ ରାଜସ୍ୱ ନୀରିକ୍ଷକଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏବଂ କିଛିଦିନ ମଧ୍ୟରେ ସରକାରୀ ପ୍ରକଳ୍ପ ଦେଇ ସେହି ବନ୍ଦ ପଡ଼ିଥିବା ସରକାରୀ ଗୃହର ଉନ୍ନତି କରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇ କୌଣସି ସରକାରୀ କାର୍ଯ୍ୟାଳୟ କରିବାକୁ ଲକ୍ଷ୍ୟ ରଖିଥିବା ବିଡ଼ିଓ ଶ୍ରୀମତୀ ନମିତା ବାରିକ କହିଥିଲେ । ଅଙ୍ଗନବାଡ଼ି ଶିଶୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଖ ପାଖରେ ଥିବା ବୃହତ୍ ଖାଲ ଗୁଡ଼ିକୁ ତୁରନ୍ତ ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ମଧ ଦେଇଥିଲେ । ଏବଂ ସମସ୍ତ ପ୍ରଶାସନ ଅଧିକାରୀ ଗ୍ରାମକୁ ଆସିବା ସମୟରେ ଗ୍ରାମର ରାସ୍ତା ବିପର୍ଯ୍ୟସ୍ତ ଥିବା ଏବଂ ଜବରଦଖଲକାରୀ ମାନେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ପାଇଥିଲେ ଯାହା ଗ୍ରାମରେ ଏକ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡ଼ି ଆସିବା ପାଇଁ ମଧ ପ୍ରଯୁଜ୍ୟ ନାହିଁ ବୋଲି ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ବେହେରା କହିଥିଲେ। ଯଥା ଶୀଘ୍ର ବିଡ଼ିଓ ପଞ୍ଚାୟତ ପ୍ରକଳ୍ପ ଯୋଗାଇ ଦେଇ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ସମୟରେ ରାସ୍ତାରୁ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ବେହେରାଙ୍କ ସମେତ ରାଜସ୍ୱ ନିରୀକ୍ଷକ ମତ ଦେଇଥିଲେ ।

# ଲାଞ୍ଜିଗଡ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ

## ଘର ଉପରେ ଗଛ ପଡ଼ି ଅଳ୍ପକେ ବର୍ତିଲେ ଦୁଇ ପରିବାର



ଭବାନୀପାଟଣା ତା ୨୧/୪/୨୫/(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଗାଁରେ କାଳବୈଶାଖୀ ତାଣ୍ଡବ ଦେଖ?ିବାକୁ ମିଳିଛି । କାଳବୈଶାଖୀ ସମେତ ବର୍ଷା,ଘଡ଼ଘଡ଼ି ଓ ତୁହାକୁ ତୁହା ବର୍ଷା। ପବନରେ ଅନେକ ଧନଜୀବନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି ।କାଳବୈଶାଖୀ ବର୍ଷା,ପବନ ଓ ଘଡ଼ଘଡ଼ି ପ୍ରଭାବରେ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବାତେରପଡ଼ା ଗାଁର ଜଗନ୍ନାଥ ନାଏକ ଓ ହେମ ହରିଜନଙ୍କ ଘର ଉପରେ ଏକ ବିରାଟ ବରଗଛ ଉପୁଡି ପଡିଯାଇଥିବା ବେଳେ ଦୁଇ ପରିବାରର ୬ଜଣ ଅଳ୍ପକେ ବର୍ତ୍ତୀ ଯାଇଥିଲେ ।ସୂଚନା ଅନୁସାରେ ରବିବାର ଦିନ ଦ୍ୱିପ୍ରହର ହଠାତ ବର୍ଷା, ଘଡଘଡି ସମେତ ଜୋରରେ ପବନ ହୋଇଥିଲା ଯାହାଫଳରେ ଘର ପାଖରେଥିବା ଏକ ବିରାଟ ବରଗଛ ଉପୁଡିଯାଇ ଦୁଇଟି ଘର ଉପରେ ପଡ଼ି ଯାଇଥିଲା । ଘର ଉପରେ ଗଛ ପଡିଯାଇଥିବା ବେଳେ ଦୁଇ ପରିବାର ଅଳ୍ପକେ ବର୍ତ୍ତିଯାଇଥିଲେ ହେଲେ ହେଁ ଘର ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇ ଯାଇଛି ।ଯାହା ଫଳରେ ଦୁଇ ପରିବାର ବାସହୀନ ହୋଇପଡିଛନ୍ତି। ତେବେ ସାଧାରଣ ଭାବେ ଗରିବ ଲୋକ ହୋଇ ଥିବାବେଳେ ଘର ସଜାଡିବା ମୁସ୍କିଲ ହୋଇପଡ଼ିଛି । ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି । ଯୁଦ୍ଧ କାଳୀନ ଭିତ୍ତିରେ ଉଜୁଡି ଯାଇଥିବା ଘରର ହିତାଧିକାରୀଙ୍କୁ ପଲିଥିନ ସହ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ପ୍ରଶାସନଙ୍କୁ ଗୁହାରି କରୁଛନ୍ତି ।

# ଅଭାବୀ ବିକ୍ରି ର ଶିକାର୍

## କଳାହାଣ୍ଡି ଜିଲ୍ଲାର ପିଆଜ ଚାଷୀ



ଭବାନୀପାଟଣା ତା ୨୧/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ମାଟିଆ, ମାଦିଗୁଡ଼ା, ସେଁ ପୁ଼, ତୁର୍କେଲ୍ ଭଳି ତେଲ ନଦୀ କୂଳ ରେ ଥିବା ଗାଁ ଗୁଡିକ ରେ ପ୍ରଚୁର ମାତ୍ରା ରେ ପିଆଜ ଚାଷ ହୋଇ ଥାଏ ମୁଖ୍ୟତଃ ଉକ୍ତ ଅଞ୍ଚଳ ର ମାଟି 'ଦୋରସା 'ଓ କଳା ହୋଇ ଥିବାରୁ ଉକ୍ତ ଅଞ୍ଚଳ ର ହଜାର ହଜାର ଏକର୍ ଜମିରେ ପିଆଜ ଚାଷ କରିଥାନ୍ତି ଏହି ଅଞ୍ଚଳ ର ଚାଷୀ, କିନ୍ତୁ ଜିଲ୍ଲାରେ ପିଆଜ ରଖିବା ପାଇଁ ଶୀତଳ ଭଣ୍ଡାର ନ ଥିବାରୁ ପିଆଜ ନଷ୍ଟ ହେବା ଭୟ ରେ ଅଭାବୀ ବିକ୍ରି ର ଶିକାର୍ ହେଉ ଥିବା ଅଭିଯୋଗ କରିଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଆଜ ଅମଳ କରିଥିବା ଚାଷୀ ପିଆଜ କିଲୋ ପ୍ରତି ୧୦ ରୁ ୧୨ ଟଙ୍କା ରେ ବିକୁ ଥିବା ଦେଖିବାକୁ ମିଳିଛି।ଯଦି ଜିଲ୍ଲା ରେ ଶୀତଳ ଭଣ୍ଡାର ଥାଆନ୍ତା କିଛି ଦିନ ପରେ ଏହି ପିଆଜ କୁ ଅଧିକ ରେଟ୍ ରେ ବିକ୍ରି କରି ଅଧିକ ଲାଭବାନ୍ ହୋଇ ପାରନ୍ତେ ବୋଲି ସ୍ଥାନୀୟ ଚାଷୀ ମତ ରଖିଛନ୍ତି। ଜିଲ୍ଲା ରେ ସଦର ବ୍ଲକ୍ ସହିତ ଅନ୍ୟ ବ୍ଲକ୍ ଗୁଡିକରେ ମଧ ପିଆଜ ଚାଷ କରୁଥିବା ନଜର କୁ ଆସିଛି।ରାଜ୍ୟ ରେ ୨୪ ବର୍ଷ ବିଜେଡି ସରକାର୍ ଶାସନ କରିଥିଲେ ମଧ ଆଜିଯାଏଁ କଳାହାଣ୍ଡି ଜିଲ୍ଲା ରେ ଗୋଟିଏ ବି ଶୀତଳ ଭଣ୍ଡାର କରିପାରିଲେ ନାହିଁ ସେଥିପାଇଁ କଳାହାଣ୍ଡି ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ନୂତନ ବିଜେପି ସରକାର୍ ଙ୍କ ଉପରେ ଭରସା କରି ଅପେକ୍ଷା କରିଛନ୍ତି କଳାହାଣ୍ଡି ର ପିଆଜ ଚାଷୀ । ଏହି ଆଶା କେବେ ପୂରଣ ହେବ ତାହାଦେଖିବାକୁ ବାକି ରହିଲା ।

# ଧରାଧରପୁର ପଂଚାୟତର ଏନଆରଜିଏସ ଦୂର୍ନୀତି ବିରୁଦ୍ଧରେ ଗଣଧାରଣା



ଜଗତସିଂହପୁର ତା୨୧।୪(ନିପ୍ର), ରଘୁନାଥପୁର ବ୍ଲକ୍‌ରେ ଅନ୍ତର୍ଭୁକ୍ତ ଥିବା କେତେକ ଗ୍ରାମ ପଂଚାୟତରେ କାମ ନହୋଇ ମିଥ୍ୟା ବିଲ୍ ହେଉଥିବା କଥା ସମଗ୍ର ଜଗତସିଂହପୁର ଜିଲ୍ଲାରେ କାହାକୁ ଅଛପା ନାହିଁ। ଏପରିକି ଆୟୁଷ୍ମାନ କାର୍ଡ ବଂଟନ ତରିକୁନ୍ଦ ଠାରେ ଲୋକମାନଙ୍କର ପୁଞ୍ଜିଭୁତ ରୋଷର ଶିକାର ହୋଇଥିଲେ ଜନୈକା ଯନ୍ତ୍ରୀ ଓ ବ୍ଲକ୍ କର୍ମଚାରୀ। କେତେକ ବ୍ୟକ୍ତି ମହା ଦୂର୍ନୀତିରେ ଲିପ୍ତ ଥିବା ବ୍ଲକ୍ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ପିଟିଥିଲେ ଏବଂ ମାଡ ମାରିଥିବା ଲୋକଙ୍କୁ ଗିରଫ ପାଇଁ ୪ଦିନ ଧରି କଲମ ଛାଡ଼ ଆନ୍ଦୋଳନ କରିଥିଲେ ବ୍ଲକ୍ କର୍ମଚାରୀ। ମାତ୍ର ଏହି ବ୍ଲକ୍ ରେ ହେଉଥିବା ଦୂର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ ପାଇଁ ଗୋଟିଏ ପରେ ଗୋଟିଏ ପଂଚାୟତ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ପାଇଁ ପ୍ରସ୍ତୁତି ଆରମ୍ଭ କଲେଣି। ଧରାଧରପୁର ପଂଚାୟତରେ କାମ ନକରି ୧ଲକ୍ଷ ୩୭ହଜାର ୪୧୪ ଟଙ୍କା ଏନଆରଜିଏସ ମାଧ୍ୟମରେ ଉଠାଇ ନିଆଯାଇଛି। ଗ୍ରାମବାସୀମାନେ ଏକଥା ଅନଲାଇନ ମାଧ୍ୟମରେ ଜାଣିବାକୁ ପାଇବା ପରେ ରଘୁନାଥପୁର ବିଡିଓ ଓ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ମାତ୍ର ଏହି ମହାଦୂର୍ନୀତିର ତଦନ୍ତ ପ୍ରକ୍ରିୟାରେ ଶିଥିଳତା କାରଣରୁ ସଂପୃକ୍ତ ଗ୍ରାମବାସୀମାନେ ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇ ଆଜିଠାରୁ ରଘୁନାଥପୁର ବ୍ଲକ୍ ପରିସରରେ ଧାରଣାରେ ବସି ଥିବା ଦେଖିବାକୁ ମିଳିଥିଲା। ଧାରଣା ଦେବାର କିଛି ସମୟ ପରେ ବିଡିଓ ବିରଂଚି ନାରାୟଣ ବେହେରା ଧାରଣାସ୍ଥଳରେ ପହଂଚି ଧାରଣାକାରୀଙ୍କୁ ବୁଝାସୁଝା କରିବା ସହିତ ଘଟଣାସ୍ଥଳ ତଦନ୍ତ କରିବାକୁ ଯାଇଥିଲେ। ବିଡିଓଙ୍କ ସହିତ ବ୍ଲକ୍ ର ୨ଜଣ ଯନ୍ତ୍ରୀ ଓ ଏବିଡିଓ ଜ୍ଞାନଦା ନାୟକ ତଦନ୍ତ କରି ଫେରିଆସିଥିଲେ ଏବଂ ଧାରଣାକାରୀଙ୍କୁ କହିଥିଲେ ଯେ ପ୍ରକୃତରେ ଏହି ପଂଚାୟତରେ ସଂପୃକ୍ତ ଡ୍ରେନ୍ କାମଟିରେ ଚଂଚକତା କରାଯାଇ ମଷ୍ଟରରୋଲ ମାଧ୍ୟମରେ ଟଙ୍କା ଉଠାଯାଇଛି। ଆସନ୍ତା ୨୫ତାରିଖ ଭିତରେ ଏ ସମ୍ପର୍କରେ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ଯଦି ୨୫ତାରିଖ ଭିତରେ ବିଡିଓ ତଦନ୍ତ ରିପୋର୍ଟ ପ୍ରଦାନ ନକରନ୍ତି ଆସନ୍ତା ୨୬ତାରିଖ ଦିନ ପୁର୍ନଃବାର ଗ୍ରାମବାସୀମାନେ ବିଡିଓଙ୍କ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଆହୁରି ମଧ ଏହି ଦୂର୍ନୀତିର ମୁଖ୍ୟ ପୁରୋଧା ସାଜିଥିବା ଜିଆରଏସ ଓ ଗ୍ରାମସାଥିକୁ ତୁରନ୍ତ ବହିଷ୍କାର ଦାବୀ କରିଥିଲେ। ଏହି ଧାରଣାରେ ମୁଖ୍ୟତଃ ଗ୍ରାମବାସୀଙ୍କ ପକ୍ଷରୁ ନିଶିକାନ୍ତ ନାୟକ, ସରିତ୍ ମହାପାତ୍ର, ଯୁଗଳ କିଶୋର ମଲ୍ଲିକ୍, ଜ୍ୟୋତିର୍ମୟୀ ଜେନା, ପ୍ରିୟ ରଂଜନ ସାହାଣୀ, ଅରୁଣ ଜେନା, ଲକ୍ଷ୍ମଣ ବାରିକ୍, ସୁକାନ୍ତ ଜେନା, ମାନସ ଦାସ, ଜୟଦେବ ସ୍ୱାଇଁ, ରାକେଶ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ଜୟପୁର, : ସ୍ଥିତ ଶ୍ରମିକ କର୍ମଚାରୀ ଭବନ ଠାରେ ଅଖିଳ ଭାରତ ଯୁବ ସଂଘ ବା ଏଆଇଓ୍ୱାଇଏଫ୍ ର ରାଜ୍ୟ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ସକାଳ ଘ:୧୧.୦୦ଟା ସମୟରେ ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ସେଠୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି ଯେ ରାଜ୍ୟ ସମ୍ମିଳନୀ କୋରାପୁଟ ସହରର ଟାଉନ୍ ହଲ ଠାରେ ମ' ୭,୮ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ପ୍ରଥମ ଦିନ ଏକ ଶୋଭାଯାତ୍ରା ସହର ପରିକ୍ରମା କଲା ପରେ ଟାଉନ୍ ହଲ ପଡ଼ିଆରେ ସମ୍ମିଳନୀ ଉଦଘାଟିତ ହୋଇ ସାଧାରଣ ସଭା ହେବ । ଏହି ସଭାକୁ ଯୁବ ସଂଘ ଜାତୀୟ ସମ୍ପାଦକ ଶ୍ରୀ ଆର୍ ଥିରୁମଲ୍ଲାଇ ରାମନ୍ନା( ତାମିଲନାଡୁ ), ସିପିଆଇ ଜାତୀୟ ସମ୍ପାଦକ ଶ୍ରୀ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ରୀ ଆଶିଷ କାନୁନଗୋ , ବିହାରର ଯୁବନେତା ଶ୍ରୀ ବିଶ୍ୱଜିତ୍ କୁମାର ପ୍ରମୁଖ ଉଦବୋଧନ ଦେବେ । ରାଜ୍ୟ ର ବିଭିନ୍ନ ଜିଲ୍ଲାରୁ ୫୦୦ ପ୍ରତିନିଧି ସମ୍ମିଳନୀ ରେ ଯୋଗଦେବେ । ସମ୍ମିଳନୀକୁ ସଫଳ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହୋଇଛି । ରାଜ୍ୟ ସମ୍ମିଳନୀ କୁ ଆୟୋଜନ କରିବା ପାଇଁ କୋରାପୁଟ ଜିଲ୍ଲା ଆଗଭର ହୋଇଥିବାରୁ ଯୁବ ସଂଘ ରାଜ୍ୟ ପରିଷଦ ସଭ୍ୟ ଶ୍ରୀ ବିକାଶ ମୁଦୁଲି ସାଧୁବାଦ ଜଣାଇଛନ୍ତି । ସମ୍ମିଳନୀକୁ ସଫଳ କରିବା ପାଇଁ ଆଲୋଚନା ରେ ସର୍ବଶ୍ରୀ କୁମର ଜାନୀ,ପବନ ମହୁରିଆ,ଅଜିତ୍ ପଟ୍ଟନାୟକ , ବୁଦ୍ରା ବଡନାୟକ,ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ସମ୍ମିଳନୀ କୁ ସଫଳ କରିବା ପାଇଁ ସମସ୍ତ ସଭ୍ୟ ଗଠନ ମୂଳକ ପ୍ରସ୍ତାବ ଦେଇଥିବାରୁ ସମସ୍ତ ଙ୍କୁ ଯୁବ ସଂଘ ରାଜ୍ୟ ନେତା ଶ୍ରୀ କାମଦେବ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ



ଭବାନୀପାଟଣା : ତା. ୨୧.୦୪.୨୦୨୫ (ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୪ ଗୋଟି ଓ ସାମୂହିକ ୩ ଗୋଟି ରହିଥିବା ବେଳେ ୫ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମା, ପଞ୍ଚାୟତ ସମିତି ଅଧକ୍ଷା ବବିତା ପାଟଯୋଷୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର ସଂଜୟ ସାମନ୍ତରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଏସ.ଡି.ପି.ଓ. ଧର୍ମଗଡ଼ ମନୋଜ ବେହେରା, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର,ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲା, ସହ ନିର୍ଦ୍ଦେଶକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଡେରାବିଶରେ ମିଳିତ ଅଭିଯୋଗ ଶୁଣାଣି ଶିବିର




କେନ୍ଦ୍ରାପଡ଼ା(୨୧/୦୪) ଡେରାବିଶ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୭ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପ-ଜିଲ୍ଲାପାଳ, ଅରୁଣ କୁମାର ନାୟକ, ଡେରାବିଶ ବିଡିଓ ନମିତା ବାରିକ, ଡେରାବିଶ ତହସିଲଦାର, ସରୋଜ କାନ୍ତ ସ୍ୱାଇଁ, ସହକାରୀ ଜିଲ୍ଲାପାଳ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍?ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୨୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୫ ଗୋଟି ସାମୁହିକ ଏବଂ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଫ୍ଲାଏ ଓଭର ନିର୍ମାଣ, ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତିକରଣ, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଭବାନୀପାଟଣା ମହାବୀରପଡା ନିକଟ ରେ ଦିନ ଦିପହରେ ଡକାୟତି



କଳାହାଣ୍ଡି ତା ୨୧/୪/୨୫/(ଜଗନ୍ନାଥ ଏକ୍ସପ୍ରେସ୍) ଭବାନୀପାଟଣା ସହରରେ ଦିନ ଦିପହରେ ଡକାୟତି ଉଦ୍ୟମ। ମରିଚ ଗୁଣ୍ଡ ସହିତ ବମ ପକାଇ ଟଙ୍କା ବ୍ୟାଗ ଝାମ୍ପି ନେବା ପାଇଁ ଉଦ୍ୟମ। ଲୋକେ ଜଣେ ଡକାୟତ କୁ କାବୁ କରିଥିବା ବେଳେ ଦୁଇ ଡକାୟତ ଫେରାର ହୋଇଥିବା ସୂଚନା। ସୂଚନା ଅନୁଯାୟୀ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମେଦିନୀପୁର ଗ୍ରାମର ନରେଶ ସାହୁ ଟଙ୍କା ଜମା କରିବା ପାଇଁ ବ୍ୟାଙ୍କ କୁ ଯାଉଥିଲେ। ଭବାନୀପାଟଣା ମହାବୀରପଡା ନିକଟରେ ଗୋଟିଏ ଦୋକାନରେ ଥଣ୍ଡା ପିଇବା ପାଇଁ ଅଟକି ଥିବା ବେଳେ ତିନି ଦୁର୍ବୃତ୍ତ ଗୋଟିଏ ବାଇକ ରେ ଆସି ତାଙ୍କ ଉପରେ ମରିଚଗୁଣ୍ଡ ଫିଙ୍ଗିବା ସହିତ ଗୋଟିଏ ବୋମ ଫିଙ୍ଗିଦେଇଥିଲେ ଏବଂ ତାଙ୍କ ପାଖରେ ଥିବା ଟଙ୍କା ବ୍ୟାଗ କୁ ଝାମ୍ପିବା ପାଇଁ ଚେଷ୍ଟା କରିଥିବା ବେଳେ ନରେଶ ସାହୁ ଦୋକାନ ଭିତରେ ଲୁଚି ଯାଇଥିଲେ। ବୋମ ଫୁଟିବ ଶବ୍ଦ ଶୁଣି ଲୋକେ ଜମା ହୋଇଯିବା ଫଳରେ ଦୁବୃତ୍ତ ମାନେ ସେଠାରୁ ଖସି ଯିବା ପାଇଁ ଚେଷ୍ଟା କରୁଥିବା ବେଳେ ଜଣେ ଡକାୟତ କୁ ଲୋକେ କାବୁ କରି ଥିବା ବେଳେ ଦୁଇ ଜଣ ଫେରାର ହୋଇଥିବା ପୋଲିସ ସୂଚନା ଦେଇଛି।

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ବିୟୋଗରେ ବରେନ୍ଦ୍ରକୃଷ୍ଣ ଧଳ ମେମୋରିଆଲ ଟ୍ରଷ୍ଟର ଶୋକ

ଭୁବନେଶ୍ୱର, ୨୧.୪ : ବରଷ୍ଠ ସାମ୍ବାଦିକ ତଥା ବରେନ୍ଦ୍ରକୃଷ୍ଣ ଧଳ ମେମୋରିଆଲ ଟ୍ରଷ୍ଟ'ର ଅନ୍ୟତମ ସକ୍ରିୟ ସଦସ୍ୟ ରତିକାନ୍ତି ମହାନ୍ତିଙ୍କ ୭୦ ବର୍ଷ ବୟସରେ ମୃତ୍ୟୁ ବରଣ କଲେ। ତାଙ୍କ ଅକାଳ ବିୟୋଗରେ ସୋମବାର ସନ୍ଧ୍ୟାରେ ଏକ ଶୋକସଭା ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାନ୍ତିଙ୍କ ନିର୍ଭୀକ ଓ ସଚ୍ଚୋଟ ସାମ୍ବାଦିକତା ଏବଂ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସ୍ୱର୍ଗତ ମହାନ୍ତିଙ୍କର ବଳିଷ୍ଠ ଭୂମିକା ସମ୍ପର୍କରେ ଏହି ଶୋକସଭାରେ ଆଲୋକପାତ କରାଯାଇଥିଲା। ଉଭୟ ସାମ୍ବାଦିକତା, ସମାଜସେବା, ସାମାଜିକ ସଂଗଠନ ଆଦି କ୍ଷେତ୍ରରେ ତାଙ୍କର ବଳିଷ୍ଠ ସାହାଯ୍ୟ ଓ ସହଯୋଗ ସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ଏବଂ ଟ୍ରଷ୍ଟ ପାଇଁ ଅପୂରଣୀୟ କ୍ଷତି ବୋଲି ଶୋକସଭାରେ ପ୍ରକାଶ ପାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଏହି ଶୋକସଭାରେ ଟ୍ରଷ୍ଟର ସଦସ୍ୟ ସୂର୍ଯ୍ୟ ମିଶ୍ର, ଶତୃଜିତ, ପ୍ରକାଶ ସେଠୀ, ବିବେକାନନ୍ଦ ଜେନା, ବଳରାମ ପ୍ରସାଦ ନନ୍ଦ, ସିଦ୍ଧାର୍ଥ ଧଳ ଏବଂ ପ୍ରୀତିଛନ୍ଦା ଧଳ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ବିଜେପିର ମଣ୍ଡଳ ସ୍ତରୀୟ ବନ୍ଧୁମିଳନ ଏବଂ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା(୨୧/୦୪)ଡେରାବିଶ ବ୍ଲକ ଅଧିନସ୍ଥ ବସୁପୁର ପଞ୍ଚାୟତରେ ବିଜେପିର ଏକ ମଣ୍ଡଳ ସ୍ତରୀୟ ବନ୍ଧୁମିଳନ ଏବଂ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ପଞ୍ଚାୟତ ବିଜେପି କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ବିଜେପି ଜିଲ୍ଲା ସମ୍ପାଦିକା ଶ୍ରୀମତୀ ମନିଷା ପଣ୍ଡା,ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ମାନସ ମହାନ୍ତି,୧୪ ନମ୍ବର୍ ଜୋନର ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ,ମଣ୍ଡଳ ସାଧାରଣ ସମ୍ପାଦକ ସରୋଜ କାନ୍ତ ପଣ୍ଡା,ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସରୋଜ କାନ୍ତ ସାହୁଙ୍କ ସମେତ ରଞ୍ଜିତ କୁମାର ଆଚାର୍ଯ୍ୟ,ମମତା ସେଠୀ,ନମିତା ବଳ ପ୍ରଭୃତି ବରିଷ୍ଠ ବିଜେପି ନେତା ଏବଂ ନେତ୍ରୀ ମଞ୍ଚରେ ଉପସ୍ଥିତ ହୋଇଥିଲେ । ପଞ୍ଚାନନ ଦାସଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିବା ବେଳେ ଶତାଧିକ ବିଜେପି କର୍ମୀ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏବଂ ଏହି ଅବସରରେ ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ବିଜେପିର ବସୁପୁର୍ ପଞ୍ଚାୟତ ସଭାପତି ଚୟନ କରାଯାଇଥିବା ବେଳେ,ନିହାର ରଞ୍ଜନ ପରୀଜାଙ୍କୁ ପଞ୍ଚାୟତ ଉପସଭାପତି ଚୟନ କରାଯାଇଥିବା ସୂଚନା ମିଳିଛି ।

## ସଂପାଦକୀୟ

# ଦେଶପ୍ରତି ସମ୍ମାନ

ହାସ୍ୟକାର ଅଭିନେତା ବୀର୍ ଦାସ । ଆମେରିକାର ରାଜଧାନୀ ୱାଶିଂଟନ ଡିସିସ୍ଥିତ ଜନ୍ ଏଫ୍ କେନେଡି ସେଂଟରରେ 'ଆଇ କମ୍ ଫ୍ରମ ଟୁ ଇଣ୍ଡିଆସ୍' ଶୀର୍ଷକ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ଏକ ୭ ମିନିଟର ଭିଡିଓ ୟୁଟ୍ୟୁବରେ ପ୍ରସାରିତ ହୋଇଛି । ଯେଉଁଥିରେ ସେ କହୁଛନ୍ତି ମୁଁ ଏପରି ଏକ ଦେଶରୁ ଆସିଛି ତାହା ଦୁଇ ପ୍ରକାର । ଯେଉଁଠି ଦିନବେଳା ମହିଳାଙ୍କୁ ପୂଜା କରାଯାଏ କିନ୍ତୁ ରାତିରେ ଗଣବଳତ୍କାର କରାଯାଏ । ବୀର୍ ଦାସ ଦେଶ ବିରୋଧରେ ଆହୁରି ଏପରି ଅପଶବ୍ଦ ପ୍ରୟୋଗ କରିଛନ୍ତି ତାହା ବର୍ଣ୍ଣନା ନ କରିବା ଭଲ । ସେ ଯେଉଁଠାରେ ଜନ୍ମ ହୋଇଛନ୍ତି, ଯେଉଁଠାରେ ସେ ବୀର୍ ଦାସ ରୂପେ ତିଆରି ହୋଇଛନ୍ତି, ଯେଉଁଠାରୁ ସେ ଧନ ଅର୍ଜନ କରୁଛନ୍ତି, ଯେଉଁଠି ଲୋକପ୍ରିୟତା ହାସଲ କରିଛନ୍ତି, ସେହି ଦେଶ ବିରୋଧରେ ଆମେରିକାରେ ଯେଉଁ ଅପଶବ୍ଦ କହିଛନ୍ତି ତାହ ଅକ୍ଷମଣୀୟ । ଏଘଟଣା ଚାରିଆଡେ ଯୋରଦାର ବିରୋଧ ହେବାପରେ ନିଜର ସ୍ପଷ୍ଟିକରଣରେ କହିଛନ୍ତି ଯେ, ସେ କେବଳ ଭାରତ ବିରୋଧାଭାସକୁ ସାମନାକୁ ଆଣିଛନ୍ତି । ଭାରତ ଏକ ମହାନ ଦେଶ ଏବଂ ଆମେ ଆମର ମହାନତାକୁ ମନେରଖିବା ଉଚିତ । ସାତ ମିନିଟର ଭିଡିଓର ଶେଷରେ ଯେଉଁ ତାଳି ହୋଇଛି ତାହା ଭାରତ ପ୍ରତି ଦେଶଭକ୍ତିର ପ୍ରମାଣ । ଏବେ ପ୍ରଶ୍ନ ହେଉଛି ଦେଶଭକ୍ତିର ଏହି ପ୍ରମାଣ ହାସଲ ପାଇଁ ବୀର୍ ଦାସକୁ ନିଜ ଦେଶ ବିରୋଧରେ ଅପପ୍ରଚାର କରିବାର କଣ ଆବଶ୍ୟକ ଥିଲା ? ଏହିପରି ଭ୍ରାତାଙ୍କ ବଦନକୁ ଆମ ଦେଶ ଚିହ୍ନିବା ଦରକାର । ଏହିପରି ଲୋକ ଆମ ଦେଶକୁ ବିକି ପଇସା କମାଇବାରେ ବ୍ୟସ୍ତ । ଏବେ ଚିନ୍ତା କରନ୍ତୁ ଆଜି ଯଦି ଭାରତର ବଡ ବଡ କ୍ରାନ୍ତିକାରୀମାନେ ଥାନ୍ତେ, ଯେଉଁମାନେ କି ନିଜର ଜୀବନ ବଳିଦାନ ଦେଇ ଭାରତକୁ ସ୍ୱାଧୀନ କରିଛନ୍ତି, ଏହିପରି ଲୋକମାନଙ୍କୁ ଦେଖିଲା ପରେ ସେମାନଙ୍କର ଆତ୍ମା କିପରି ହେଉଥିବ। ଆମ ଦେଶରେ ଅନେକ କାର୍ଟୁନିଷ୍ଟ ଅଛନ୍ତି, ଅନେକ ହାସ୍ୟ ଅଭିନେତା ଅଛନ୍ତି, ଅନେକ ନେତା ଅଛନ୍ତି କିନ୍ତୁ ସମସ୍ତେ ଏକାପରି ନୁହଁନ୍ତି । ଯେଉଁମାନେ ଦେଶ ବିରୋଧରେ ଏପରି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଯଦି ଏମାନଙ୍କ ବିରୋଧରେ ଦେଶ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ସେମାନେ ସୀମା ଟପିଯିବେ, ଦିନକୁ ଦିନ ସେମାନଙ୍କର ସାହସ ବଢିବା ସହିତ ସେମାନଙ୍କର ସଂଖ୍ୟା ବଢିଚାଲିବ । ସାରା ବିଶ୍ୱକୁ ଏହି ସନ୍ଦେଶ ଯିବ ଯେ ଭାରତର ଲୋକ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ନିଜ ଦେଶକୁ ବିକି ପାରିବେ, ଖଣ୍ଡିତ କରିପାରିବେ, ଦେଶ ସହିତ ପ୍ରତାରଣା କରିପାବେ, ନିଜର ଚରିତାର୍ଥ ପୁରଣ କରିବା ପାଇଁ ଦେଶର ଛବିକୁ ଖରାପ କରିଦେଇ ପାରିବେ । ଏବେ ପ୍ରଶ୍ନ ଉଠୁଛି ଲୋକଙ୍କର ଏପରି ମାନସିକତା କେତେ ଦିନ ପର୍ଯ୍ୟନ୍ତ ? ଦେଶର ସମ୍ମାନକୁ ଆଘାତ ଦେଉଥିବା ମାନସିକତା କେବେ ଶେଷ ହେବ ? ଯଦି କୌଣସି ବ୍ୟକ୍ତି ସମାଜ କିମ୍ବା ଦେଶକୁ ମହାନ ହେବାକୁ ଚାହେଁ ତେବେ ତାଙ୍କ ପାଇଁ ସମ୍ମାନ ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅନ୍ୟ ଦେଶକୁ ଯାଇ ଯଦି ଦେଶପ୍ରତି ସମ୍ମାନର ଭାବନା ଜାଗ୍ରତ ନକରି ପାରିଲ ତେବେ ସବୁ ଆଶା, ସବୁ ଭରସା ଓ ସମ୍ମାନ ପାଣି ଫୋଟକା ପରି ମିଳେଇଯିବ ।

# ସେବା ହିଁ ଧର୍ମ

'ମାନବ ସେବା ହିଁ ମାଧବ ସେବା' । ସ୍ୱାର୍ଥସର୍ବସ୍ୱ ଜୀବନ ବ୍ୟର୍ଥ । ଯେଉଁ ମଣିଷ ନିଜେ ବସବାସ କରୁଥିବା ସଂସାରର ହିତ ଚାହେଁନା ତା' ଜୀବନ ପଶୁବତ୍ । ଶାସ୍ତ୍ରରେ ଅଛି: "ପରୋପକାରଃ ପୁଣ୍ୟାୟ ପାପାୟ ପର ପୀଡ଼ନମ୍" । ବାଇବେଲ୍‌ରେ ମଧ୍ୟ ଅନ୍ୟର ସେବା କରିବା ଉଦ୍ଦେଶ୍ୟରେ ଉଲ୍ଲେଖ ଅଛି - "Whoever is kind to the poor lends to the LORD, and he will reward them for what they have done." (NIV Proverb ୧୯:୧୭)

ଜଗନ୍ନାଥ ଦାସଙ୍କ ଭାଷାରେ:

'ଏ ଆତ୍ମାଜ୍ଞାନୀଙ୍କର ସାର ।
ସଂସାରେ ଜନଉପକାର' ॥୫॥

(ତୃତୀୟ ସ୍କନ୍ଧ, ପ୍ରଥମ ଅଧ୍ୟାୟ, ଓଡ଼ିଆ ଭାଗବତ)

ଅର୍ଥାତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମାନବ ସେବାକୁ ପରମ ଧର୍ମ ରୂପେ ଗ୍ରହଣ କରିବା ଉଚିତ । ଧର୍ମର ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଗଲେ ହିଁ ଦେଶ ତଥା ମାନବ ସମାଜର ସାମଗ୍ରୀକ ଉନ୍ନତି ସାଧନ ହେବ ।

ଶିକ୍ଷଣ ସହ ମାନବ ସେବାକୁ ପରମ ଧର୍ମ ରୂପେ ଗ୍ରହଣ କରିବା ଉଦ୍ଦେଶ୍ୟରେ ଦେଶର ଶିକ୍ଷାନୁଷ୍ଠାନ ମାନଙ୍କରେ ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା, ଏନ୍‌ସିସି, ଭାରତ ସ୍କାଉଟ୍ ଓ ଗାଇଡ୍‌ର ଶାଖାମାନ ଖୋଲି ଛାତ୍ରଛାତ୍ରୀଙ୍କୁ ଦେଶମାତୃକାର ସେବା କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି । ମାନବିକତା, ନିରପେକ୍ଷାତା, ନିଷ୍ପକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା, ସର୍ବବ୍ୟାପକତା ଭଳି ସାତୋଟି ମୂଳ ସିଦ୍ଧାନ୍ତ ଉପରେ ଆଧାରିତ ରେଡ୍‌କ୍ରସ୍ ଆନ୍ଦୋଳନରେ ୧୯୨୦ରୁ ସାମିଲ ହୋଇଥିବା ଭାରତ ୧୯୨୫ ମସିହାରୁ ଯୁବଗୋଷ୍ଠୀକୁ ସେବାକାର୍ଯ୍ୟରେ ସାମିଲ କରିବା ଆରମ୍ଭ କଲା । ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ସ୍ୱେଚ୍ଛାସେବୀ ମାନବବାଦୀ କାର୍ଯ୍ୟରେ ନିୟୋଜିତ । ୧୪ ରୁ ୧୭ ବର୍ଷ ପର୍ଯ୍ୟନ୍ତ ଜୁନିୟର ରେଡକ୍ରସ୍ ଓ ୧୮ ରୁ ୩୦ ବର୍ଷ ମଧ୍ୟରେ ୟୁଥ୍ ରେଡ୍‌କ୍ରସ୍‌ରେ ସାମିଲ ହେବାର ସୁଯୋଗ ପାଇ ଛାତ୍ରଛାତ୍ରୀ ନିଜର ଶକ୍ତି, ଯୋଜନା ଓ ଅଭିନବୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥାଆନ୍ତି । ଏହି ସବୁ ୟୁନିଟ ଜଣେ ଜଣେ ପରାମର୍ଶଦାତାଙ୍କ ନେତୃତ୍ୱରେ ନିଜ ନିଜ ଶିକ୍ଷାନୁଷ୍ଠାନ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଆୟୋଜିତ ବିଭିନ୍ନ କ୍ୟାମ୍ପରେ ସାମିଲ ହୋଇ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ପ୍ରାକୃତିକ ଓ ମାନବକୃତ ଆପଦ କାଳରେ ସହାୟତା ପ୍ରଦାନ, ପରିବାର ପୁନଃମିଳନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଏଚ୍‌ଆଇଭି/ଏଡ୍‌ସ୍ ସଚେତନତା, ସଡ଼କ ସୁରକ୍ଷା, ଆଇନ ସଚେତନତା ଭଳି ବିଭିନ୍ନ ସାମୁଦାୟିକ କଲ୍ୟାଣ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥାଆନ୍ତି ।

ଦେଶରେ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ୱେଚ୍ଛାକୃତ ଜାତୀୟ ସେବା ସଂସ୍ଥା ଆରମ୍ଭ କରିବା ପାଇଁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସୁପାରିଶ କ୍ରମେ ୧୯୬୯ ମସିହା ୨୪ ସେପ୍ଟେମ୍ବର ଦିନ ଦେଶର ୩୭ଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୁଭାରମ୍ଭ ହେଲା । ସେ ସମୟର ସ୍ୱେଚ୍ଛାସେବୀ ସଂଖ୍ୟା ୪୦୦୦୦ ଥିଲା, ଯାହା ବର୍ତ୍ତମାନ ୩୯୬ଟି ବିଶ୍ୱବିଦ୍ୟାଳୟ/ +୨ କାଉନସିଲ୍, ୧୬,୩୩୧ଟି ମହାବିଦ୍ୟାଳୟ/ ବୈଷୟିକ ଅନୁଷ୍ଠାନ, ୨୮,୬୨୧ଟି ସିନିୟର ସେକେଣ୍ଡାରୀ ସ୍କୁଲରେ ସମୁଦାୟ

**ଅଧ୍ୟାପକ ଗୋବିନ୍ଦ ସାହୁ**

୪୧,୪୪୨ ଟି ୟୁନିଟରେ ୩.୮୬ ମିଲିୟନ୍ ସ୍ୱେଚ୍ଛାସେବୀ ପଞ୍ଜିକୃତ । ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ଯୋଜନାରେ ଏକାଦଶ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀମାନେ ସାମୁଦାୟିକ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାଆନ୍ତି । ଅଭାବୀ ଲୋକଙ୍କୁ ସହାୟତା କରିବାକୁ ବଦ୍ଧପରିକର ଏହି ସ୍ୱେଚ୍ଛାସେବୀମାନେ ସେବାକାର୍ଯ୍ୟ ସମୟରେ ପରିଧାନ କରୁଥିବା ବ୍ୟାଜ୍ ଦେଶସେବାରେ ଅହର୍ନିଶି ପ୍ରସ୍ତୁତ ଥିବାର ସୂଚୀତ କରିଥାଏ । ସେବା ମାଧ୍ୟରେ ଜାତୀୟ ସଂହତି କ୍ୟାମ୍ପ, ଶ୍ରମଦାନ, ସ୍ୱେଚ୍ଛାକୃତ ରକ୍ତଦାନ, ବୃକ୍ଷରୋପଣ, ବିପର୍ଯ୍ୟୟ ପ୍ରଶମନ, ପ୍ରତିଶେଧନ ତଥା ଦୁଃସାହସିକ କାର୍ଯ୍ୟରେ ଭାଗନେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ସେବା ମାଧ୍ୟମରେ ଯୁବଗୋଷ୍ଠୀ ମଧ୍ୟରେ ଜାତୀୟତାଭାବ ଜାଗ୍ରତ ହେବା ସହ ନିଜର ଅନ୍ତର୍ନିହିତ ଶକ୍ତିର ମଧ୍ୟ ବିକାଶ କରିବାକୁ ତାଙ୍କୁ ଯଥେଷ୍ଟ ଅବକାଶ ମିଳିଥାଏ । ସେଥି ସକାଶେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଯୁବଗୋଷ୍ଠୀର ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଜାତୀୟ ସଂହତି ଶିବିର, ଜାତୀୟ ଯୁବ ଉତ୍ସବ, ପର୍ବତାରୋହଣ, ପାରା ସେଲିଙ୍ଗ୍ ଓ ବେସିକ୍ ସ୍କାଇଙ୍ଗ୍ ଭଳି ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

୧୯୪୮ ରେ ପ୍ରତିଷ୍ଠିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମଧ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏକ ସ୍ୱେଚ୍ଛାସେବୀ ସଂଗଠନ । ଏହା ମାଧ୍ୟମରେ ଦେଶବ୍ୟାପୀ ଶିକ୍ଷାନୁଷ୍ଠାନ ମାନଙ୍କରେ ସେନାଛାତ୍ରମାନଙ୍କୁ ନିଯୁକ୍ତ କରି ମୌଳିକ ସୈନ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଏ । "ଏକତା ଓ ଅନୁଶାସନ"କୁ ନିଜ ଆଦର୍ଶ ରୂପେ ଗ୍ରହଣ କରି ସ୍ୱେଚ୍ଛାସେବୀ ବାର୍ଷିକ ମିଳିତ ପ୍ରଶିକ୍ଷଣ ଶିବିର, ଜାତୀୟ ସଂହତି ଶିବିର, ଉନ୍ନତ ନେତୃତ୍ୱ ଶିବିର, ସେନା ସଂଲଗ୍ନ ଶିବିର, ହାଇକିଂ ଓ ଟ୍ରେକିଂ ଶିବିର, ସର୍ବଭାରତୀୟ ନୌକ୍ରୀଡ଼ା, ପର୍ବତାରୋହଣ ଶିବିର ସମେତ ସ୍ଥଳସେନା, ବାୟୁସେନା ଓ ନୌସେନା ଶିବିର ବ୍ୟତୀତ ଗଣତନ୍ତ୍ର ଦିବସ ଶିବିର ଏବଂ ମିତ୍ରରାଷ୍ଟ୍ରମାନଙ୍କ ସହ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ଦେଶର ଏକତ୍ରିତ, ଧର୍ମନିରପେକ୍ଷ ଓ ଶୃଙ୍ଖଳିତ ନାଗରୀକ ରୂପେ ଗଢ଼ିବାର ସୁଯୋଗ ପାଇଥାଆନ୍ତି । ୧୯୬୫ ଓ ୧୯୭୧ ଯୁଦ୍ଧକାଳରେ ସମର ଶିକ୍ଷାର୍ଥୀ ବାହିନୀ ନିଜର ଶୌର୍ଯ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛି । ସଂପ୍ରତି ଦେଶର ୧୭ ନିର୍ଦ୍ଦେଶାଳୟ ଅଧିନରେ ୬୮୪ ସ୍ଥଳସେନା, ୬୯ ନୌସେନା ଓ ୬୧ ବାୟୁସେନା ୟୁନିଟ୍ ସମେତ ୮୧୪ ୟୁନିଟ୍‌ରେ ପ୍ରାୟ ୧.୫ ମିଲିୟନ ସେନାଛାତ୍ର ସେବାରତ ।

ସ୍ୱାଧୀନ ଭାରତରେ ନଭେମ୍ବର ୭, ୧୯୫୦ ରେ ପ୍ରତିଷ୍ଠିତ ଭାରତ ସ୍କାଉଟ୍ ଓ ଗାଇଡ୍‌ର ସ୍ୱେଚ୍ଛାସେବୀ ଈଶ୍ୱର ଓ ଦେଶ ପ୍ରତି କର୍ତ୍ତବ୍ୟ, ଅନ୍ୟଙ୍କୁ ସାହାଯ୍ୟ କରିବା ସହ ସ୍କାଉଟର ସମସ୍ତ ନିୟମ ପାଳନ କରିବାକୁ ଶପଥ ନେଇ ଥାଆନ୍ତି । ସ୍ୱେଚ୍ଛାସେବୀମାନେ ବିଶ୍ୱାସଯୋଗ୍ୟ, ନିଷ୍ଠାବାନ, ଶିଷ୍ଟ, ସାହସୀ, ମିତବ୍ୟୟୀ, ମାନବ, ପଶୁ-ପକ୍ଷୀ ଓ ପ୍ରକୃତି ପ୍ରେମୀ ହେବା ସହ ଚିନ୍ତନ, କଥା ଓ କର୍ମରେ ଶୁଦ୍ଧ ରହିଥାଆନ୍ତି । ସଂପ୍ରତି ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭାରତ ସ୍କାଉଟ୍ ୱିଙ୍ଗ୍‌ରେ ୩,୬୮୭,୧୨୭ ଓ ଗାଇଡ୍ ୱିଙ୍ଗ୍‌ରେ ୨,୦୦୮,୫୪୯ ଜଣ ସ୍ୱେଚ୍ଛାସେବୀ ସେବାରତ ।

ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଓ ଗାଇଡ୍ ଭଳି ସଂସ୍ଥା ସହିତ ଜଡ଼ିତ ହୋଇ ବ୍ୟକ୍ତିଗତ ସ୍ୱାର୍ଥରୁ ବହୁ ଉର୍ଦ୍ଧ୍ୱରେ ମାନବ ସମାଜ ତଥା ଇତର ପ୍ରାଣୀଙ୍କ ନିସ୍ୱାର୍ଥପର ସେବା ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ଶକ୍ତିର ମଧ୍ୟ ବିକାଶ କରିବାରେ ସମର୍ଥ ହୋଇଥାଆନ୍ତି । ଫଳତଃ, ଔପଚାରିକ ଶିକ୍ଷା ସମାପ୍ତ ପରେ ମଧ୍ୟ ସେମାନଙ୍କ ଭିତରେ ଥିବା ସ୍ୱେଚ୍ଛାସେବୀ ଗୁଣ ଉଜ୍ଜୀବିତ ହୋଇ ରହିଥାଏ ଏବଂ ସେମାନେ ଜୀବନ ତମାମ୍ "ପରୋପକାରଃ ପୁଣ୍ୟାୟ"କୁ ମୂଳମନ୍ତ୍ର କରିଥାଆନ୍ତି । ଯଦି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଛାତ୍ରାବସ୍ଥାରୁ ହିଁ ଦେଶର ସମସ୍ତ ଅଧିବାସୀ ଅନ୍ୟର ସେବାକୁ ହିଁ ଧର୍ମ ରୂପେ ପାଳନ କରିବେ, ଜାତୀୟ ସଂହତି ଅବଶ୍ୟ ପ୍ରତିଷ୍ଠା ହେବ ଏବଂ ମାନବ ସମାଜ ଏକତାର ସୂତ୍ରରେ ବାନ୍ଧି ହୋଇ ଯଥାର୍ଥରେ ବୈଶ୍ୱିକ ଗ୍ରାମ ପ୍ରତିଷ୍ଠା ଆଡ଼କୁ ଅଗ୍ରସର ହେବ ।

# ପ୍ରକୃତିର ଅନୁପମ ଉପହାର

ପ୍ରାଚୀନ କାଳରୁ ହିଁ ଜଙ୍ଗଲ ବା ବନ ମଣିଷର ଜୀବନରେ ବିଶେଷ ଗୁରୁତ୍ୱ ରଖିଆସିଛି । ମାନବ ଜୀବନ ପାଇଁ ଏହା ପ୍ରକୃତିର ଅନୁପମ ଉପହାର । ଆମର ଜଙ୍ଗଲ କେବଳ ଗଛ-ବୃକ୍ଷରେ ସିମୀତ ନୁହେଁ, ବରଂ ଏହା ଅନେକ ଉପକାରୀ ଜୀବ ଜନ୍ତୁ ଏବଂ ଔଷଧମାନଙ୍କର ଭଣ୍ଡାର । ଜୀବନ ପାଇଁ ପୃଥିବୀରେ ଜଙ୍ଗଲର ଆବଶ୍ୟକତା ରହିଛି । ଆଉ ପ୍ରକୃତିର ସନ୍ତୁଳନକୁ ସମତୁଳ ରଖିବାରେ ଜଙ୍ଗଲ ପୂର୍ଣ୍ଣ ମାତ୍ରାରେ ସହାୟକ ହୋଇଥାଏ । ପ୍ରାଚୀନ କାଳରୁ ଆମର ପୂର୍ବପୁରୁଷ, ଋଷି-ମୁନି ଓ ସନ୍ଥମାନଙ୍କ ପାଇଁ ବନ ତପସ୍ୟାର ପ୍ରମୁଖ ସ୍ଥାନ ରହି ଆସିଛି । ଏହି ବନାଂଚଳରେ ମହାନ ଋଷି ମାନଙ୍କର ଆଶ୍ରମ ରହିଥିବା ବେଳେ ସନ୍ଥ ଓ ସେମାନଙ୍କର ଶିଷ୍ୟ ମଧ୍ୟ ରହୁଥିଲେ । ସମାଜରେ ସେମାନଙ୍କର ବିଶେଷ ସ୍ଥାନ ଥିଲା ଓ ସେମାନଙ୍କୁ ଲୋକମାନେ ପୂର୍ଣ୍ଣ ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ କରୁଥିଲେ ।

ପୂର୍ବର ଚିକିତ୍ସକ ଏବଂ ବୈଦ୍ୟମାନଙ୍କ ପାଇଁ ବନ ମହାନ ଔଷଧର ଉତ୍ସ ଥିଲା । ରାମାୟଣ କାହାଣୀରେ ମେଘନାଦର ଅମୋଘ ଅସ୍ତ୍ର ପ୍ରହାରରେ ଲକ୍ଷ୍ମଣଙ୍କର ଜୀବନ ବଂଚାଇବା ପାଇଁ ସଂଜୀବନୀ ବନରେ ହିଁ ଉପଲବ୍ଧ ଥିଲା । ବୃନ୍ଦାବନର ଭଗବାନ ଶ୍ରୀକୃଷ୍ଣ ଏବଂ ରାଧିକାଙ୍କ ପବିତ୍ର ପ୍ରେମ ସହିତ ସିଧା ସଂପର୍କ ରହିଛି ବନର । ତାଙ୍କର ଏହି ସଂପର୍କ ଦେବୀ ଦେବତାଙ୍କ ପ୍ରକୃତି ପ୍ରେମକୁ ଦର୍ଶାଇଥାଏ । ଜଙ୍ଗଲରେ ଅନେକ ପ୍ରକାର ଗଛ ବୃକ୍ଷର ଭଣ୍ଡାର ରହିଛି, ଯାହା ମଣିଷ ପାଇଁ ଉପଯୋଗୀ । ଅଶ୍ୱତ୍ଥ ବୃକ୍ଷ ଆମ ପାଇଁ ଆଧ୍ୟାତ୍ମିକ ଆବଶ୍ୟକତା ସହ ଅତ୍ୟନ୍ତ ଗୁଣକାରୀ ମଧ୍ୟ ଅଟେ । କାରଣ ଏହି ବୃକ୍ଷ ଅନ୍ୟ ବୃକ୍ଷମାନଙ୍କ ତୁଳନାରେ ଆମକୁ ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରିଥାଏ । ଏହା ଛଡ଼ା ଲିମ୍ବ, ବବୁଲ, ତୁଳସୀ, ଅଁଳା ଆଦି ବୃକ୍ଷ ଆମକୁ ଔଷଧୀୟ ଆକାରରେ ମିଳିଥାଏ ।

ବନ କେବଳ ମଣିଷଙ୍କ ପାଇଁ ନୁହେଁ, ବରଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଆବଶ୍ୟକ । ଏମାନଙ୍କ ଯୋଗୁ ପ୍ରକୃତି ନିଜର ସନ୍ତୁଳନ ବଜାୟ ରଖିବାରେ ସମର୍ଥ ହୋଇଥାଏ । ଲୋକମାନେ ମନ ଇଚ୍ଛା ଜଙ୍ଗଲ କାଟୁଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଜୀବଜନ୍ତୁ ଓ ଗଛ ବୃକ୍ଷ ଲୁପ୍ତ ହୋଇ ଗଲେଣି, ଯାହା ମଣିଷ ସମାଜ ପାଇଁ ବିପଦ ହେବାରେ ଲାଗିଛି । ଜଙ୍ଗଲର ରାଜା ସିଂହମାନଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ହ୍ରାସ ପାଇ ଚାଲିଛି । ଜଙ୍ଗଲୀ ହାତୀମାନଙ୍କ ସଂଖ୍ୟା ମଧ୍ୟ ଲଗାତାର କମି ଚାଲିଛି । ଏହି ଭୟାନକ ଅବସ୍ଥା ଅନ୍ୟ ଜୀବଜନ୍ତୁଙ୍କ କ୍ଷେତ୍ରରେ ମଧ୍ୟ ଦେଖାଗଲାଣି । ଋତୁଚକ୍ର ଓ ପ୍ରକୃତିରେ ସନ୍ତୁଳନ ବଜାୟ ରଖିବାରେ ଜଙ୍ଗଲ ହିଁ ସକ୍ଷମ ହୋଇଥାଏ । ଅଧିକ ବର୍ଷା ସମୟରେ ଜଙ୍ଗଲ ମାଟି କ୍ଷୟକୁ ଅଟକାଇଥାଏ ତଥା ତାହାର ଉର୍ବର ଶକ୍ତିକୁ ବଜାୟ ରଖିବାରେ ସହଯୋଗ ଦେଇଥାଏ । ଗଛ ବୃକ୍ଷ ନିଜ ଚେର ଦ୍ୱାରା

**ପ୍ରଫେସର ସରୋଜ ଦାସ**

ପୃଥିବୀର ଜଳକୁ ଶୋଷି ନିଏ, ଯାହା ପୁଣି ବାଷ୍ପ ହୋଇ ବାୟୁ ମଣ୍ଡଳରେ ବାଦଲ ରୂପ ଧାରଣ କରେ । ପରିଣାମ ସ୍ୱରୂପ ବର୍ଷା ହୋଇଥାଏ ଓ ଏହି ଚକ୍ର ନିରନ୍ତର ଚାଲିଥାଏ । ପ୍ରକୃତିର ଏହି ବ୍ୟବସ୍ଥା ମାନବ ସମାଜର ଉପକାର କରିଥାଏ । କିନ୍ତୁ ମଣିଷ ନିଜର ସ୍ୱାର୍ଥ ପାଇଁ ଜଙ୍ଗଲ କାଟିବାକୁ ପଛାଉ ନାହିଁ । ଏଣୁ ଧୀରେ ଧୀରେ ଜଙ୍ଗଲ ସଫା ହୋଇ ଚାଲିଛି । କେବଳ ଏତିକି ନୁହେଁ, ମାଟିକୁ ନଷ୍ଟ କରିବା ମଧ୍ୟ ବଢି ଚାଲିଛି । ଏହାଦ୍ୱାରା ଜଳାଶୟ ଗୁଡ଼ିକ ଦିନକୁ ଦିନ ଶୁଖି ଚାଲିଛି । ଲଗାତାର ପାଣିର ଅଭାବ ଯୋଗୁ ଜଳୀୟ ଜୀବମାନଙ୍କ ଅସ୍ତିତ୍ୱ ବିପଦ ଘେରକୁ ଆସି ଗଲାଣି । ଗଛ ବୃକ୍ଷ ପରିବେଶକୁ ବିଶୁଦ୍ଧ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଘର, ମୋଟର ଗାଡ଼ି ଓ କଳକାରଖାନାରୁ ବାହାରୁଥିବା କାର୍ବନ-ଡ଼ାଇଅକ୍ସାଇଡ଼କୁ ଗଛ-ବୃକ୍ଷ ଶୋଷି ନିଅନ୍ତି, ଯଦ୍ୱାରା ପରିବେଶରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସହାୟତା ମିଳିଥାଏ । ଅର୍ଥାତ୍ ଗଛ-ବୃକ୍ଷ ପରିବେଶକୁ ନିଜ ନିୟନ୍ତ୍ରଣରେ ରଖିଥାଆନ୍ତି ।

ତେବେ ଗଛ-ବୃକ୍ଷ କେବଳ ମଣିଷ ପାଇଁ ନୁହେଁ, ବରଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ଅତି ଆବଶ୍ୟକ । ଏମାନଙ୍କ ଅଭାବରେ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ଅସମ୍ଭବ । ଏଣୁ ଏମାନେ ଆମ ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ । ଏଣୁ ଆମେ ଜଙ୍ଗଲର ଗୁରୁତ୍ୱ ବୁଝିବା ଉଚିତ । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ସମସ୍ତେ ମିଳିମିଶି କରିବାର ଆବଶ୍ୟକତା ରହିଛି । ବୃକ୍ଷ ରୋପଣ କାର୍ଯ୍ୟକୁ ଅଧିକରୁ ଅଧିକ ପ୍ରସାର କରିବା ଉଚିତ ତଥା ଯେଉଁ ଜଙ୍ଗଲ ଗୁଡ଼ିକ ଖାଲି ହୋଇ ଗଲାଣି, ସେଠାରେ ଗଛ କାଟିବା ଉପରେ ପ୍ରତିବନ୍ଧକ ଲଗାଯିବା ଉଚିତ । ତେବେ ଅଧିକରୁ ଅଧିକ ଗଛ ଲଗାଇବା ସରକାରଙ୍କ ପ୍ରମୁଖ ଦାୟିତ୍ୱ ହୋବ ଉଚିତ । ଯେଉଁମାନେ ବେଆଇନ ଭାବେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା ଦଣ୍ଡର ବ୍ୟବସ୍ଥା ହେବା ଉଚିତ । କେବଳ ସରକାର କାହିଁକି ସମସ୍ତ ସମାଜସେବୀ ସଂସ୍ଥା ଓ ବିଶେଷତଃ ନବଯୁବକମାନଙ୍କୁ ବୃକ୍ଷ ରୋପଣ ଦିଗରେ ସଚେତନତା କରାଯିବା ଉଚିତ । ବୃକ୍ଷ ରୋପଣର ଉପକାର ସଂପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରିବା ପାଇଁ ଛାତ୍ର ଜୀବନରୁ ହିଁ ସେମାନଙ୍କୁ ସଚେତନ କରାଯିବା ଉଚିତ । ଏ ଦିଗରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାକୁ ବେଳେବେଳେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହେବା ଉଚିତ । ଅତଏବ ଜଙ୍ଗଲ କେବଳ ମଣିଷ ଜୀବନ ପାଇଁ ନୁହେଁ, ବରଂ ଭଗବାନଙ୍କ ସୃଷ୍ଟିର ସମସ୍ତ ଜୀବ-ଜନ୍ତୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ପ୍ରାକୃତିକ ସନ୍ତୁଳନ ଓ ପରିବେଶର ସୁରକ୍ଷା ପାଇଁ ନିହାତି ଆବଶ୍ୟକ । ପ୍ରକୃତିର ଜୀବମାନଙ୍କ ପାଇଁ ଜଙ୍ଗଲର ପ୍ରମୁଖ ଭୂମିକା ରହିଛି । ଏହି ଅମୂଲ୍ୟ ସଂପଦକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଉତର ଦାୟିତ୍ୱ ହେବା ଉଚିତ । ଲଗାତାର ଜଙ୍ଗଲ କାଟି ସଫା କରିବା ହିଁ ମଣିଷ ସମାଜ ପାଇଁ ଏକ ଗମ୍ଭୀର ବିପଦ ହୋଇଛି । ଏଣୁ ଆମ ପ୍ରକୃତି ଓ ନିଜ ଜୀବନରେ ସବୁଜିମା ବଜାୟ ରଖିବା ପାଇଁ ବୃକ୍ଷ ରୋପଣ ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ ।

# ଏତେ ତାତି ! 'ନ ହେଜିଲେ କଥା ସରିଲା !

ବରଷକ ବାର ମାସ ମଧ୍ୟରୁ ଛଅ ମାସରୁ ଉର୍ଦ୍ଧ୍ୱ କାଳ ରୌଦ୍ର ତାପ ଆମ ପ୍ରାଣୀ ଜଗତକୁ ସନ୍ତୁଳି ଚାଲିଛି । ପ୍ରତି ବର୍ଷ ବାରମାସର ଛଅ ଋତୁ ମଧ୍ୟରୁ ଗ୍ରୀଷ୍ମ ଋତୁର ନିଦାଘ ଖରା ଝାଂଜି ବାକି ୫ ଋତୁ ଯଥା ବର୍ଷା ,ଶରତ, ହେମନ୍ତ, ଶୀତ, ବସନ୍ତର ସ୍ୱାଭାବିକ ଋତୁ କାଳୀନ ବିଶେଷତାକୁ ଗଭୀର ଭାବେ ପ୍ରଭାବିତ କରି ରଖିଛି । ଏବେ କିଛି ବର୍ଷ ହେଲା କେବଳ ଖରାର ଅସ୍ୱାଭିକତା ବର୍ଷକ ବାର ମାସ ଆମର ସସାଗର ଧରାର ସମଗ୍ର ପ୍ରାଣୀ ଜଗତକୁ ଯନ୍ତ୍ରଣାସିକ୍ତ କରି ରଖି ଆସୁଥିବା ସର୍ବିଙ୍କୁ ଜଣା । ବର୍ଷା ଋତୁର ଅସ୍ୱାଭିକତା ତଥା ଅନୀୟମିତତାରୁ ଅସମୟ ଆଗମନ ସମେତ ଅକାଳରେ ପୂର୍ବାପେକ୍ଷା ବାତ୍ୟା ପ୍ରବଣତା ବର୍ତ୍ତମାନ ଆମ ଜୀବଜଗତର ସ୍ଥିତି ଓ ଅବସ୍ଥିତିକୁ କ୍ରମେ ବିପନ୍ନ କରିଚାଲିଛି । ପୂର୍ବାପେକ୍ଷା ଅସମୟ ଏକାଧିକ ବାତ୍ୟା ଓ ଝଡ, କାଳ ବୈଶାଖୀ ଆମ ମହୀମଣ୍ଡଳରେ ତାଣ୍ଡବ ରଚି ସାଧାରଣରେ ସନ୍ତ୍ରସ୍ତ କରି ରଖିଛି । ପାଣିପାଗ ତାର ସ୍ୱାଭାବିକ ପ୍ରକ୍ରିୟା ଜାରି ପାଇଁ ଆମକୁ ଗଭୀର ଭାବେ ଅନୁଶୀଳନ କରିବାକୁ ଅପେକ୍ଷା ରଖୁଛି ।

ଆମର ଅବିମୃଶ୍ୟକାରିତା ପାଇଁ ଆମ ପରିବେଶକୁ କ୍ଷୟ କରି ଚାଲିଛେ ବୋଲି ଭୁଲିବା ଉଚିତ୍ ନୁହେଁ । ବିଜ୍ଞାନ ଯୁଗର ପ୍ରଗତି ଯେତେ ଯେତେ ଆଗକୁ ଚାଲିଛି, ଆଧୁନିକ ମଣିଷ କ୍ରମେ ଯନ୍ତ୍ର ପାଲଟି ଯାଉଛି । ରକ୍ତ ମାଂସ ଶରୀର ବୁଦ୍ଧିଆ ମଣିଷ ଟିକିଏ ଚିନ୍ତା କଲେ ହୁଏତ ଅବକ୍ଷୟମୁଖୀ ଆମ ଚାରିପାଖ ପରିବେଶ ସୁଧୁରି ପାରନ୍ତା ।ଏବେ ଆମ ଦେଶର ବିଭିନ୍ନ ମେଟ୍ରୋ ନଗରୀ ତଥା ଶିଳ୍ପାଞ୍ଚଳର ସର୍ବନିମ୍ନ ଦୈନିକ ତାପମାତ୍ରା ୪୦ ଡିଗ୍ରିରୁ ଉର୍ଦ୍ଧ୍ୱମୁଖୀ । ସେହିଭଳି ଆମ ରାଜ୍ୟ ଓଡିଶାର ଅବସ୍ଥା ମଧ ସଂଗୀନ । ତାତିଲା ତାୱାରେ ଆମ ରାଜ୍ୟର ସମଗ୍ର ପଶ୍ଚିମ ଓଡିଶା ଏବେ ସାରା ଦିନ କଲବଲ ହେଉଛି । ସକାଳ ୯ରୁ ରୌଦ୍ର ତାପ ୪୦ ଡିଗ୍ରିରୁ ପାରଦ ଚଢୁଛି । ନିଆଁ ବର୍ଷାରେ ଜନ ସାଧାରଣ ଆଉଟୁପାଉଟୁ ହେଉଛନ୍ତି । ଅନେକ ସ୍ଥାନରେ ରେକର୍ଡ ୪୪ ଡିଗ୍ରି ତାପମାତ୍ରାକୁ ଅତିକ୍ରମି ଯିବାର ଆଶଙ୍କା ସତ ହେବା ଅସ୍ୱାବିକ ଆଉ ନୁହେଁ । ଖରା ଓ ଝାଂଜି ପ୍ରଭାବ ସମେତ ଗରମ ଗୁଳୁଗୁଳି ଅଂଶୁଘାତ ଆଶଙ୍କାକୁ ବଳବତ୍ତର କରିଦେଲାଣି । ଏପରି ମାରକ ଖରା ଲାଗି ରହିଲେ ଆଗକୁ ଜୀବନ ବଞ୍ଚିବା ମୁସ୍କିଲ ହୋଇଯିବ ।ତେବେ ସରକାର ଓ ସର୍ବସାଧାରଣ ସଚେତନ ହେଲେ ହୁଏତ ଖରାର ମାରକ ପ୍ରଭାବରୁ ନିସ୍ତାର ମିଳିପାରନ୍ତା ।

ସବୁଠାରୁ ବଡ କଥା, ଆମେ କେବଳ ସୂର୍ଯ୍ୟଙ୍କ ଉତ୍ତାପ ବଢିବାକୁ ନେଇ ଚର୍ଚ୍ଚା କରୁଛେ । କ୍ରମେ ଦିନୁଦିନ ବିଗିଡି ଯାଉଥିବା ଆମ ବାୟୁମଣ୍ଡଳର ଅବସ୍ଥିତିକୁ ଆକଳନ କରିଛେକି ? ସବୁଜ ସୁନ୍ଦର ପୃଥିବୀ ରହିଲେ ସିନା ସସାଗର ଆମର ଧରିତ୍ରୀର ସୁରକ୍ଷା ହୋଇପାରିବ । ପ୍ରଦୂଷଣ ସୃଷ୍ଟି ପାଇଁ ଆମେ କିପ୍ରକାର କାରଣ ହେଉଛେ, ନିତି ପ୍ରତିଦିନ ଏଦିଗରେ କରିଚାଲିଥିବା ଅବିଚାରିତ ହେୟଜ୍ଞାନକୁ ସୁଧାରିବାକୁ ଆମେ କଣ ସତରେ ଯତ୍ନବାନ ରହିଛେକି ବୋଲି କେବେ ନିଜକୁ ପଚାରିଛେ ?ବାୟୁ ମଣ୍ଡଳ ପ୍ରଦୂଷଣ ମୁକ୍ତ ନ ରହିଲେ ଆମ ପରିବେଶର ପାଣିପାଗ ଗଭୀର ଭାବେ ପ୍ରଭାବିତ ହେବ ।ସନ୍ତୁଳନ ବିଗିଡିଗଲେ ଏହି ସୁନ୍ଦର ପୃଥିବୀର ସମୟ ଉପନୀତ ଛଅ ଋତୁର ସମ୍ଭାରକୁ ଆମେ ହରାଇ ବସିବା ।

ଆମ ପରିବେଶର ଉତ୍ତାପ ନିୟନ୍ତ୍ରଣ ପାଇଁ ଛୋଟ ଛୋଟ କଥାକୁ ନହେଜିଲେ ଆଗକୁ ନିସ୍ତାର ନାହିଁ । ଆମେ ଆମ ଚାରିପାଖ ପରିବେଶକୁ ସବୁଜ ସୁନ୍ଦର ତଥା ଥଣ୍ଡା ରଖିବାକୁ ହେଲେ ଆମ ପରିବେଶରେ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି । ଆମ ଚାରିପାଖ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ହେଲେ ' ବୃକ୍ଷଟିଏ ଜୀବନଟିଏ ' ବୋଲି ଆମକୁ ବିଚାରିବାକୁ ହେବ । ପ୍ରତି ସ୍ଥାନରୁ ସ୍ଥାନାନ୍ତର ଅସ୍ୱାଭାବିକ କ୍ରମବର୍ଦ୍ଧିଷ୍ଣୁ ତାପନର ହ୍ରାସ ପାଇଁ ପ୍ରତି ଶିଳ୍ପାଞ୍ଚଳରୁ ନିର୍ଗତ ଅଂଗାରକାମ୍ଳ ତଥା ବର୍ଜ ବିଭିନ୍ନ ରାସାୟନିକ ବାଷ୍ପକୁ ଯାନ୍ତ୍ରିକ ଉପାୟରେ ଛାଣି ବାୟୁ ମଣ୍ଡଳକୁ ପ୍ରଦୂଷଣ ମୁକ୍ତ ରଖିବାକୁ ହେବ । ଏଥିରେ ଉଭୟ ସରକାର ସର୍ବସାଧାରଣ ଯତପରୋନାସ୍ତି ଆବଶ୍ୟକ ସଚେତନ ହୋଇ କାର୍ଯ୍ୟରେ କରି ଦେଖାଇବାକୁ ପଡିବ । ଏ କ୍ଷେତ୍ରରେ ବ୍ୟାପକ ଜନ ଜାଗରଣ ସୃଷ୍ଟି କରିବାକୁ ହେବ । ସ୍ଥାନ କାଳପାତ୍ରରୁ ଉର୍ଦ୍ଧ୍ୱରେ ରହି ବିନା କାହାର ପ୍ରଭାବରେ ପ୍ରଭାବିତ ହୋଇ ଅବିଳମ୍ବେ ସରକାରଙ୍କ ପକ୍ଷରୁ ଏଦିଗରେ ଦୃଢ ନିୟମାବଳୀ ପ୍ରସ୍ତୁତ କରି ଅବହେଳାକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ । ଆମ ପରିବେଶର ସୁରକ୍ଷା ତଥା ଅଯଥା ପ୍ରଦୂଷଣ ଓ ତାପ ପ୍ରଶମନ ପାଇଁ ସମସ୍ତେ ସଜାଗ ହେବାକୁ ପଡିବ । ସର୍ବିଙ୍କର ସୁରକ୍ଷାକୁ ଧ୍ୟେୟ କରି ଆବଶ୍ୟକ ନୀତି ନିୟମର ଅନୁପାଳନ କରିବାର ଆବଶ୍ୟକତା ମଧ ରହିଛି । ଯାନବାହାନର ଚଳାଚଳରୁ ନିର୍ଗତ ଧୂଆଁ ଆମ ପରିବେଶ ପ୍ରଦୂଷଣ ଓ ସନ୍ତାପିତ ଉତ୍ତାପ ବୃଦ୍ଧିର ଅନ୍ୟତମ କାରଣ ଅଟେ । ଏଣୁ ଏଥି ପ୍ରତି ଆମକୁ ସଂଯତ ହେବାକୁ ପଡିବ । ଆବଶ୍ୟକତା ନଥିଲେ ଅଯଥା ଯାନବାହାନ ଚଳାଚଳକୁ ରୋକିବାକୁ ହେବ । ଏଦିଗରେ ନିଜ ଆଡୁ ସର୍ବନିମ୍ନ ପଦକ୍ଷେପ ସ୍ୱରୂପ ନିଜର ଅନାବଶ୍ୟକ ଓ ଅଯଥା ଗାଡି ଚଳାଚଳକୁ ଏଡେଇବାକୁ ହେବ ।ଏଣୁ ପାରୁପର୍ଯ୍ୟନ୍ତ ସାଇକେଲ କିମ୍ବା ଅଳ୍ପବାଟ ଅତିକ୍ରମିବାକୁ ଥିଲେ ନିଜେ ଅନ୍ୟପାଇଁ ପ୍ରେରଣା ସାଜି ପ୍ରଥମେ ଆଗେଇ ଆସି ଅଳ୍ପ ବାଟ ଦୂରତା ଅତିକ୍ରମ କରିବାକୁ ଥିଲେ ନିଜର ପାଦ ଚଲାକୁ ସାଦରେ ଆଦରିବାକୁ ହେବ । ଫଳରେ ନିଜର ଶରୀର ସୁସ୍ଥ ରହିବା ସହ ଆମେ ଆମ ପରିବେଶକୁ ଅଯଥା ଉତ୍ତାପ ଓ ପ୍ରଦୂଷଣରୁ ରକ୍ଷା କରି ପାରିବା । ପରିବେଶ ସଫା ନାମରେ ଅଳିଆ ପୋଡା ଏବେ ସବୁଠି ଦେଖିବାକୁ ମିଳେ । ଅନେକ ସ୍ଥାନରେ ଡମ୍ପିଙ୍ଗ୍ ୟାର୍ଡରେ ନିଆଁ ଲଗାଇଦେଇ ଅଳିଆ ସଫା ନାମରେ କାମ ଖଲାସ କରି ଦେଇଥାନ୍ତି ।ଏହା ସାରା ଦିନ କୁହୁଳି କୁହୁଳି ସମଗ୍ର ବାୟୁମଣ୍ଡଳକୁ ଏହା ଉତ୍ତାପିତ ଓ ପ୍ରଦୂଷିତ କରିଥାଏ । ସେହିଭଳି ପ୍ରତିବର୍ଷ ଫସଲ କଟା ପରେ ବିଲରେ ଚାଷୀ ବର୍ଜ୍ୟ ପାଳକୁଟାରେ ନିଆଁ ନଲଗାଇ ଦେଇଥାଏ । ଏପରି ନକରି ବରଂ ଚାଷୀ ଏହାକୁ ସେହି ଜମିରେ ଖେଳାଇ ବୁଲା ଗାଈ ଗୋରୁମହିଷାଣୀଙ୍କ ଖାଦ୍ୟ ପାଇଁ ଛାଡି ଦେଲେ ଏହା ସେମାନଙ୍କଠାରୁ ଗୋବର ମିଳିବାରେ ପରୋକ୍ଷରେ ସହାୟକ ହୋଇ ଜମିକୁ ମଧ୍ୟ ଖତ ମିଳିପାରନ୍ତା । ଦୋକାନ ବଜାରରେ ନିତି ପ୍ଲାଷ୍ଟିକ ଓ ପଲିଥିନ ଅଳିଆ ବାହାରିଥାଏ । ଏହାକୁ ଦୋକାନୀଟି ଅଳିଆ ସଫା ନାମରେ ନିଆଁ ଲଗାଇ ପୋଡି ଦେଇଥାଏ । ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ଧୂଆଁ ଆମ ବାୟୁମଣ୍ଡଳକୁ ପ୍ରଦୂଷିତ କରିବାରେ କାରଣ ହେବା ସହ ସାଧାରଣରେ ଗରମ ଗୁଳୁଗୁଳିର କାରଣ ହୋଇଥାଏ । ଜନସାଧାରଣ ବସତି ଅଂଚଳରେ ବେଆଇନ ଇଟା ଭାଟିରେ ଇଟା ପୋଡି ସ୍ଥାନୀୟ ଅଂଚଳରେ ଅଯଥା ଉତ୍ତାପ ବୃଦ୍ଧି ତଥା ପ୍ରଦୂଷଣର କାରଣ ହୋଇଥାଏ । ଜଂଗଲ ନିଆଁ ଆମ ସମଗ୍ର ପରିବେଶରେ ଅଯଥା ଉତ୍ତାପ ବୃଦ୍ଧିର କାରଣ ହୋଇଥାଏ । ଏଥି ପ୍ରତି ସଜାଗ ଓ ସଚେତନ ରହି ଆମ ଅଂଚଳର ଜଂଗଲର ସୁରକ୍ଷା ପାଇଁ ପ୍ରତି ସ୍ତରରେ ଧ୍ୟାନ ନଦେଲେ ଜଂଗଲ ସଂପଦ ଉଜୁଡିଯିବ । ଜଂଗଲ ନିଆଁର ଆଁରେ ତାର ଉଭିଦ ଓ ପ୍ରାଣୀ ସଂପଦ ନଷ୍ଟ ହେବା ସହ ଆମ ପରିବେଶ ଉତ୍ତାପ ବୃଦ୍ଧିର ମୁଖ୍ୟ କାରଣ ହେବ । ସଂପ୍ରତି ଆମ ସମାଜରେ ଚାଲିଥିବା ଧୂମପାନକୁ ନିରୋଧ କରାଯିବା ଆବଶ୍ୟକ । ନିତି ପ୍ରତିଦିନ ଆମ ଚାରିପାଖରେ ବସବାସ କରିରହିଥିବା ଧୂମପାନକାରୀଙ୍କ ଠାରୁ ନିର୍ଗତ ମାରାତ୍ମକ ନିକୋଟିନ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରି ରଖିଛି । ଏହାକୁ ଟିକିଏ ନହେଜିଲେ ଉପରୋକ୍ତ ସମସ୍ତ କାରଣ କ୍ରମେ ଆମ ପରିବେଶକୁ ରେଣୁ ରେଣୁ ହୋଇ ନଷ୍ଟବିନଷ୍ଟ କରି ଅଯଥା ଉତ୍ତାପ ବୃଦ୍ଧିର କାରଣ ହେବ । ଏହା ଆମକୁ ଆମର ଗୋଡରେ ଆମରି ଦ୍ୱାରା କୁରାଢି ଚୋଟ ମାରିବା ପରି ସର୍ବିଙ୍କର ସ୍ୱାସ୍ଥ୍ୟକୁ ସଂକଟ ଆଡକୁ ଟାଣି ନେବ । ଯାହା କେବେ ମଧ୍ୟ ଅସ୍ୱାଭିକ ନୁହେଁ । ଆମକୁ ଆମ ଚାରିପାଖ ପ୍ରଦୂଷଣମୁକ୍ତ ତଥା ଅଯଥା ସୃଷ୍ଟ ଉତ୍ତାପରୁ ରକ୍ଷା କରିବାକୁ ହେଲେ ଏକ ଧୂମ ମୁକ୍ତ ତଥା ସୁସ୍ଥ ପରିବେଶର ବଳୟ ସୃଷ୍ଟି କରିବାକୁ ଯତ୍ନବାନ ହେବାକୁ ପଡିବ । ନହେଲେ ଆଗକୁ ଫଳ ବିଷମୟ ହେବ ।

ଶେଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆମେ ଏକ ଯୁଦ୍ଧ ଲିପ୍ତ ପୃଥିବୀର ବାସିନ୍ଦା । ସମଗ୍ର ପୃଥିବୀର ସାନ୍ନିଧ୍ୟତା ସୂର୍ଯ୍ୟର ପ୍ରକାଶ, ପବନର ଅନଭବ,ଆକାଶର ବିଶାଳତା, ସାଗରର ଉଦବେଳନ ଆଦିର ଅନୁଭୂତିରେ ଜୀବନମୟ ମଣିଷର ଜୀବନଯାତ୍ରା ଯେହେତୁ ଜଡିତ, ତାର ପରିବେଶ ଓ ପରିସ୍ଥିତିର ସୁରକ୍ଷା ଏବେ ସଂକଟରେ ପଡିଛି । ସୂର୍ଯ୍ୟର ଉତ୍ତାପ ବଢିବା ସହ କଣ ଆମର ଅବମୃଶ୍ୟକାରୀତା କଣ ଆମକୁଯେ ଏକ ରଡ ନିଆଁ ଉପରେ ବସିଥିବା ତାତିଲା ତାୱାରେ ସନ୍ତାପିତ ନୁହେଁକି ? ଦୁଃଖର ବିଷୟ, ଯୁଦ୍ଧର ଘନଘଟାରେ ପୃଥିବୀର ଅନେକ ରାଷ୍ଟ୍ର ବିଧ୍ୱସ୍ତ, ଭୁଲୁଣ୍ଠିତ ତଥା ସନ୍ତ୍ରସ୍ତ । ଗୁଳିଗୋଳା, କ୍ଷେପଣାସ୍ତ୍ର ପ୍ରୟୋଗ, ଯୁଦ୍ଧାସ୍ତ୍ରର ପରୀକ୍ଷଣରୁ ସୃଷ୍ଟ ବହଳ ଧୂମାଚ୍ଛନ୍ନ କୁହେଳିକାରେ ସାରା ବିଶ୍ୱର ପରାବେଶରେ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । କ୍ଷମତା ଅନ୍ଧ ରାଷ୍ଟ୍ରମାନଙ୍କ ଦ୍ୱାରା ଅବିଚାରିତ ଅଣୁ ଅସ୍ତ୍ର ପରୀକ୍ଷଣରୁ ସୃଷ୍ଟ ମାରାତ୍ମକ ତେଜସ୍କ୍ରିୟ ରଶ୍ମୀ ପ୍ରଭାବରେ ବିଶ୍ୱ ତାପମାତ୍ରା କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ପରିବେଶର ପ୍ରାଣକୁ ସୁରକ୍ଷା ନିମିତ୍ତ କ୍ରମବର୍ଦ୍ଧିଷ୍ଣୁ ଉତ୍ତପ୍ତ ପୃଥିବୀର ଉତ୍ତାପ ପ୍ରଶମନ କରିବାକୁ ହେବ । ବିଶ୍ୱର ରାଷ୍ଟ୍ର ନାୟକମାନେ ଏକମନ ଏକ ପ୍ରାଣ ହୋଇ ଜୀବ ଜଗତର ସୁରକ୍ଷା ପ୍ରତି ଯତ୍ନବାନ ହୋଇ ଆବଶ୍ୟକ ପୃଥିବୀ କଲ୍ୟାଣ ପନ୍ଥା ଆପଣାଇବାକୁ ହେବ । ଏଣୁ ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ ଯୁଦ୍ଧମୁକ୍ତ ପୃଥିବୀର ଆବଶ୍ୟକତା ଉପରେ ବିଶ୍ୱ ସମୁଦାୟ ଆବଶ୍ୟକ କାର୍ଯ୍ୟପନ୍ଥା ଆପଣାଇବାକୁ ପଡିବ । କାରଣ ପୃଥିବୀ ରକ୍ଷା ସର୍ବିଙ୍କର ଜୀବନ ରକ୍ଷା ।

ଆମେ ସଜାଗ ଓ ସଚେତନ ରହିଲେ ଆମ ପୃଥିବୀ ଜୀବନମୟ ହୋଇ ଶାନ୍ତ ଓ ସୁନ୍ଦର ରହିବ । ବରଷକ ବାର ମାସ ଓ ଛଅ ଋତୁଚକ୍ରର ସୁନ୍ଦର ପ୍ରାକୃତିକ ପ୍ରଭାବ ଆମ ଧରଣୀ ଛାତିରେ ପରମ ସାନ୍ନିଧ୍ୟ ପ୍ରଦାନ କରି ଆମ ଜନ ଜୀବନକୁ ସନ୍ତୁଷ୍ଟି ପ୍ରଦାନ କରିବହିଁ କରିବ, ଏଥିରେ ଦ୍ୱିମତ ନାହିଁ ।

ପ୍ରଦୋଷ କୁମାର ଦାସ,ସ୍ତମ୍ଭକାର,ସା/ପୋ:- ନାରୁଣୀ,ଜିଲ୍ଲା:- ଖୋରଧା,ପିନ୍-୭୫୨୦୩୪(୬୩୭୦୪୯୫୯୪୪)

# ପୃଥିବୀର ଏକମାତ୍ର ସହର, ଯେଉଁଠି ୭୦ ବର୍ଷ ହେଲା କେହି ମରିନାହାନ୍ତି

ଗୋଟିଏ ସହର ଥିବ, ସେଠି ଲୋକମାନେ ରହୁଥିବେ, ସେମାନଙ୍କର ବିବାହ ହେଉଥିବ, ପିଲା ଜନ୍ମ ହେଉଥିବେ। ଅନ୍ୟ ସହର ପରି ଏହି ସହରରେ ଲୋକମାନେ ପାଠ ପଢୁଥିବେ, ରାନ୍ଧୁଥିବେ, ଖାଉଥିବେ ଆଉ କାମ କରୁଥିବେ। ମାତ୍ର ଏହି ସହରରେ କେହି ମରୁ ନଥିବେ। ବର୍ଷ କି ଦୁଇ ବର୍ଷ ନୁହେଁ ଗତ ୭୦ ବର୍ଷ ହେଲା ଏଠି କାହାର ମୃତ୍ୟୁ ଘଟି ନଥିବ। ଆପଣ ଏହାକୁ ବିଶ୍ୱାସ କରି ପାରୁଛନ୍ତି କି ? ବୋଧହୁଏ ନାଁ। ମାତ୍ର ଆମେ ଆପଣଙ୍କୁ ଏମିତି ଏକ ସହର କଥା କହିବାକୁ ଯାଉଛୁ, ଯେଉଁଠି କେହି ମୃତ୍ୟୁବରଣ କରନ୍ତି ନାହିଁ। କୌଣସି ବ୍ୟକ୍ତିର ମୃତ୍ୟୁ ସମୟ ଆସିଲେ ତାଙ୍କୁ ହେଲିକପ୍ଟରରେ ଅନ୍ୟ ଏକ ଅଂଚଳକୁ ନିଆଯାଏ, ଯେଉଁଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥାଏ। କାରଣ ଏହି ସହରରେ ମୃତ୍ୟୁ ଉପରେ ପ୍ରଶାସନର ପ୍ରତିବନ୍ଧକ ରହିଛି।

ଏହି ସହର ହେଉଛି ନରୱେର ନାଁ ଲାଇୟରବେନ୍ ଅଞ୍ଚଳ। ଉତ୍ତର ଗୋଲାର୍ଦ୍ଧର ଶୀର୍ଷ ଓ ନରୱେ ମଧ୍ୟରେ ଏହା ଏମିତି ଏକ ଦ୍ୱୀପ ଯେଉଁଠି ମରିବା ଉପରେ ରହିଛି କଟକଣା। ଏହି ଦ୍ୱୀପର ଜଳବାୟୁ ଅତି ଶୀତଳ। ଏପରିକି ପାଣି ମୁହୂର୍ତ୍ତକ ମଧ୍ୟରେ ବରଫ ହୋଇଯାଇଥାଏ। ଶୀତଦିନେ ତ ଅସମ୍ଭାଳ ଥଣ୍ଡା। ଏପରିକି କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ମଧ୍ୟ ତାର ଶବ ପଚିଯାଇ ନଥାଏ ଓ ଦୀର୍ଘଦିନ ଧରି ତାହା ନଷ୍ଟ ହୋଇନଥାଏ। ଏପରିକି ୨୦୧୭ ମସିହାରେ ଫ୍ଲୁରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଶରୀର ସତେଜ ଥିବା ଓ ୭୦ ବର୍ଷ ଧରି ସମ୍ପୃକ୍ତ ଶବ ଦେହରେ ଭୂତାଣୁ ଜୀବିତ ଥିବା ଦେଖାଯାଇଛି। ତେଣୁ ସେ ଦେଶର ସରକାର ଏହି ସହରରେ ମୃତ୍ୟୁ ଉପରେ କଟକଣା ଲଗାଇଛନ୍ତି। ଯଦି କୌଣସି ବ୍ୟକ୍ତି ମୃତ୍ୟୁ ମୁଖରେ ପଡିଥାନ୍ତି ତାଙ୍କୁ ହେଲିକପ୍ଟର ସାହାଯ୍ୟରେ ଅନ୍ୟ ଦେଶକୁ ନିଆଯାଏ। ସେଠାରେ ତାଙ୍କର ମୃତ୍ୟୁ ହେବା ପରେ ସେଠାରେ ହିଁ ପୋତି ଦିଆଯାଏ। ସେହିପରି ଯଦି କୌଣସି ବ୍ୟକ୍ତିଙ୍କର ଅତ୍ୟାବଶ୍ୟକ ସାମଗ୍ରୀ ଦରକାର ପଡେ ତଥାପି ତାଙ୍କୁ ହେଲିକପ୍ଟରରେ ନିଆଯାଇ ପରବର୍ତୀ ସମୟରେ ପୁଣି ଆଣି ଛାଡ଼ି ଦିଆଯାଏ।



# ବିଗ୍‌ବସ୍ ୧୫ ବିଜୟିନୀ ତେଜସ୍ୱୀ ପ୍ରକାଶ

ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ବିଗବସ୍ ସିଜିନ-୧୫ର ବିଜୟିନୀ ହୋଇଛନ୍ତି । ବିଗ୍‌ବସ ହାଉସରେ ୧୨୦ ଦିନର ରହଣୀ ଭିତରେ ସୁଖ, ଦୁଃଖ, କାନ୍ଦ, ଝଗଡା ଓ ଆବେଗିକ ଭାବ ବିନିମୟର ସମ୍ମିଶ୍ରଣ ଦେଖିବାକୁ ମିଳିଥିଲା। ଶେଷରେ ପ୍ରତିକ ସେହଜପାଲଙ୍କୁ ପଛରେ ପକାଇ ତେଜସ୍ୱୀ ବିଜୟୀ ହୋଇଥିଲେ। ତାଙ୍କୁ ଟ୍ରଫି ସହ ୪୦ ଲକ୍ଷ ଟଙ୍କାର ପୁରସ୍କାର ମିଳିଛି। ଏଥିସହିତ ଏକତା କପୁରଙ୍କ ଟେଲିଭିଜନ ସିରିଏଲ ନାଗିନ-୬ରେ ତାଙ୍କୁ ପ୍ରମୁଖ ଭୂମିକା ମିଳିଛି। କାର୍ଯ୍ୟକ୍ରମର ଉପସ୍ଥାପନ ତଥା ଅଭିନେତା ସଲମାନ୍ ଖାନ୍ ମଞ୍ଚରେ ତେଜସ୍ୱୀଙ୍କ ନାମ ଘୋଷଣା କରିଥିଲେ। ପଞ୍ଚମ ପ୍ରତିଦ୍ୱନ୍ଦ୍ୱୀ ଭାବେ ନିଶାନ୍ତ ଭଟ୍ଟ ୧୦ ଲକ୍ଷ ଟଙ୍କାର ବ୍ରିଫକେଶ ନେଇ ନିଜକୁ ପ୍ରତିଦ୍ୱନ୍ଦ୍ୱିତାରୁ ପ୍ରତ୍ୟାହାର କରିନେଇଥିଲେ। ଶେଷରେ ଟପ-୩ରେ ତେଜସ୍ୱୀଙ୍କ ସହ କରଣ କୁନ୍ଦ୍ରା ଓ ପ୍ରତିକ ପହଞ୍ଚିଥିଲେ । ଫଳରେ ପ୍ରତିକ ପ୍ରଥମ ରନର-ଅପ ଓ କୁନ୍ଦ୍ରା ଦ୍ୱିତୀୟ ରନର-ଅପ୍ ହୋଇଥିଲେ । ସମୀତା ସେଟ୍ଟୀ ଚତୁର୍ଥ ସ୍ଥାନରେ ରହିଥିଲେ।




# ପଇସା ନ ଦେବାରୁ, ପଲିଥିନ୍ ଗୁଡ଼ାଇ ଗଛରେ ବାନ୍ଧିଦେଲେ ଦୋକାନୀ



ଏକ ବିଚିତ୍ର ଘଟଣାଟି ଘଟିଛି ଭିଏତ୍‌ନାମର ହାନୋଇରେ। ଜଣେ ଯୁବକଙ୍କ ସାରା ଦେହକୁ ଧଳା ପଲିଥିନ୍‌ରେ ଗୁଡାଇ, ଏକ ଗଛରେ କିଛି ସମୟ ପାଇଁ ବାନ୍ଧି ଦିଆଯାଇଥିଲା। ଏହି କାଣ୍ଡ ଘଟାଇଥିଲେ ଟି ନାମକ ସ୍ଥାନୀୟ ବ୍ୟକ୍ତି। ଟି କୌଣସି ଗୁଣ୍ଡା ବା ମାଫିଆ ନୁହଁନ୍ତି। ସେ ଏକ ଟାଟୁ ପାର୍ଲରର ମାଲିକ। ଗଛରେ ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ଯୁବକ ଜଣକ କିଛି ଦିନ ତଳେ ତାଙ୍କ ପାଖକୁ ଚିତା କୁଟେଇବା ପାଇଁ ଆସିଥିଲେ। ତେବେ ଚିତା କୁଟା କାମ ସରିବା ପରେ ବିଲ୍ ନ ଦେଇ ଖସିପଳେଇଥିଲେ। ଟି ନିଜର ଲୋକ ଲଗେଇ ତାଙ୍କୁ ଧରିବା ପରେ ତାଙ୍କର ଏହି ଅବସ୍ଥା କରିଥିଲେ। ଯୁବକଙ୍କ ପାଖରେ ବିଲ୍ ଭରିବାକୁ ଅର୍ଥ ନାହିଁ ବୋଲି ଟି ନିଶ୍ଚିତ ହେବାପରେ, ତାଙ୍କୁ ମୁକ୍ତ କରିଥିଲେ। ମୁକ୍ତି ପାଇବା ପୂର୍ବରୁ ଯୁବକଜଣକ ବେଶ୍ କିଛି ଘଣ୍ଟା ଏହି ଅବସ୍ଥାରେ ବନ୍ଧା ହୋଇରହିଥିଲେ। ଏହି ମାମଲାକୁ ନେଇ କୌଣସି ପକ୍ଷ ପୋଲିସ ନିକଟରେ ଅଭିଯୋଗ କରି ନଥିବା ଜଣାପଡ଼ିଛି।



# ୧୫୭ ଥର ଡ୍ରାଇଭିଂ ଟେଷ୍ଟ ପରେ ପାସ୍

ନୂଆ ମୋଟରଯାନ ଆଇନ ଅନୁଯାୟୀ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାଧ୍ୟତାମୂଳକ। ତେବେ ପରୀକ୍ଷା ଦେବା ପରେ ହିଁ ଗାଡ଼ି ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ମିଳିବ ବୋଲି ନିୟମ ରହିଛି। ଏହି ଡ୍ରାଇଭିଂ ଟେଷ୍ଟରେ ଅନେକ ଲୋକ ପାସ୍ ହୁଅନ୍ତି ତ ଆଉ କିଏ ଫେଲ୍। ଥରେ ଡ୍ରାଇଭିଂ ଟେଷ୍ଟରେ ଫେଲ ହେଲେ ୭ ଦିନ ପରେ ସ୍ଲଟ୍ ବୁକିଂ ହୁଏ। ତେବେ ଆଉ ଥରେ ଫେଲ ହେଲେ ଆଉ ୭ ଦିନ ତା' ପରେ ମାସେ ଏବଂ ବାରମ୍ବାର ଫେଲ୍ ହେଲେ ଲାଇସେନ୍ସ ବାତିଲ ହୋଇଯାଏ। କିନ୍ତୁ ଏଭଳି ଜଣେ ବ୍ୟକ୍ତି ଅଛନ୍ତି ଯିଏକି ଡ୍ରାଇଭିଂ ଟେଷ୍ଟରେ ୧୫୭ ଥର ଫେଲ୍ ହୋଇ ଶେଷରେ ସଫଳତା ହାସଲ କରିଛନ୍ତି। ଇଂଲଣ୍ଡର ଏଭଳି ଜଣେ ବ୍ୟକ୍ତି ଅଛନ୍ତି ଯଏକି ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ୧୫୭ ଥର ଡ୍ରାଇଭିଂ ଟେଷ୍ଟ ଦେଇଛନ୍ତି। ବାରମ୍ବାର ଫେଲ୍ ହେବା ପରେ ଶେଷରେ ୧୫୮ ଥରରେ ସେ ପାସ୍ ହୋଇଛନ୍ତି। କେବଳ ସେତିକି ନୁହେଁ ଏହି ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ୩ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରିଛନ୍ତି। ସୂଚନା ମୁତାବକ ଇଂଲଣ୍ଡର ଜଣେ ଡ୍ରାଇଭର ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ପରୀକ୍ଷା ଦେଇଥିଲେ। କିନ୍ତୁ ଏହି ପରୀକ୍ଷାରେ ସେ ବାରମ୍ବାର ଫେଲ ହେଉଥିଲେ। ପୁଣି ଥରେ ସ୍ଲଟ୍ ବୁକିଂ ପାଇଁ ଫର୍ମ ଭରିବାକୁ ପଡୁଥିଲା। ଏଭଳି ଭାବେ ତାଙ୍କ ପକେଟ୍‌ରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବା ଜଣାପଡ଼ିଛି। ଶେଷରେ ତାଙ୍କୁ ପାସ୍ ସାର୍ଟିଫିକେଟ ମିଳିଛି। ବାରମ୍ବାର ଟେଷ୍ଟ ପରେ ସେ ଡ୍ରାଇଭିଂ ଟେଷ୍ଟରେ ପାସ୍ ହୋଇ ନିଜ ଡ୍ରାଇଭିଂ ଲାଇସେନ୍ସ ହାସଲ କରିଛନ୍ତି। ତେବେ ଇଂଲଣ୍ଡରେ ଏଭଳି ଘଟଣା ପ୍ରଥମ ନୁହେଁ। ତାଙ୍କ ପୂର୍ବରୁ ଜଣେ ମହିଳା ମଧ୍ୟ ୧୧୭ ଥର ଡ୍ରାଇଭିଂ ଟେଷ୍ଟରେ ଥିଓରୀ ପରୀକ୍ଷା ଦେଇଛନ୍ତି। କିନ୍ତୁ ଯାଏଁ ତାଙ୍କୁ ସଫଳତା ମିଳିନି। ସେହିପରି ତୃତୀୟ ସ୍ଥାନରେ ଅଛନ୍ତି ଜଣେ ୪୮ ବର୍ଷୀୟ ମହିଳା। ଯିଏକି ୯୪ ଥର ଡ୍ରାଇଭିଂ ଟେଷ୍ଟ ଦେବା ପରେ ସେ ପାସ୍ ହୋଇଛନ୍ତି।

# ଘୋଡ଼ା ଚଢ଼ି ଆସିଲେ ପାର୍ସଲ ବାଣ୍ଟିଲେ



ଏଣିକି ଆଉ ଗାଡ଼ି ନୁହେଁ ଘୋଡ଼ାରେ ଆସୁଛନ୍ତି ଆମାଜନର ଡେଲିଭରି ବୟ। ଘୋଡ଼ା ଚଢ଼ି ଆସୁଛନ୍ତି, ଗ୍ରାହକଙ୍କ ଘରକୁ ଘର ଯାଇ ପାର୍ସଲ ବାଣ୍ଟୁଛନ୍ତି। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି କାଶ୍ମୀରରେ। ଏହି ଡେଲିଭରି ବୟଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘାଟିରେ ତୁଷାରପାତ ଯୋଗୁଁ ଚାରିଆଡେ ବରଫ ଜମି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗାଡ଼ି ଚଳାଚଳ ମଧ୍ୟ ଅଟକି ରହିଛି। ଏଭଳି ସ୍ଥିତିରେ ଏହି ଆମାଜନ ଡେଲିଭରି ବୟ ଜଣକ ଗ୍ରାହକଙ୍କୁ ପାର୍ସଲ ପହଞ୍ଚାଇବା ପାଇଁ ନିଆରା ଉପାୟ ଆପଣାଇଛନ୍ତି। ଘୋଡା ପିଠିରେ ନିଜ ବ୍ୟାଗ୍ ଲଦି ସେ ବାହାରିଛନ୍ତି ପାର୍ସଲ ବାଣ୍ଟିବା ପାଇଁ। ଘରକୁ ଘର ବୁଲି ସେ ପାର୍ସଲ ଡେଲିଭରି ମଧ୍ୟ କରୁଛନ୍ତି। ଯିଏ ଏହି ଆମାଜନ ଡେଲିଭରି ବୟଙ୍କୁ ଦେଖୁଛି ସିଏ ଘଡିଏ ଅଟକି ଯାଉଛି। ଏହି ସମୟରେ ସେ ଗ୍ରାହକଙ୍କ ଫୋନ୍ କଲସ୍ ମଧ୍ୟ ରିସିଭ୍ କରୁଛନ୍ତି। ଏହି ପୁରା ଘଟଣାର ଭିଡିଓକୁ ଉମର ନାମକ ଜଣେ ୟୁଜର ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଭିଡିଓଟି ଭାଇରାଲହେବା ସହ ଟୁଇଟର ଟ୍ରେଣ୍ଡିଂ ପାଲଟିଯାଇଛି। ଲୋକଙ୍କୁ ଡେଲିଭରି ବୟଙ୍କ ଏହି ଭିଡିଓଟି ବେଶ୍ ପସନ୍ଦ ଆସୁଛି। ଏହି ଭିଡିଓକୁ ୬୦ ହଜାରରୁ ଅଧିକ ଲୋକ ଦେଖିସାରିଲେଣି। ଏଥିସହ ୩ ହଜାରରୁ ଅଧିକ ଲାଇକ୍ସ ମଧ୍ୟ ମିଳିଛି। ଅନେକ ଲୋକ ଏହି ଭିଡିଓକୁ ନେଇ କମେଣ୍ଟ କରିଛନ୍ତି। କିଛି ଲୋକ ଆମାଜନ ଡେଲିଭରି ବୟଙ୍କୁ ଏଭଳି ନିଆରା ପ୍ରୟାସ ପାଇଁ ପ୍ରଶଂସା କରିଥିବାବେଳେ ଆଉ କେତେକ ଆମାଜନକୁ ମକାଳିଆ ଢ଼ଙ୍ଗରେ ଟାର୍ଗେଟ କରିଛନ୍ତି।

# ଇନ୍‌ଷ୍ଟାଗ୍ରାମ୍‌ରେ 'ଚିଙ୍କି ଓ ମିଙ୍କି'ଙ୍କ ୫.୩ ମିଲିୟନ୍ ପ୍ରଶଂସକ

ଚିଙ୍କି ଓ ମିଙ୍କିଙ୍କ ଭୂମିକାରେ ନଜର ଆସୁଥିବା ଜାଆଁଳା ଭଉଣୀଙ୍କ ବୋଲ୍ଡ ଫଟୋ ଇଣ୍ଟରନେଟ୍‌ରେ ଟ୍ରେଣ୍ଡ କରୁଛି। ଚିକି ଓ ମିଙ୍କିର ପ୍ରକୃତ ନାଁ ସୁରଭି ଓ ସମୃଦ୍ଧି। ଏହି ଫଟୋ ସେ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି। ୟୁଜର୍ସଙ୍କୁ ଏହା ବହୁତ ପସନ୍ଦ ଆସୁଛି ଏବଂ ପୋଷ୍ଟରେ ଲଗାତର ଲାଇକ୍ ଓ କମେଣ୍ଟ ଆସୁଛି। ଏହି ଦୁଇ ଭଉଣୀ ଦେଖିବାକୁ ସମ୍ପୂର୍ଣ୍ଣ ଏକାଭଳି। କପିଳ ଶର୍ମା ଶୋ'ରେ ପରିଚୟ ମିଳିବା ପରେ ଏବେ ସେମାନଙ୍କ ଫ୍ୟାନ୍ ଫଲୋଇଂ ଲକ୍ଷାଧିକ ହୋଇଛି। ସୁରଭି ଓ ସମୃଦ୍ଧି ସୋସିଆଲ ନେଟୱର୍କିଂ ସାଇଟ୍ ଇନ୍‌ଷ୍ଟାଗ୍ରାମ୍‌ରେ ବହୁତ ଆକ୍ଟିଭ୍। ଇନ୍‌ଷ୍ଟାଗ୍ରାମ୍‌ରେ ୫.୩ ମିଲିୟନ୍ ଫଲୋର୍ସ ଅଛନ୍ତି। ଏପର୍ଯ୍ୟନ୍ତ ଲୋକମାନେ କେବଳ ତାଙ୍କର କମେଡି ଦେଖିଥିଲେ କିନ୍ତୁ ଏଥର ତାଙ୍କ ହଟ୍ ଅନ୍ଦାଜ୍ ମଧ୍ୟ ସୋସିଆଲ ମିଡିଆରେ ସମସ୍ତଙ୍କ ହୋସ୍ ଉଡାଇଛି। ଏହି ୨ ଯାଆଁଳା ଭଉଣୀ କୌଣସି ସେଲିବ୍ରିଟିଠୁ କମ୍ ନୁହଁନ୍ତି। ଉଭୟ ନିଜ ଦମ୍‌ଦାର ଅଭିନୟରେ ଲୋକଙ୍କ ହୃଦୟ ଜିତୁଛନ୍ତି। ଉଭୟ କିଛି ନା କିଛି ଟିଭି ଶୋ'ରେ ନଜର ଆସନ୍ତି।



# ଦାନ୍ତ ପାଇଁ ନଡ଼ିଆ ତେଲ



ଦାନ୍ତ ହଳଦିଆ ହେବାର ବହୁ କାରଣ ରହିଛି।ଯେପରି ଚା, କଫି, ଧୂମ୍ରପାନ ସେବନ ଆଦି ମୁଖ୍ୟ କାରଣ ଅଟେ। ଭିନ୍ନ ଭିନ୍ନ ଖାଦ୍ୟ ପଦାର୍ଥ ଓ ମୃଦୁ ପାନୀୟର ପ୍ରଭାବରେ ଦାନ୍ତ ଉପରେ ହଳଦୀ ରଙ୍ଗ ସୃଷ୍ଟି ହୋଇଥାଏ। ଦାନ୍ତର ରଙ୍ଗ ହଳଦିଆ ହେତୁ ଆମକୁ ବହୁ ସମୟରେ ଲଜ୍ଜିତ ହେବାକୁ ପଡ଼ିଥାଏ। ଏହି କାରଣରୁ ସମସ୍ତଙ୍କ ସମ୍ମୁଖରେ ଭଲ ଭାବେ କଥା ହେବାରେ ମଧ୍ୟ ସମସ୍ୟା ହୋଇଥାଏ। ମାତ୍ର କିଛି ସହଜ ଉପାୟ ମାଧ୍ୟମରେ ଆମେ ଦାନ୍ତର ରଙ୍ଗ ହଳଦିଆକୁ ଧଳା କରିପାରିବା।

**ନଡ଼ିଆ ତେଲ:** ନଡ଼ିଆ ତେଲର ବହୁ ଉପକାରୀ ଗୁଣ ରହିଛି। ଏହା ଦାନ୍ତ ନିମନ୍ତେ ମଧ୍ୟ ବହୁ ଲାଭଦାୟକ ଅଟେ। ଦାନ୍ତର ରଙ୍ଗ ହଳଦିଆ ହୋଇଥିଲେ ନିୟମିତ ଏକ ଚାମଚ ନଡ଼ିଆ ତେଲକୁ ଦାନ୍ତରେ ଘଷନ୍ତୁ। ଘଷିବା ପରେ ପାଟି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଦାନ୍ତର ରଙ୍ଗ ସମ୍ପୂର୍ଣ୍ଣ ଧଳା ହୋଇଯାଏ।



**ଲେମ୍ବୁ ଓ ଲୁଣ:** ଦାନ୍ତର ରଙ୍ଗ ଧଳା କରିବା ନିମନ୍ତେ ନିୟମିତ ଲେମ୍ବୁ ରସରେ ଅଳ୍ପ ଲୁଣ ମିଶାଇ ଏହାକୁ ନିୟମିତ ଦାନ୍ତରେ ଘସନ୍ତୁ। ଘଷିବା ପରେ କିଛି ସମୟ ରଖି ପାଟି ଧୋଇ ଦିଅନ୍ତୁ। ଏହା ମଧ୍ୟ ଦାନ୍ତର ରଙ୍ଗ ଧଳା କରିଥାଏ।

**ବେକିଙ୍ଗ ସୋଡ଼ା:** ଏହା ମଧ୍ୟ ଦାନ୍ତକୁ ଧଳା କରିବାର ଏକ ସହଜ ଉପାୟ ଅଟେ। ନିୟମିତ ଏହାକୁ ବ୍ରସ କରିବା ସମୟରେ ପେଷ୍ଟ ସହ ମିଶାଇ ଅଥବା ଖାଲି ବ୍ରସରେ ଲଗାଇ ଘସିଲେ ୧୫ ଦିନ ମଧ୍ୟରେ ଦାନ୍ତ ସମ୍ପୂର୍ଣ୍ଣ ଧଳା ହୋଇଯିବ। କଦଳୀରେ ମାଗ୍ନେସିୟମ, ପୋଟାସିୟମ୍ ଓ ଆଇରନ୍ ଭରପୂର ମାତ୍ରାରେ ରିଛି। ଏହା ଦାନ୍ତ ପାଇଁ ଖୁବ୍ ଲାଭଦାୟକ ଅଟେ। ତେନ୍ତୁ ଦାନ୍ତ ସଫା କରିବାରେ ଏହା ଖୁବ୍ ହିତକର ଅଟେ।

**ଦାନ୍ତ ପାଇଁ କଦଳୀର ବ୍ୟବହାର:** କଦଳୀ ଚୋପାରେ ମ୍ୟାଗ୍ନେସିୟମ୍, ମାଙ୍ଗାନିଜ୍, ପୋଟାସିୟମ୍ ଭଳି ଔଷଧୀୟ ଗୁଣ ରହିଛି। ଏହା ଦାନ୍ତର ହଳଦିଆପଣକୁ ଦୂର କରି ଧଳା କରିଥାଏ।

**ଦାନ୍ତରେ ଏହାକୁ ବ୍ୟବହାର କରିବା ପ୍ରଣାଳୀ:** ଦାନ୍ତ ଘସିବା ପୂର୍ବରୁ ଏହି ଉପାୟ କରିବେ। କଦଳୀ ଚୋପାର ଶେଷ ଭାଗକୁ ସାମାନ୍ୟ ବାହାର କରି ଦିଅନ୍ତୁ। ଏବେ ଏହି ଚୋପାର ଭିତର ଅଂଶକୁ ଦାନ୍ତରେ ୧୦ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବେ ଘଷନ୍ତୁ। ଏବେ ବ୍ରଶ ଦ୍ୱାରା ପୁଣି ଦାନ୍ତକୁ ଧୀରେ ଧୀରେ ଘସନ୍ତୁ ଯେପରି କଦଳୀ ଚୋପାର ଅଂଶ ଦାନ୍ତରେ ସମସ୍ତ ଭାଗରେ ଲାଗିବ। ପୁଣି ବ୍ରଶରେ ପାଣି ଲଗାଇ ଦାନ୍ତକୁ ଧୀରେ ଘସନ୍ତୁ। ଏହାପରେ ଆପଣ ଯେପରି ନିୟମିତ ଟୁଥ୍‌ପେଷ୍ଟ ବ୍ୟବହାର କରି ଘସନ୍ତୁ ସେପରି ଘଷିବେ। ଏହି ଉପାୟ ସପ୍ତାହକୁ ୩ରୁ ୪ ଥର କରିବା ଦ୍ୱାରା ଦାନ୍ତର ହଳଦିଆପଣରୁ ସମ୍ପୂର୍ଣ୍ଣ ମୁକ୍ତି ପାଇପାରିବେ।

# କୋଇଲା ମାଫିଆଙ୍କୁ ସୁରକ୍ଷା

## ପ୍ରଶାସନ ପାଖରେ ତାଲିକା ରହିଛି, କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ?

ସୁନ୍ଦରଗଡ଼,୨୧/୪: ସୁନ୍ଦରଗଡ଼ ଜିଲ୍ଲା ଏମ୍‌ସିଏଲ୍ ଖଣି କ୍ଷେତ୍ର ଗୋପାଳପୁର ଅଞ୍ଚଳରେ ଚାଲିଥିବା ରାଜ୍ୟର ସବୁଠୁ ବଡ଼ କୋଇଲା କେଳେଙ୍କାରୀ ଦେଖି ଖୋଦ୍ ଖଣିମନ୍ତ୍ରୀ ବିସ୍ମିତ ହୋଇ ଯାଇଥିଲେ। କହିଥିଲେ, ମାଫିଆ ଓ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ। ଜିଲ୍ଲାବାସୀ ଏକ ବଡ଼ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଛନ୍ତି। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, କୋଇଲା ଲୁଟ୍ ଘଟଣା ପଦାକୁ ଆସିବାର ୧୬ ଦିନ ବିତିଯିବା ପରେ ବି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ମାଫିଆଙ୍କ ୧୦ ଜଣିଆ ତାଲିକା ଧରି କାହିଁକି ଚୁପ୍ ବସିଛି ? କିଛିଦିନ ତଳେ ୪ ଶ୍ରମିକ ଶ୍ରେଣୀର ଯୁବକଙ୍କୁ କୋଇଲା ଚୋରି ଅଭିଯୋଗରେ ଗିରଫ କରାଯାଇଥିବା ବେଳେ ବଡ଼ କାର୍ପେଟଦାରଙ୍କୁ କାହିଁକି ଖୋଲା ଛାଡ଼ି ଦିଆଯାଇଛି। ସେମାନଙ୍କୁ ସୁରକ୍ଷା ଦେଉଛି କିଏ ? ଫଳରେ ଖଣି, ବନ ବିଭାଗ, ପୁଲିସ୍ ଓ ପ୍ରଶାସନର ଭୂମିକା ଏବେ ସନ୍ଦେହ ଘେରକୁ ଚାଲିଆସିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରଥମେ ୱାସେରି ଓ ଏକ କାରଖାନାରେ



ଚଢ଼ଉ ଓ ଯାଞ୍ଚ ପରେ ଖାଲିହାତରେ ମିଳିତ ଟିମ୍ ଫେରିବା ପରେ ୱାସେରି ବାହାର ଜଙ୍ଗଲରେ ହଜାର ହଜାର ଟନ୍ ବେଆଇନ କୋଇଲା ଠାବହେବା ଟିମ୍‌ର ଭୂମିକା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲରେ ମାଳମାଳ ଖଣି ଓ କୋଇଲା ଲୁଟ୍ ଖବର ସାମନାକୁ ଆଣିବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏପ୍ରିଲ ୫ରେ ସମସ୍ତ କୋଲ୍ ୱାସେରି ଓ କୋଇଲା ଡିପୋକୁ ଯାଞ୍ଚକରି ଷ୍ଟକ୍‌ର ହିସାବ ପାଇଁ ଉପଜିଲ୍ଲାପାଳ, ଖଣି ଉପନିର୍ଦ୍ଦେଶକ ଓ ହେମଗିର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଲେନଡିହିର ଚୋରା କୋଇଲା ବାହାର ରାଜ୍ୟ ସହ ସ୍ଥାନୀୟ କୋଲ୍ ୱାସେରି ଓ ଡିପୋକୁ ଯାଇଥିବା ସନ୍ଦେହ କରି ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଦେଇଥିଲେ। ମିଳିତ ଟିମ୍ ଗତ ୯ ତାରିଖରେ ହେମଗିର ଖଣି ଅଞ୍ଚଳ ପୋଡ଼ାଜଲଙ୍ଗାସ୍ଥ ବସୁନ୍ଧରା ମେଟାଲିକ୍ (ସ୍ପଞ୍ଜ ଆଇରନ୍ କାରଖାନା) ଓ ବରପାଲିସ୍ଥ ଭାଟିଆ ଏନର୍ଜି ଆଣ୍ଡ ମିନେରାଲ୍ସରେ ଚଢ଼ଉ କରିଥିଲେ। ଯାଞ୍ଚବେଳେ ବସୁନ୍ଧରାରେ ଷ୍ଟକଠାରୁ ୨୨୭ ଟନ୍ ଓ ଭାଟିଆ ଏନର୍ଜିରେ ୩୩୯ ଟନ୍ କୋଇଲା କମ୍ ଥିବା ରିପୋର୍ଟ ଆସିଥିଲା। ଏହା ପରେ ୧୦ ତାରିଖରେ ଟିମ୍ କନିକାସ୍ଥ ଆର୍ଯ୍ୟନ କୋଲ୍ ୱାସେରି(ଏସିବି)ରେ ଚଢ଼ଉ କରିଥିଲେ। ସେଠାରେ ମଧ୍ୟ ୨୮୦୩ ଟନ୍ କୋଇଲା କମ୍ ଥିବା ସ୍ୱତନ୍ତ୍ର ଟିମ୍ ଦର୍ଶାଇଥିଲା। ଅର୍ଥାତ୍ ୩ଟି ସ୍ଥାନରେ ସବୁ ଠିକ୍‌ଠାକ୍ ଥିବା ରିପୋର୍ଟ ଦେଇଥିଲା ଟିମ୍। ହେଲେ ଏହାର ୫ ଦିନ ପରେ ଆର୍ଯ୍ୟନ କୋଲ୍ ୱାସେରି ନିକଟସ୍ଥ ଜଙ୍ଗଲରେ ପାହାଡ଼ ଉଚ୍ଚର କୋଇଲା ଗଚ୍ଛିତ ଥିବା ଖବର ନଜରକୁ ଆସିଥିଲା। ୨ କିଲୋମିଟର ଦୂରରେ କମ୍ପାନିର ଏକ ସ୍ଥାନରେ ୯,୯୯୫ ଟନ୍ ବେଆଇନ କୋଇଲାକୁ ଲୁଚାଇ ରଖାଯାଇଥିଲା। ଏହା ସହ ୱାସେରିର ଠିକ୍ ପଛପଟେ ଦେଢ଼ଲକ୍ଷରୁ ଅଧିକ ଟନ୍ ବିଶୋଧିତ କୋଇଲା ଗଚ୍ଛିତ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏହା ପରେ ଖଣି ବିଭାଗ ୯,୯୯୫ ଟନ୍ କୋଇଲା ଜବତ କରିଥିଲା। ୧୬ ତାରିଖରେ ସ୍ୱତନ୍ତ୍ର ଟିମ୍ ଆର୍ଯ୍ୟନ କୋଲ୍ ୱାସେରିକୁ ସିଲ୍ କରିବା ସହ ଅନୁମତି ରଦ୍ଦ କରିଥିଲେ। ଖଣି ଉପନିର୍ଦ୍ଦେଶକ ହେମଗିରି ଥାନାରେ ଏତଲା ଦେଲେ। ଏଠି ପ୍ରଶ୍ନ ଉଠୁଛି, ପ୍ରଥମେ ଚୋରା କୋଇଲା ନପାଇ ଖାଲିହାତରେ ଫେରିଥିବା ଟିମ୍ ପରେ ଏତେ ପରିମାଣର ବେଆଇନ୍ କୋଇଲା ପାଇଲା କିପରି ? ଖଣିଜ ଲୁଟ୍ ପଦାକୁ ଆସିବା ପରେ ୫ ତାରିଖରେ ରାଉରକେଲା କନିଷ୍ଠ ଖଣି ଅଧିକାରୀ ମଙ୍ଗଳଚରଣ ହେମ୍ବ୍ରମ ହେମଗିର ଥାନାରେ ଅଜଣା ମାଫିଆଙ୍କ ନାମରେ ଏତଲା ଦେଇଥିଲେ। ଏହା ମଧ୍ୟରେ ଖଣିଲୁଟ୍ କରିଥିବା ୧୦ ଜଣ ମାଫିଆଙ୍କୁ ଚିହ୍ନଟ କରି ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରିଛି ପ୍ରଶାସନ। ତାଲିକାରେ କିଛି ପ୍ରଭାବଶାଳୀ ବ୍ୟକ୍ତି ମଧ୍ୟ ଅଛନ୍ତି। ତାଲିକା ପ୍ରସ୍ତୁତିକୁ ୧୬ ଦିନ ବିତିଗଲାଣି; ସେମାନଙ୍କୁ ଧରିବା ପାଇଁ ତତ୍ପରତା ଦେଖାଯାଉନି। ଖଣି ବିଭାଗ ଓ ପ୍ରଶାସନ ଖଣି ଚୋରିର କାର୍ପେଟଦାରମାନଙ୍କୁ ଧରିବା ପାଇଁ ଯୋଜନା କରୁଛନ୍ତି ନା ସେମାନଙ୍କୁ ସୁରକ୍ଷା ଦେଉଛି, ତାହା ଏବେ ଆଲୋଚ୍ୟର ବିଷୟ ହୋଇଛି।

## ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକରେ ଚାଲିଛି ପାଠପଢ଼ା




ମୟୂରଭଞ୍ଜ **୨୧/୪ (ନି.ପ୍ର):** ଦୁର୍ଗମରେ ଶିକ୍ଷା ବିଭାଗକୁ ଅଣଦେଖା କରିଥିବାର ବାସ୍ତବ ଚିତ୍ର। ପରିଣାମ ସ୍ୱରୂପ ଉପାନ୍ତରେ ଝୁଣ୍ଟି ହୋଇ ପଡିଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ୮ଟି ଶ୍ରେଣୀକୁ ୪ଟି ଶ୍ରେଣୀ ଗୃହ ଏବଂ ମାତ୍ର ଦୁଇ ଜଣ ଶିକ୍ଷକରେ ଗଡ଼ର ଚାଲିଛି ୭୫ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। କେମିତି ପଢ଼ିବେ ପାଠ ଏବଂ କେମିତି ଗଢ଼ିବେ ଭବିଷ୍ୟତ ଚିନ୍ତାରେ ଅଭିଭାବକ ସାଙ୍ଗକୁ ପ୍ରଧାନଶିକ୍ଷକବିଦ୍ୟାଳୟର ସ୍ଥିତି ଦେଖି ମୁହଁ ମତ୍ତୁଛନ୍ତି ଅନେକ ଛାତ୍ରଛାତ୍ରୀ। ଶିକ୍ଷକ ଅଭାବରୁ ହେଉନି ପାଠ ପଢା। ଟିସି ନେଇ ଅନ୍ୟତ୍ର ବିଦ୍ୟାଳୟରେ ନାମ ଲେଖାଉଛନ୍ତି ଅନେକ ବିଦ୍ୟାର୍ଥୀ। ଆଉ ୩/୪ ଜଣ ଶିକ୍ଷକ ନିଯୁକ୍ତି ଦିଆଯାଉ ବୋଲି ସରକାରଙ୍କୁ ଅଳି କଲେ କୁନିକୁନି ଛାତ୍ର।ଏଭଳି ଶିକ୍ଷା ବିଭାଗ ଅନ୍ଧକାର ଆଡକୁ ଠେଲି ହୋଇ ଯାଉଥିବା ଚିତ୍ର ସାମ୍ନାକୁ ଆସିଛି ଆଦିବାସୀ ସଧୂସ୍ୱୀତା ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ସଦର ମହକୁମା ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଝିଗାଁଠାରେ। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟ ବର୍ତ୍ତମାନ ବିପର୍ଯ୍ୟସ୍ତ ଅବସ୍ଥାରେ ଏକଥା ଏହି ବିଦ୍ୟାଳୟ ଅଫିସ କାର୍ଯ୍ୟାଳୟରେ ପାଣି ଗଳୁଥିବାରୁ ପଲିଥିନ ଦେଇ ଅଫିସ କାଗଜ ପତ୍ର ବଞ୍ଚାଇ ରଖିବା ଚିତ୍ର ବେସ ବୟାନ କରୁଛି।ବିଦ୍ୟାଳୟରେ ୮ଟି ଶ୍ରେଣୀକୁ ମାତ୍ର ୪ ଶ୍ରେଣୀକକ୍ଷ ସେଥିରେ ପୁଣି ବାଲ ବାଟିକା ଛାତ୍ରଛାତ୍ରୀ, ଯାହା ଫଳରେ ଗୋଟିଏ ଶ୍ରେଣୀ କକ୍ଷରେ ତିନି ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଠ ପଢା ଯାଉଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢା ଭଲ ହୋଇ ପାରୁନି ବୋଲି ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ। ଅପରପକ୍ଷରେ ଆଠୋଟି ଶ୍ରେଣୀ ସାଙ୍ଗକୁ ବାଲ ବାଟିକା ଛାତ୍ରଛାତ୍ରୀ ମାନଙ୍କୁ ମିଶାଇ ୭୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ କେମିତି ପାଠ ପଢ଼ାଇବେ ସେ ନେଇ ଚିନ୍ତାରେ ପ୍ରଧାନଶିକ୍ଷକ।ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ପୂର୍ବରୁ ଦୁଇ ଜଣ କର୍ମଚାରୀ ରହିଥିଲେ। କିନ୍ତୁ ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ କେବଳ ଜଣେ ସହାୟକ ପାଚିକାର ୭୫ରୁ ଅଧିକ ଛାତ୍ର ଛାତ୍ରୀଙ୍କ ରୋଷେଇ ସମ୍ଭବ ନୁହଁ ବୋଲି ଚିନ୍ତା ପ୍ରକଟ କରିଛନ୍ତି ସହାୟକ ପାଚିକା। ତା ସହିତ ଛାତ୍ରଛାତ୍ରୀଙ୍କ ଶାରୀରିକ ବିକାଶ ପାଇଁ ଖେଳ ପାଇଁ ପଡ଼ିଆ ମଧ୍ୟ ନାହିଁ ଯାହା ଫଳରେ ଛାତ୍ରଛାତ୍ରୀଙ୍କ କ୍ରୀଡ଼ାରେ ମଧ୍ୟ ନିଜର ପାରଦର୍ଶିତା ଦେଖାଇ ପାରୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଅଭିଭାବକ।ଏ ସମ୍ବନ୍ଧରେ ବହଳଦା ବିଇଓଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଖୁବ୍ ଶୀଘ୍ର ଆଉଜଣେ ଶିକ୍ଷକ ନିଯୁକ୍ତି ହେବେ। ତେବେ ଶିକ୍ଷକ ନିଯୁକ୍ତି ହେଉନଥିବାରୁ ଏଭଳି ସମସ୍ୟା ଅଧିକାଂଶ ସ୍କୁଲରେ ଦେଖିବାକୁ ମିଳୁଛି।

## ପୁରୀରେ ସମ୍ବର୍ଦ୍ଧିତ ହେଲେ ଆଠମଲ୍ଲିକ ଅଞ୍ଚଳର ଟୁଇଟର କାର୍ଯ୍ୟକର୍ତ୍ତା

ଆଠମଲ୍ଲିକ **୨୧/୪ (ନି.ପ୍ର):** ସୋସିଆଲ ମିଡ଼ିଆରେ ଅନେକ ଅଭିଯୋଗକୁ ଟୁଇଟର (ବର୍ତ୍ତମାନର ଏକ୍ସ )ରେ ସମାଧାନ କରୁଥିବା ଆଠମଲ୍ଲିକ ଅଂଚଳର ୫ ଜଣ ଯୁବକ ସନ୍ତୋଷ ମେହେର, ଚିନ୍ମୟ କର୍ଣ୍ଣ,ଇଂଆଲୋକ ବେହେରାମାଳି, ସୌମ୍ୟରଞ୍ଜନ ସାହୁ ଓ ଶାନ୍ତନୁ କର୍ଣ୍ଣଙ୍କୁ ପୁରୀ ଟୁଇଟର ଆକ୍ଟିଭିଷ୍ଟ ଆସୋସିଏସନ ତରଫରୁ ପୁରୀ ସଂସ୍କୃତିଭବନ ଠାରେ ଆୟୋଜିତ ଚତୁର୍ଥ ବାର୍ଷିକ ଉତ୍ସବରେ ଓ ରାଜ୍ୟ ସ୍ତରୀୟ କର୍ମଶାଳା କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି ଓ ଏଥି ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମାଜିକ କର୍ମୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବର୍ତ୍ତମାନର ଯୁବପିଢ଼ି ସୋସିଆଲ ମିଡ଼ିଆକୁ ଅନେକ ସମୟରେ ଅପବ୍ୟବହାର କରୁଥିବା ବେଳେ ଆଠମଲ୍ଲିକ ଅଂଚଳର ଏହି ଯୁବକ ମାନେ ଏହାକୁ ସଠିକ ଉପଯୋଗ କରି ଶହଶହ ଲୋକଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ଟୁଇଟ (ବର୍ତ୍ତମାନର ଏକ୍ସ ) ମାଧ୍ୟମରେ ଅଭିଯୋଗ କରି ଲୋକଙ୍କ ସମସ୍ୟାକୁ ସମାଧାନ କରୁଥିବାରୁ ଯୁବକ ସମ୍ବର୍ଦ୍ଧନା ପରେ ଆଠମଲ୍ଲିକ ଅଂଚଳର ଶିକ୍ଷିତ ବୁଦ୍ଧିଜୀବିମାନେ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରିବା ସହିତ ଆଗାମୀ ଦିନରେ ସମାଜମଙ୍ଗଳ କାର୍ଯ୍ୟକ୍ରମ ଆହୁରି ହାତକୁ ନେବାକୁ କହିଛନ୍ତି।

## କର୍କଟ ପିଡୀତ ସୁବାଷଙ୍କ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି **୨୧/୪ (ନି.ପ୍ର):** ନେମାଳ ପଂଚାୟତ ନେମାଳ ଗ୍ରାମର କର୍କଟ ପିଡୀତ ସୁବାଷ ଲେଙ୍କା (୫୧) ବର୍ଷଙ୍କ ଗତ ତା. ୧୭.୦୪.୨୦୨୫ ରିଖରେ ବିୟୋଗ ହୋଇଛି। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ଥିଲେ। ସୁବାଷଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ନାୟକ, ଭୈରବ କାସ୍ତ, ସୁବାଷ ପାତ୍ର, ସୁନାକର ସାହୁ, ଗୁରୁଚରଣ ବାରିକ, ଅଚ୍ୟୁତାନନ୍ଦ ଦାସ, ବିଶ୍ୱେନ୍ଦୁ ମହାରଣା, ଧର୍ମାନନ୍ଦ ଦାସ, ହିଂମାଶୁ ଶେଖର ଦାସ, ବସନ୍ତ ଭୋଳ, ବଳଦେବାନନ୍ଦ ଦାସ, କୈଳାସ ଲେଙ୍କା, ଗୋଲଖ ଲେଙ୍କା , ଶରତ କୁମାର ସାମଲ ପ୍ରମୁଖ ସ୍ୱର୍ଗତ ସୁବାଷଙ୍କ ବାସଭବନରେ ପହ□ି ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ସୁବାଷଙ୍କ ଅନ୍ତିମ ସଂସ୍କାର ଚିତ୍ରୋତ୍ପଳା ନଦୀ ଶଯ୍ୟାରେ କରାଯାଇଥିବା ବେଳେ ପୁତ୍ର ଓମ୍ ପ୍ରକାଶ ମୁଖାଗ୍ନି ପ୍ରଦାନ କରିଥିଲେ। ଶେଷ ଶଯ୍ୟା ନିକଟରେ ସୁବାଷଙ୍କ ପତ୍ନୀ, ପିତାମାତା ,ପରିବାର ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ନେମାଳ ସରପଂଚଙ୍କ ପ୍ରତିନିଧି ଅମୀୟ ପ୍ରସାଦ ମହାନ୍ତି ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ପ୍ରଦାନ କରିବା ସହ ସୁବାଷଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

## ସମସ୍ତ ବିଧାନ ସଭା କ୍ଷେତ୍ର ରେ ଅକ୍ଷୟ ତୃତୀୟା ଉତ୍ସବ ପାଳିବ ବିଜେପି କୃଷକ ମୋର୍ଚ୍ଚା

ପାଟଣା **୨୧/୪ (ନି.ପ୍ର):** ଆସନ୍ତା ଏପ୍ରିଲ ୩୦ ତାରିଖ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜେପି କୃଷକ ମୋର୍ଚ୍ଚା ସାରା ରାଜ୍ୟରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ କରିବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।ରାଜ୍ୟ ର ସମସ୍ତ ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ କରାଯିବ। ଚାଷୀ ସମାବେଶ କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଅବଗତ କରାଯିବ। ତତସହିତ ସଫଳତା ହାସଲ କରିଥିବା ଅଗ୍ରଣୀ ଚାଷୀ ମାନଙ୍କୁ କାର୍ଯ୍ୟକ୍ରମ ରେ ସମ୍ମାନିତ କରାଯିବ। ଏହାର ସଫଳତା ପାଇଁ ଆଗରୁ ପ୍ରସ୍ତୁତି ବୈଠକ କରିବା କୁ ସମସ୍ତ କୃଷକ ମୋର୍ଚ୍ଚା କର୍ମୀ ମାନଙ୍କୁ ସଭାପତି ଶ୍ରୀ ସାହୁ ଅନୁରୋଧ ଜଣାଇଛନ୍ତି।

## ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଉମାକାନ୍ତ

କଣାସ **୨୧/୪ (ନି.ପ୍ର):** ନବୀନଙ୍କ ଅଟଳ ନେତୃତ୍ୱରେ ବିଜୁ ଜନତା ଦଳ ସାଜୁଛି ପ୍ରତିଟି ଓଡ଼ିଆର ବଳ ।ସେଥିପାଇଁ ସାଙ୍ଗଠନିକ ନିର୍ବାଚନ ମାଧ୍ୟମରେ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଶନିବାର ନବମ ଥର ପାଇଁ ବିଜୁ ଜନତା ଦଳର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଶୁଭ ଅବସରରେ ଭୁବନେଶ୍ୱର ବିଜେଡି ଦଳିୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ତାଙ୍କୁ ଭେଟି ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି ସତ୍ୟବାଦୀ ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ।ସେ କହିଛନ୍ତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଣି ଥରେ ଓଡ଼ିଶା ମାଟିର ହିତ ଓ ଜନସାଧାରଣଙ୍କ ସେବା ପାଇଁ ପ୍ରତିଟି କର୍ମୀଙ୍କ ଭଳି ମୁଁ ମଧ୍ୟ ସମର୍ପିତ ଭାବେ କାର୍ଯ୍ୟ କରୁଛି ଓ କରିବି ।

## ହିନ୍ଦୋଳରେ ନୃଶଂସ କାଣ୍ଡ

### ୭ ବର୍ଷର ଶିଶୁକୁ ଦୁଷ୍କର୍ମ ଅଭିଯୋଗ

ଓଡ଼ାପଡ଼ା/ହିନ୍ଦୋଳ **୨୧/୪ (ନି.ପ୍ର):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଦୁର୍ବୃତ୍ତ ମାନଙ୍କ ଲଜ୍ୟାଜନକ ପୈଶାଚିକ କୁକର୍ମ ପାଇଁ ଆଜି ହିନ୍ଦୋଳ ଅଞ୍ଚଳରେ ହୈୟୀ ଚୈ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ହିନ୍ଦୋଳ ଥାନା




ଅନ୍ତର୍ଗତ ନୂଆବଗ ପଂଚାୟତର ସରକ୍ଷସିଂ ଗ୍ରାମର ଏକ ୭ବର୍ଷୀୟ ଶିଶୁକନ୍ୟା ଗତକାଲି ଅପରାହ୍ନ ୩ଘଣ୍ଟା ସମୟରେ ନିକଟସ୍ଥ ତାଳଗଛ ତଳୁ ତାଳ ଗୋଟାଉଥିବାବେଳେ ନିକଟରେ ଚୋରାବେପାରୀଙ୍କ ଠାରୁ ଚୋରା ପାଉଚ ମଦ ପିଉଥିବା କେତକ ଦୁର୍ବୃତ୍ତ ମଦନିଶାରେ ଶିଶୁଟିକୁ ବୁଦାମୂଳକୁ ଟେକିନେଇ ଗଣଦୁଷ୍କର୍ମ କରି ରକ୍ତାକ୍ତ ଅବସ୍ଥାରେ ପକାଇଦେଇ ତାଳବରଡ଼ା ଘୋଡାଇଦେଇ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ତେବେ ଝିଅ ଫେରିବାର ବିଳମ୍ବ ଦେବାରୁ ପରିବାର ଲୋକ ଖୋଜାଖୋଜି କରି ସନ୍ଧ୍ୟାରେ ଗଛମୂଳରୁ ଅଚେତଅବସ୍ଥାରେ ପାଇ ହିନ୍ଦୋଳ ଡାକ୍ତରଖାନା ଆଣିବାରେ ଝିଅଟି ଦୁଷ୍କର୍ମ ହୋଇଥିବା ଜଣା ପଡିଥିଲା ଏବଂ ଅବସ୍ଥା ଗୁରୁତର ଥିବାରୁ ଶିଶୁଟିକୁ ଅନୁଗୋଳ ଡାକ୍ତରଖାନା ପଠାଯାଇ ଚିକିତ୍ସା ଜାରି ରହିଛି। ତେବେ ହିନ୍ଦୋଳ ପୋଲିସ କେଶନଂ ୧୧୦/୨୦୨୫(ଦୁଷ୍କର୍ମ ) ରେ ମାମଲା ରୁଜୁ କରିବାସହ ବଦକ୍ଷଲୁ ଗ୍ରାମର ଶିବରାମ ସାହୁ ନାମକ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା ଜାରି ରଖିବାସହ ସନ୍ଧକ୍ଷନୀ କୁକୁର ଦ୍ୱାରା ଅଧିକ ଛାନଭିନ କରୁଛି ଏବଂ ଖୋଦ ଉପଖଣ୍ଡ ଆରକ୍ଷୀ ଉପ-ଅଧିକ୍ଷକ ସତ୍ୟ କୁମାର ନନ୍ଦ ଘଟଣାର ତଦନ୍ତ କରିବାସହ ଖୁବ ଶୀଘ୍ର ଘଟଣାରୁ ପରଦା ହଟିବବୋଲି ଜଣାପଡିଛି। ତେବେ ଘଟଣାସ୍ଥଳରେ କିମ୍ୱା ନିକଟରେ ଚୋରା ଦେଶୀମଦ କାରବାର କରୁଥିବାରୁ ଅସାମାଜିକ ବ୍ୟକ୍ତିମାନେ ମଦ ନିଶାରେ ଏଭଳି ଜଘନ୍ୟ କାଣ୍ଡ ସହ ବିଭିନ୍ନ ଅପରାଧ ଘଟଥିବା ଅଞ୍ଚଳରେ ଆଲୋଚନା ହେବାସହ ହିନ୍ଦୋଳ ଉପଖଣ୍ଡରେ ବ୍ୟାପକ ଚୋରାମଦ, ଗଂଜେଇ କାରବାର, ଯୁବପିଢ଼ି ଧଳା ଜହର କବଳରେ ପଡିବା,ଗୋରୁ ଚୋରା ଚାଲାଣ, ଜନ୍ତୁ ଶିକାର, ମୂଲ୍ୟବାନ ଜଙ୍ଗଲ କାଠ ଚୋରା କାରବାର ସହ ଚୋରା ଖଣି ବେପାର ପାଇଁ ଅଞ୍ଚଳରେ ଜଘନ୍ୟ ଅପରାଧ, ଗୁଳିକରି ହତ୍ୟା ଘଟଣାମାନ ପୂର୍ବରୁ ଘଟିଥିବା ନଜିର ରହିଛି ଏବଂ ଏଥିପ୍ରତି ରାଜ୍ୟ ସରକାର ଓ ଗୃହ ବିଭାଗ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ମାହାଙ୍ଗା ବିଜେପିର ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ନିଶ୍ଚିନ୍ତକୋଇଲି **୨୧/୪ (ନି.ପ୍ର):** ମାହାଙ୍ଗା ଭାରତୀୟ ଜନତାପାର୍ଟି ପକ୍ଷରୁ ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ତଥା ଯୁବ ବିଜେପି ସଂଗଠକ ସୁମନ୍ତ କୁମାର ଘଡେଇଙ୍କ ସଭାପତିତ୍ୱରେ ମାହାଙ୍ଗା ବିଜେପିର ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି ତହସିଲ ଛକ ପରିସରରେ ତା ୨୦.୦୪.୨୦୨୫ ରିଖ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବରିଷ୍ଠ ବିଜେପି କାର୍ଯ୍ୟ କର୍ତ୍ତା ପ୍ରଫୁଲ୍ଲକୁମାର ମହାପାତ୍ର ଯୋଗଦେଇ ଉପସ୍ଥିତ ଥିବା କାର୍ଯ୍ୟକର୍ତ୍ତା ମାନଙ୍କୁ ବ□ମାନର ରାଜ୍ୟ ଓ ଦେଶରେ ଚାଲୁଥିବା ଡବଲ ଇଞ୍ଜିନ ବିଜେପି ସରକାରର ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ କିପରି ଯୋଗ୍ୟ ହିତାଧିକାରିଟିଏ ପାଇପାରିବ ସେ ନେଇ ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟ କରିବାକୁ ଶ୍ରୀ ମହାପାତ୍ର ନିବେଦନ କରିଥିଲେ । ଭାଜପା ସରକାରରେ ଯେତେଯେତେ ଜନକଲ୍ୟାଣକାରୀ ଯୋଜନା ଅଛି ସେ ସବୁ ଯୋଜନାକୁ ଯଦି ଆମ ଦଳର କାର୍ଯ୍ୟକର୍ତ୍ତାମାନେ ସାଧାରଣ ଲୋକଙ୍କ ପାଖରେ ପହ□ାଇବେ ତାହାହେଲେ ଏମିତିବି କୌଣସି ଗୋଟିଏ ପରିବାର ରହିବନି ଯିଏକି ଡବଲ ଇଞ୍ଜିନ ସରକାରର ଯୋଜନା ଅନ୍ତର୍ଭୁକ୍ତ ହୋଇ ପାରିବ ନାହିଁ । ବିଜେପି



ନେତା ଶ୍ରୀ ଘଡେଇ ବିଜେପି ସରକାରରେ ହିତାଧିକାରୀ ଚୟନରେ କୌଣସି ରାଜନୈତିକ ବାଛବିଚାର ଓ ଦଳୀୟ ଭତ୍ତିରେ କରାଯିବ ନାହିଁ। ପ୍ରକୃତ ଯୋଗ୍ୟ ହିଁ ହକ୍‌ଦାର ହେବ । ଭାରତର ଯଶସ୍ୱୀପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟର ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଯେଉଁ ଲକ୍ଷ୍ୟ ଓ ଆଭିମୁଖ୍ୟ ନେଇ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି ଯଦି ତାହା ତୃଣମୂଳ ସ୍ତରରେ ସଠିକ୍ ହିତାଧିକାରୀ ପାଖରେ ପହ□ିବ ତାହା ହେଲେ ଯୋଜନା ସ ଫଳ ହେଲା ବୋଲି ଧରାଯିବ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ପାତ୍ର ମାହାଙ୍ଗା ବିଜେପିର କାର୍ଯ୍ୟକର୍ତ୍ତାମାନଙ୍କର ସାଂଗଠନିକ ଦକ୍ଷତାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନଗସପୁର ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରା, ସଂଯୋଜକ ରଶ୍ମିରଂଜନ ମହାପାତ୍ର, ସହସଂଯୋଜକ ସିପୁନା ମଲିକ, ଅସୁରେଶ୍ୱର ମଣ୍ଡଳ ସଭାପତି ପ୍ରଭାତ ମଲିକ, ସଂଯୋଜକ ଅକ୍ଷୟ କୁମାର ସିଂହ, ସହସଂଯୋଜକ ସତ୍ୟବାନ ମଲିକ, ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟି, ସଂଯୋଜକ ମଳୟ କୁମାର ଘଡାଇ, ସହସଂଯୋଜକ ସଞ୍ଜୟ କୁମାର ନାୟକ, କୁସୁପୁର ମଣ୍ଡଳ ସଭାପତି ସଞ୍ଜୟ କୁମାର ପଣ୍ଡା, ସଂଯୋଜକ ପ୍ରକାଶ କୁମାର ସାହୁ, ସହସଂଯୋଜକ ଅଜୟ କୁମାର ମହାପାତ୍ର, ମାହାଙ୍ଗା ମଣ୍ଡଳ ସଭାପତି ରବିନ୍ଦ୍ର କୁମାର ସାହୁ, ସଂଯୋଜକ ଧରଣୀଧର ସ୍ୱାଇଁ, ସହସଂଯୋଜକ ଜିତେନ୍ଦ୍ର ତ୍ରିପାଠୀ, କୁସୁପୁର ମଣ୍ଡଳ ସଭାପତି ଉମେଶ କୁମାର ବାରିକ, ସଂଯୋଜକ ପ୍ରଫୁଲ୍ଲ କୁମାର ପାତ୍ର, ସହସଂଯୋଜକ କରୁଣାକର ସେଠୀ, ଭଦ୍ରେଶ୍ୱର ମଣ୍ଡଳ ସଭାପତି, ସଂଯୋଜକ ସ୍ୱପ୍ନଜିତ ସାମଲ, ସହସଂଯୋଜକ ପ୍ରଦୀପ୍ତ ସ୍ୱାଇଁଙ୍କ ସମେତ ବରିଷ୍ଠ ବିଜେପି କାର୍ଯ୍ୟକ□ା ସୁଧାକର ଭୂୟାଁ, ଦିବାକର ଦାସ, କୁଳମଣି ରାଉତ, ଗୋକୁଳାନନ୍ଦ ନାୟକ, ଶଙ୍କର୍ଷଣ ସ୍ୱାଇଁ, ବିଜେପି ଯୁବ କାର୍ଯ୍ୟକର୍ତ୍ତା ଉତ୍କଳ କେଶରୀ ସ୍ୱାଇଁ, ବିକାଶ ଚନ୍ଦ୍ର ସ୍ୱାଇଁ, ସତ୍ୟରଂଜନ ମିଶ୍ର, ସୁଶାନ୍ତ କୁମାର ଦାସ, କଟକ ଜିଲ୍ଲା ଟୋଲି ସଂଯୋଜକ ପ୍ରମିତ କୁମାର ମଲ୍ଲ ପ୍ରମୁଖ ଯୋଗଦେଇଥିଲେ।

## ଅପରାହ୍ନର ସାହିତ୍ୟ ଝର :ଢେଙ୍କାନାଳ ଜିଲ୍ଲା ସାରସ୍ୱତ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ୨୦୨୫

ଢ଼େଙ୍କାନାଳ **୨୧/୪ (ନି.ପ୍ର):** ରବିବାର ପୂର୍ବାହ୍ନ ୯.୩୦ ମିନିଟରେ ଅପରାହ୍ନର ଜିଲ୍ଲା ସଂଯୋଜିକା କାଦମ୍ବରୀ ମହାଖୁଡ଼ଙ୍କ ପରିଚାଳନା କ୍ରମେ ସ୍ଥାନୀୟ ଶାଣ୍ଡିଲ୍ୟ ବସନ୍ତ ଭବନ ଠାରେ ଅପରାହ୍ନର ସାହିତ୍ୟ ଝର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଉକ୍ତ କାର୍ଯ୍ୟକ୍ରମରେ ଉଦ୍ ଘାଟକ ଭାବେ ଶ୍ରୀଯୁକ୍ତ ବଂଶୀଧର ଜେନା ( ସମ୍ପାଦକ ଦୈନିକ ଅପରାହ୍ନ ବାଲେଶ୍ୱର ),ମୁଖ୍ୟବକ୍ତା ଭାବେ ଡ଼ଃ ସୁଚେତା ମିଶ୍ର ( ଅବସରପ୍ରାପ୍ତ ପ୍ରାଧାପିକା ),ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ବସନ୍ତ କୁମାର ପଟ୍ଟନାୟକ ( ସଭାପତି ଜିଲ୍ଲା ଲେଖକ ସଂସଦ ), ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପ୍ରିୟା ଦାସ ( ପରିଚାଳନା ନିର୍ଦ୍ଦେଶିକା , ଶ୍ରୀଲିପ୍ତା ପ୍ରିଣ୍ଟମିଡ଼ିଆ,ବାଲେଶ୍ୱର ), କାର୍ଯ୍ୟକ୍ରମ ସଭାପତି ଭାବେ - ପଣ୍ଡିତ ବିପିନ ବିହାରୀ ଶତପଥୀ କବି ତଥା ଅବସରପ୍ରାପ୍ତ ଶିକ୍ଷକ ), ଧନ୍ୟବାଦ ପର୍ବରେ ବିନୟ କୁମାର ସାମଲ (କବି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ), ଯୋଗ ଦାନ କରିଥିଲେ କ୍ଷ ଅତିଥିମାନଙ୍କ ଉପସ୍ଥିତି କ୍ରମେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କାର୍ଯ୍ୟକ୍ରମକୁ ଆଗକୁ ନେଇ ଯାଇଥିଲେ। ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ କବି କାଳିକିଙ୍କର ଦାସ ଅପରାହ୍ନର ସାହିତ୍ୟ ଯାତ୍ରା ଉପରେ ସମୀକ୍ଷା ବିବରଣୀ ପ୍ରଦାନ କରିଥିଲେ ଏବଂ ଦୁଇ ଯୁବ କବୀ ମଧୁସ୍ମିତା ରାଉତ ଓ ସ୍ମିତାଲି ବେହେରା କବିତା ସଂଯୋଜନା କରିବା ସହ କବି ହୃଦାନନ୍ଦ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ ଏବଂ ସଭାରେ ବିଭିନ୍ନ ବ୍ଲକରୁ ଆସିଥିବା ଯୁବ କବି ତଥା ଅନ୍ୟ ସାରସ୍ୱତ ସାଧକ ସାଧିକାମାନଙ୍କୁ ଉତ୍ସାହିତ କରି ପ୍ରଥମ ପର୍ଯ୍ୟାୟକୁ ଶେଷ କରିଥିଲେ, ଦ୍ୱିତୀୟ ପର୍ଯ୍ୟାୟର ସାହିତ୍ୟ ଆଲୋଚନା ଚକ୍ର ଏବଂ ସମ୍ବର୍ଦ୍ଧନା ପର୍ବରେ ସଭାପତିତ୍ୱ କରିଥିବା ପଣ୍ଡିତ ବିପିନ ବିହାରୀ ଶତପଥୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଇ ପରୀପ୍ରେକ୍ଷୀରେ ଉଦଘାଟକ ବଂଶୀଧର ଜେନା ଦୈନିକ ଅପରାହ୍ନର ସମ୍ପାଦକ , ଅପରାହ୍ନର ସାହିତ୍ୟ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ତତ୍ ସହିତ ଅନୁଷ୍ଠିତ ସାରସତ୍ୱ ମଞ୍ଚରେ ସାହିତ୍ୟ ମନସ୍କ କରିବା ତାଙ୍କର ଏକ ମାତ୍ର ଲକ୍ଷ୍ୟ ଓ ମାଆ ନ ଥିଲେ ମାତୃଭାଷା ବି ସାମିଲ୍ ହୁଏନି ବୋଲି ଶ୍ରୀମତୀ ଦାସ୍ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲା ବେଳେ କବିତା ଏକ ମନ୍ଦିର, ସୌଭାଗ୍ୟ ଥିଲେ ଜଣେ କବି ହୋଇପାରେ ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ସ୍ୱୀୟ ଉଦ୍ଧୃତି କହିଥିଲେ। ସେହିପରି ସମ୍ମାନୀତ ବକ୍ତା ଡ଼ଃ ସୁଜାତା ମିଶ୍ର କାବ୍ୟ କବିତାର ସୌନ୍ଦର୍ଯ୍ୟ ତତ୍ତ୍ୱ ,ଭାବ ତତ୍ତ୍ୱ ଓ କଳ୍ପନା ତତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କବି ଶଙ୍କର୍ଷଣ ଶତପଥୀ, ପ୍ରେମାନନ୍ଦ ରାଉତ ,ନିର୍ମଳା ମହାପାତ୍ର, ଗୋଲଖ ବିହାରୀ ବେହେରା, ପ୍ରେମାନନ୍ଦ ପାଣିଗ୍ରାହୀ ଏବଂ ସସ୍ମିତା ପଟ୍ଟନାୟକ , ୬ ଜଣ କବିଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ କବିତା ପାଠ କରିଥିବା ସମସ୍ତ ସାରସ୍ୱତ କବି ମାନଙ୍କୁ ଅପରାହ୍ନ କବିତା ସ୍ୱୀକୃତି ପତ୍ର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ଶେଷରେ କବି ବିନୟ କୁମାର ସାମଲ ଧନ୍ୟବାଦ ଦେବା ସହ ଅପରାହ୍ନର କବି କବିୟତ୍ରୀଙ୍କ ସହଯୋଗକୁ ପ୍ରଶଂସା କରି କୃତଜ୍ଞତା ଜ୍ଞାପନ କରିଥିଲେ,ଏବଂ ସଭାପତିଙ୍କ ସଭାପତିତ୍ୱରେ ସଭା ସାଙ୍ଗ ହୋଇଥିଲା।

## ଗୋତରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି **୨୧/୪ (ନି.ପ୍ର):** ମାହାଙ୍ଗା ବ୍ଲକର ଗୋତରାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ପରଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ପାଇଟାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆମ ମାହାଙ୍ଗାର ଅଧକ୍ଷ ଇଂ. ଡଃ ଅମରେନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପ୍ରାଥମିକ ସ୍ତରରୁ ଶିଶୁମାନଙ୍କର ସର୍ବାଙ୍ଗିନ ବିକାଶ ହେଲେ ଆଗାମୀ ଦିନରେ ଏକ ସୁସ୍ଥ ଓ ବଳିଷ୍ଠ ନାଗରିକ ସୃଷ୍ଟି ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶଶୀଭୂଷଣ ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ତଥା ବିଦ୍ୟାଳୟ ପରିଚାଳନ କମିଟି ସଂପାଦକ ପ୍ରିୟବ୍ରତ ମିଶ୍ର, ବିଦ୍ୟାଳୟର ଟ୍ରଷ୍ଟୀ ତଥା ପତଞ୍ଜଳୀ କିଶାନ ସେବା ସମିତିର ରାଜ୍ୟ ପ୍ରଭାରୀ ଯୋଗଗୁରୁ ଏସ୍.ପି.ଡି.ଆର. ମହାପାତ୍ର ଓ ଅନ୍ୟତମ ଟ୍ରଷ୍ଟୀ ପତଞ୍ଜଳୀ କିଶାନ ସେବା ସମିତିର ଜିଲ୍ଲା ପ୍ରଭାରୀ ନିମାଇଁ ଚରଣ ଜେନା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଉ□ମ ଚରିତ୍ର ଗଠନ ସହିତ ପାଠପଢାରେ ମନନିବେଶ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁଜାତା ମାଢେଇ ମ□ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ନୃତ୍ୟ ଗୁରୁମା ଗୀତାଞ୍ଜଳୀ ବାରିକ ଓ ପ୍ରଜ୍ଞା ପ୍ରିୟଦର୍ଶୀନୀ ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ର ଛାତ୍ରୀମାନେ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବ୍ରାହ୍ମଣ ସମାଜ ର ଗୃହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବର ରେ ପାଳିତ



ମୁନିଗୁଡା **୨୧/୪ (ନି.ପ୍ର):** ବ୍ଲକ ଅନ୍ତର୍ଗତ ଅମ୍ଲଭଙ୍ଗା ଅମ୍ବାଦଳା ରେ ଆଜି ବ୍ରାହ୍ମଣ ସମାଜ ର ଗୃହ ପ୍ରତିଷ୍ଠା ମହା ଆଡମ୍ବରରେ ପାଳନ କରାଯାଇଛି। ବ୍ରାହ୍ମଣ ସମାଜ କମିଟି ର ତତ୍ୱାବଧାନ ରେ ଏହି ଗୃହ ପ୍ରତିଷ୍ଠା ଉତ୍ସବ ଅତି ସୁନ୍ଦର ଓ ସୁରୁଖୁରୁରେ ସମାପନ୍ନ ହୋଇଛି କ୍ଷ ଏହି ଅବସରରେ ରବିବାର ଦିନ ବ୍ରାହ୍ମଣ ସମାଜ ର ଶତାଧିକ ମହିଳା ପୁରୁଷ ସମେତ ବ୍ରାହ୍ମଣ ଯୁବକ ଯୁବତୀ ଯୋଗଦେଇଥିଲେ। ରବିବାର ସକାଳୁ ବ୍ରାହ୍ମଣ ସମାଜ ର ଗୃହ ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା କରାଯାଇ ହୋମଯଜ୍ଞ କରାଯାଇଥିଲା, ଏହି ଗୃହ ପ୍ରତିଷ୍ଠା ରେ କର୍ତ୍ତା ଭାବେ ସୁବ୍ରତ ପାଠୀ ଓ ତାଙ୍କ ସ୍ତ୍ରୀ ସମସ୍ତ କାର୍ଯ୍ୟ ତୁଲାଇ ଥିଲେ, ଆଜିର ଏହି ପ୍ରତିଷ୍ଠା ଉତ୍ସବ ରେ ପୁରୋହିତ ଭାବେ ବିଜୟ ମିଶ୍ର, ଅକ୍ଷୟ ରଥ, ବିପିନ କର ସମେତ ଅନ୍ୟ ବ୍ରାହ୍ମଣ ମାନେ ଯୋଗଦେଇ ପୂଜା ଦାୟିତ୍ୱ ତୁଲାଇଥିଲେ କ୍ଷ ଆଜିର ଏହି ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ରେ ସଭାପତି ଭାବେ ଶ୍ରୀ ସୁବାଷ ମିଶ୍ର ସଭାପତିତ୍ୱ କରିଥିଲେ, ଏହି ପ୍ରତିଷ୍ଠା ନିମନ୍ତେ ରାୟଗଡ଼ ବ୍ରାହ୍ମଣ ସମାଜ ର ଅତିଥି ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା, ଅତିଥି ମାମଙ୍କୁ ମଧ୍ୟରୁ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟ ନିର୍ବାହୀ ସଭାପତି ଶ୍ରୀ କିଶୋର ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶ୍ରୀ ମୋହନ ମହନ ପାଢ଼ୀ ଜିଲ୍ଲା ସଭାପତି ରାୟଗଡ, ଶ୍ରୀମତୀ ଶୁଭ୍ରା ପଣ୍ଡା -ସଭାନେତ୍ରୀ ଶକ୍ତି ବାହିନୀ,ଶ୍ରୀ ରାଜ କିଶୋର ପଣ୍ଡା,ଶ୍ରୀ ଅରୁଣ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ଶ୍ରୀ ରଞ୍ଜନ ରଥ ରାଜ୍ୟ ଉପସଭାପତି ଏବଂ ସାମ୍ବାଦିକ ରାୟଗଡ଼, ଯୋଗଦେଇଥିଲେ ପରେ ସଭାପତି ଓ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଙ୍କ ଦ୍ୱରା ଭଗବାନ ଙ୍କ ନକଟରେ ଦ୍ୱୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା, ପରେ ଅମ୍ବାଦଳା ବ୍ରାହ୍ମଣ ସମାଜ ବ୍ରାହ୍ମଣ ସମାଜ ତରଫରୁ ଅତିଥି ମାନଙ୍କୁ ଉପଢୌକନ ଏବଂ ଫୁଲତଡା ଦେଇ ସମ୍ମାନିତ କରାଯାଇଥିଲା, ଏବଂ ପରେ ଅତିଥି ମାନେ ବ୍ରାହ୍ମଣସମାଜ ଙ୍କ ବିଷୟ ରେ ନିଜ ନିଜ ର ମତାମତ ରଖିଥିଲେ। ଶେଷରେ ଉପସ୍ଥିତ ଥିବା ସମସ୍ତ ବ୍ରାହ୍ମଣ ପରିବାର ଙ୍କୁ ପ୍ରସାଦ ସେବନ କରିବା ପାଇଁ କୁହାଯାଇଥିଲା, ବ୍ରାହ୍ମଣ ସମାଜ ର ସବୁ ପୁରୁଷ ମହିଳା ପ୍ରସାଦ ସେବନ କରିଥିଲେ। ଆଜିର ଏହି ପ୍ରତିଷ୍ଠା ଉତ୍ସବ ରେ ଶ୍ରୀ ଅକ୍ଷୟ ରଥ ଓ ବିଜୟ ମିଶ୍ର ପରିଚାଳନା କରିଥିଲେ ଏବଂ ସନ୍ତୋଷ ପାଲ, ଶୁଶାନ୍ତ ରଥ, ମୁକୁନ୍ଦ ତ୍ରିପାଠୀ, ଜିତୁ ପଣ୍ଡା, ସମୀର ସାବତ, ବାବୁଲା, ପିଣ୍ଟୁ ପାତ୍ର ଙ୍କ ସମେତ ବ୍ରାହ୍ମଣ ସମାଜ ର ଅନେକ ଯୁବକ ଭାଇ ସହଯୋଗ କରିଥିଲେ।

# ଗୋବିନ୍ଦପୁର ରେ ଚଇତି ଘୋଡା ମେଲଣ ଅନୁଷ୍ଠିତ



ନିଆଳୀ , ୨୧/୪ (ନି.ପ୍ର): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ଗ୍ରାମ କୈବର୍ତ୍ତ ସାହି ରେ ଅନୁଷ୍ଠିତ ହୋଇଯାଇଛି ଚଇତି ଘୋଡା ମେଲଣ, କିମ୍ବଦନ୍ତୀ ଅନୁଯାଇ ସତ୍ୟ ଯୁଗ ରୁ ଏହି ପର୍ବ ପାଳନ ହୋଇଆସୁଅଛି କୈବର୍ତ୍ତ କୂଳ ରେ ଜଗତ ଜନନୀ ମା ବାସେଳୀ ଙ୍କୁ ଯଥାବିଧି ରେ ପୂଜାର୍ଚ୍ଚନା କରାଯାଇ ବାଉଁଶ ତିଆରି ପିଞ୍ଜରା ରେ ଅଶ୍ୱ ରୂପୀ ମା ଙ୍କୁ ମଣ୍ଡା ଯାଇଁ ଗାଁ ଗାଁ ବୁଲାଇ ଶୀତଳ ଲାଗି କରନ୍ତି ସେଇପରି ଭାରତ ସବୁ କୈବର୍ତ୍ତ କୂଳ ରେ ନ୍ୱ ପୂଜା, ରାଧାକୃଷ୍ଣ ପୂଜା ଲକ୍ଷ୍ମୀନାରାୟଣ ପୂଜା ଢ଼ିଙ୍କି ପୂଜା,। ବିଶ୍ୱକର୍ମା ପୂଜା , ଜାଲ ପୂଜା ଏବଂ ସଜ ବସି ଥାଏ,ଚୈତ୍ର ପୂର୍ଣ୍ଣିମା ଠାରୁ କୈବର୍ତ୍ତ କୂଳ ରେ ଏକ ଆନନ୍ଦ ଉଲ୍ଲାସ ଭରି ଯାଏ, ଭଗବତୀ ମା ବାସେଳୀ ଙ୍କର ପୂଜା ଧୁମ ଧାମ ପାଳନ ହୋଇ ଥାଏ ଚୈତ୍ର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଥାଏ ଏହି ପର୍ବ ବୈଶାଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲି ଥାଏ, ସେପରି କଣ୍ଟାପଡା ବ୍ଲକ ଗୋବିନ୍ଦପୁର କୈବର୍ତ୍ତ ସାହିରେ ବିଭିନ୍ନ ଗ୍ରାମ ରୁ ୧୧ ଗୋଟି ମା ଙ୍କୁ ନିମନ୍ତ୍ରଣ କରାଯାଇ ବାଜା ବାଣ ଫୁଟାଇ ରୋଷଣୀ କରି ବିଭିନ୍ନ ଗ୍ରାମ ପରିକ୍ରମା କରି ବିଜେ ସ୍ଥଳୀ କୁ ନେଇ ଥାନ୍ତି ବିଭିନ୍ନ ବର୍ଗ ର ଲୋକ ମାନେ ମା ଙ୍କର କୃପାଲାଭ କରନ୍ତି, ବିଜେ ସ୍ଥଳୀ ରେ ପୂଜାର୍ଚ୍ଚନା, ହୋମ ଶୀତଳ ଲାଗି ନୂତନ ବସ୍ତ୍ର ପ୍ରଦାନ, ସହ ଚଇତାଳି ଘୋଡାନାଚ ଅନୁଷ୍ଠିତ ହୋଇ ଥାଏ ପରେ ହରି ହର ଭେଟ ଅନୁଷ୍ଠିତ ହୋଇ ଥାଏ କୈବର୍ତ୍ତ କୂଳ ମା ଙ୍କୁ ବିଦାୟ ଦେଇ ଥାନ୍ତି.ଏଥିରେ ନିଆଳୀ କୈବର୍ତ୍ତ ମହା ସଂଘ ର ସଭାପତି ବେଣୁଧର ବେହେରା,ସମ୍ପାଦକ ରମେଶ ଚନ୍ଦ୍ର ମାଝୀ, ଉପଦେଷ୍ଟା ପର୍ଶୁରାମ ବେହେରା ଆଲୋକ ବେହେରା,କିଶୋର ଚନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା ଧୀରେନ୍ଦ୍ର ବେହେରା, ବିଶ୍ୱନାଥ ବେହେରା, ଗଣେଶ୍ୱର ବେହେରା, ଶଶିକାନ୍ତ ବେହେରା, ସରୋଜ କୁମାର ବେହେରା, ଉପସଭାପତି ସୁନାକର ବେହେରା, ସୁରେନ୍ଦ୍ରନାଥ ସାହୁ, କୋଷାଧକ୍ଷ ପୂର୍ଣ୍ଣାନନ୍ଦ ବେହେରା ସମାଜସେବୀ ସନ୍ତୋଷ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ଏହି ମେଲଣ ରେ କୂଳ ସଙ୍କୁଆ, ଗୋବିନ୍ଦପୁର, ନାହାରପୁର, ହାଜିପୁର, ବିରିଡି, ଭିଙ୍ଗାରପୁର ଏରଞ୍ଚ,କଟକ, ବଢ଼ିଆସାହି ପ୍ରମୁଖ ୧୧ ଗୋଟି ସୁସଜିତ ଘୋଡା ମୁଣ୍ଡ ମେଲଣ ରେ ଯୋଗ ଦେଇଥିଲେ ପ୍ରଥମେ ଥାନାପତି ଭାବେ ଗୋବିନ୍ଦପୁର ମା ବିଜେ ପରେ ସମସ୍ତେ ବିଜେ କରିଥିଲେ ଶେଷରେ କସର୍ଦା ବଢ଼ିଆସାହି ର ମା ସିଦ୍ଧ ବାସେଳୀ ଯୋଗ ଦେଇଥିଲେ ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲ।

# ସମସ୍ୟା ଘେରରେ ବାଲୁଗାଁ ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ

ବାଲୁଗାଁ ୨୧/୪ (ନି.ପ୍ର): ଚିଲିକା ବ୍ଲକ ଅନ୍ତର୍ଗତ ବାଲୁଗାଁ ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ସମସ୍ୟା ଲାଗିରହିଛି।ଯାହାକି ପୁରାତନ ପରିଚାଳନା କମିଟି ଓ ଅଧ୍ୟକ୍ଷଙ୍କ ମଧ୍ୟରେ ବିବାଦ ଲାଗିରହିଥିବା ଯୋଗୁଁ ସର୍ବ ପୁରାତନ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଚାରିଆଡେ ଅପପ୍ରଚାର ଲାଗି ରହିଥିବା ଜଣାପଡିଛି।ସୂଚନା ଥାଉକି ଉକ୍ତ ବିଦ୍ୟାଳୟରେ ଏଲକେଜି ଠାରୁ ଏକାଦଶ ପର୍ଯ୍ୟନ୍ତ ପାଠ୍ୟକ୍ରମ ରହିଥିବା ବେଳେ ୯୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆଧ୍ୟୟନ କରୁଛନ୍ତି।ମାତ୍ରଦୀର୍ଘ ଦିନ ଧରି ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ,କର୍ମଚାରୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ବିଡମ୍ବନା ଦେଖାଦେଇଥିଲା।ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା।ଏହାର ସମାଧାନ ଦିଗରେ ଗତ ଫେବ୍ରୁଆରୀ ୧୬ ତାରିଖରେ ବିଦ୍ୟାଳୟ ପରିସରରେ ଏକ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା।ମାତ୍ର ଉକ୍ତ ବୈଠକରେ କମିଟି ସଭାପତି ଓ ସମ୍ପାଦକଙ୍କ ଅନୁପସ୍ଥିତ ସମସ୍ତଙ୍କୁ ବ୍ୟଥିତ କରିଥିଲା।ଯାହାଫଳରେ ପୂର୍ବରୁ ବାରମ୍ବାର କୌଣସି ବୈଠକରେ ପରିଚାଳନା କମିଟି ସଭାପତି,ସମ୍ପାଦକ ଓ ସଦସ୍ୟ ମାନଙ୍କ ଯୋଗଦାନ ନରହିବା ଏବଂ ଏଭଳି ଅପ୍ରୀତିକର ପରିସ୍ଥିତିରେ କମିଟିର ଅନୁପସ୍ଥିତ ନେଇ ସ୍ୱସଂନମତି କ୍ରମେ ପୂର୍ବରୁ ଗୃହୀତ କମିଟି ପ୍ରତ୍ୟାହୃତ କରି ନୂତନ କମିଟି ଗଠନ କରାଯାଇଥିଲା।ନୂତନ କମିଟି ଗଠନ ହେବାଠାରୁ ପୁରାତନ କମିଟି ଓ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ମଧ୍ୟରେ ମତାନ୍ତର ଦେଖା ଦେଇଥିଲା। ପୁରାତନ କମିଟି ପ୍ରତ୍ୟାହୃତ ପରେ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିଲମ୍ବନ ନୋଟିସ କରିଥିଲେ।ମାତ୍ର ଏହି ନୋଟିସକୁ ଅଧ୍ୟକ୍ଷ ଅଣଦେଖା କରିଥିବା ପୁରାତନ କମିଟି ପକ୍ଷରୁ ଅଭିଯୋଗ ହୋଇଥିଲା।ଯାହାକୁ ନେଇ ଅପ୍ରେଲ ୧୩ ତାରିଖରେ ବିଦ୍ୟାଳୟ ପରିସରରେ ପୁରାତନ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।ଉକ୍ତ ସମ୍ମିଳନୀରେ ପୁରାତନ କମିଟି ସଭାପତି କିରଣ ପାତ୍ର,ସମ୍ପାଦକ ଅରୁଣ କୁମାର ବରାଳ ଅଧ୍ୟକ୍ଷ ନୀଳାଦ୍ରୀ ଭୂଷଣ ବେହେରାଙ୍କ ବିରୁଦ୍ଧରେ ଅର୍ଥ ତୋଷାରପାତ ଓ ଜଣେ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ହୋଇଥିବା ମାନସିକ ଓ ଶାରୀରିକ ନିର୍ଯ୍ୟାତନା ମାମଲା ସମ୍ପର୍କରେ ଉପସ୍ଥାପନ କରିବାସହ ଅଧ୍ୟକ୍ଷ ପଦରୁ ନିଲମ୍ବନ କରି ଉପାଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କୁ ଦାଇତ୍ୱ ପ୍ରଦାନ କରିଥିଲେ।ଯାହାକୁ ନେଇ ବିଦ୍ୟାଳୟ ପରିସରରେ ଅସନ୍ତୋଷ ବାତାବରଣ ଦେଖାଦେଇଥିଲା।ଏ ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କୁ ପଚାରିବାରେ ପରିଚାଳନା କମିଟିରୁ ବହିଷ୍କାର ପରେ ମୋ ଉପରେ ଆକ୍ରୋଷମୂଳକ ଭାବେ ପଦକ୍ଷେପ ନିଆଯାଇଛି।ଯଦି ମୁଁ ଅର୍ଥ ତୋଷାରପାତ କରିଛି ତେବେ ପୂର୍ବରୁ ମୋ ଉପରେ କାହିଁକି ପଦକ୍ଷେପ ଗ୍ରହଣ କରାଗଲାନି ବୋଲି ପାଲଟା ଅଭିଯୋଗ କରିଛନ୍ତି।ଏଥିସହିତ ଗତ ଫେବୃଆରୀ ୬ ତାରିଖରେ ଆମ ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀ ମୋ ବିରୁଦ୍ଧରେ ମାନସିକ ଓ ଶାରୀରିକ ଅଭିଯୋଗ ନେଇ ଥାନାରେ ମାମଲା ରୁଜୁ କରିଛନ୍ତି।କିନ୍ତୁ ସେଭଳି କୌଣସି କ୍ଷେତ୍ରରେ ମୁଁ ସଂଶ୍ଳିଷ୍ଟ ନୁହେଁ।ମୋ ବିରୁଦ୍ଧରେ ଷଡଯନ୍ତ୍ର କରାଯାଇଛି। ବିଦ୍ୟାଳୟର ସମସ୍ତ ସିସିଟିଭି ଫୁଟେଜ ପୋଲିସ ନେଇ ତଦନ୍ତ ଜାରି ରଖିଛନ୍ତି। ଏଥିସହିତ ଉକ୍ତ ଘଟଣା ସମ୍ପର୍କରେ ଅପ୍ରେଲ ୩ ତାରିଖରେ ଚିଲିକା ଏବିଇଓ ଗୀତାଞ୍ଜଳି ନାୟକ ବିଦ୍ୟାଳୟ ପରିସରରେ ତଦନ୍ତ କରିଥିଲେ।ବିନା କାରଣରେ ମୋତେ ବଦନାମ କରାଯାଉଛି।ଏଥିସହିତ ଏପ୍ରିଲ ୧୩ ତାରିଖ ସନ୍ଧ୍ୟାରେ ବାଲୁଗାଁ ଥାନା ପରିସରରେ ଏସ୍ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ,ଥାନା ଅଧିକାରୀ ଜୟ ପ୍ରକାଶ ପରିଡା,ନୂତନ ପରିଚାଳନା କମିଟିଙ୍କ ଉପସ୍ଥିତରେ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା କରିବାସହ ବିଗତ ତିନି ବର୍ଷର ସମସ୍ତ ଅର୍ଥ କାରବାର ଆସନ୍ତା ୨୩ ତାରିଖ ମଧ୍ୟରେ ଦେବାକୁ ଉଭୟ ପରିଚାଳନା କମିଟି ଓ ଅଧ୍ୟକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିବା କହିଛନ୍ତି।ଗୋଟିଏ ପଟେ ପୁରୁଣା ପରିଚାଳନା କମିଟି ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟ ନେଇ ଡିଣ୍ଡିମ ପିଟୁଥିବା ବେଳେ ଅପର ପାର୍ଶ୍ୱରେ ପରିଚାଳନା କମିଟିର ଅପାରଗତା ଏବଂ ବିଦ୍ୟାଳୟ ଉର୍ଣ୍ଣତିମୂଳକ କାର୍ଯ୍ୟରେ ଅର୍ଥ ହେରଫେର ହୋଇଥିବା ନେଇ ଅଧ୍ୟକ୍ଷ କହୁଛନ୍ତି।ତେବେ ଉଭୟ ପକ୍ଷର ସମସ୍ତ ତଥ୍ୟ ଉପସ୍ଥାପନ କରାଗଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଅଭିଭାବକ ମହଲରେ ଆଲୋଚନା ଜୋର ଧରିଛି।

# ୧୭ ବର୍ଷ ହେଲା ପରିଚୟ ଖୋଜୁଛି ଟାଙ୍ଗରପଡା ର ଅର୍ଦ୍ଧନିର୍ମିତ ପାନୀୟ ଜଳ ପ୍ରକଳ୍ପ



ପାଟଣା ୨୧/୪ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ରୁ କେନ୍ଦୁଝର ଯିବା ରାସ୍ତାରେ ପଡେ ଟାଙ୍ଗରପଡା ଗ୍ରାମ । ଗ୍ରାମର ଲୋକ ମାନେ ମଧ୍ୟ ବହୁ ଶିକ୍ଷିତ ଓ ବହୁ ପଦ ପଦବୀରେ ଅବସ୍ଥାପିତ । ଏହି ପୁରାତନ ଗ୍ରାମରେ ଆଜି ପର୍ଯ୍ୟନ୍ତ ସରକାରୀ ଭାବେ ଏକ ଓଭର ହେଡ ଟ୍ୟାଙ୍କ ସ୍ଥାପନ କରାଯାଇ ପାରିନାହିଁ । ମେଗା ପାନୀୟ ଜଳ ପ୍ରକଳ୍ପ ପକ୍ଷରୁ ଅବଶ୍ୟ ଏବେ ଏକ ଓଭର ହେଡ ଟ୍ୟାଙ୍କ ନିର୍ମାଣ କାମ ଚାଲିଛି ଶତ ଏହା କାର୍ଯ୍ୟକ୍ଷମ ମଧ୍ୟ ନିକଟରେ ହେବାର ସମ୍ଭାବନା ନାହିଁ । ଏପରିକି ଗତ ରାଜ୍ୟ ସରକାରଙ୍କ ଅମଳ ରେ ପ୍ରମୁଖ ସ୍ଥାନ ମାନଙ୍କରେ ବସୁଧା ଯୋଜନା ରେ ଓଭର ହେଡ ଟ୍ୟାଙ୍କ ସ୍ଥାପନ କରାଯାଇଥିଲେ ମଧ୍ୟ ଟାଙ୍ଗରପଡା ବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି । କେବଳ ପଞ୍ଚାୟତ ପକ୍ଷରୁ ଏକ ମୋଟର ବସାଇ କିଛି ସ୍ଥାନକୁ ପାଣି ଦିଆ ଯାଉଥିବା ବେଳେ ଖରାଦିନେ ଏବେ ଏକ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଉଛି ପଞ୍ଚାୟତ । ଟାଙ୍ଗରପଡ଼ା ରେ ପାନୀୟ ଜଳ ସମସ୍ୟା ର ସମାଧାନ ପାଇଁ ୨୦୦୪- ୨୦୦୯ ମସିହା ମଧ୍ୟରେ ସେହି ସମୟରେ ସ୍ୱଜଳ ଧାରା ଯୋଜନା ରେ ଏକ ପାଣି ଟ୍ୟାଙ୍କ ସ୍ଥାପନ କାମ ଆରମ୍ଭ ହୋଇଥଲା । ଯାହାକି ଏବେ ଟାଙ୍ଗରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସାମ୍ନା ରେ ଥାଇ ନିଜ ପରିଚୟ ଖୋଜୁଛି । ଏଠାରେ ବୋରିଂ କରାଯିବା ସହ ପମ୍ପ ହାଉସ ଘର ନିର୍ମାଣ ସହ ପାଚେରୀ ହୋଇଥଲା ।ତେବେ ଏହା ପୂର୍ଣ୍ଣାଙ୍ଗ ନହୋଇ ସେମିତି ପଡି ରହିଛି ।ଅନୁସନ୍ଧାନ ରୁ ଜଣାଯାଏ ସେହି ସମୟର କେନ୍ଦୁଝର ସାଂସଦ ଅନନ୍ତ ନାୟକ କୁଆଡେ ଏଥିପାଇଁ ଅନୁଦାନ ଯୋଗାଇ ଦେଇଥିଲେ । ତେବେ ଏହା ପୂର୍ଣ୍ଣାଙ୍ଗ ନହୋଇ ପଡିରହିବାରୁ ଦୀର୍ଘ ୧୭ ବର୍ଷ ହେଲା ଲୋକେ ଓଭର ହେଡ ଟ୍ୟାଙ୍କ ଦେଖି ପାରିଲେ ନାହିଁ ।କେଉଁ କାରଣରୁ ଏହି ଟାଙ୍କି ପୂର୍ଣ୍ଣାଙ୍ଗ ହୋଇନାହିଁ ଓ ଏହାର ଅର୍ଥ କୁଆଡେ ଗଲା ଏବଂ କେଉଁ ବିଭାଗ ଏହି କାର୍ଯ କରୁଥିଲା ତାହା ତଦନ୍ତ ଆବଶ୍ୟକ ହୋଇ ପଡିଛି ।

# ଭୋଜି ଭାତ ନାଚ ଗୀତରେ ଦୁଲୁକିଲା ଚିତ୍ରିତ କେନ୍ଦୁଯୋଡ଼ା ଗ୍ରାମ



ପାଟଣା ୨୧/୪ (ନି.ପ୍ର): ସାନ୍ତାଳୀ ସମ୍ପ୍ରଦାୟର ଆଦର୍ଶ ଗ୍ରାମ ଭାବେ ପରିଚିତ ସାହାରପଡା ବ୍ଲକର ଚିତ୍ରିତ ଗ୍ରାମ କେନ୍ଦୁଯୋଡ଼ା ଗ୍ରାମର ପ୍ରତ୍ୟେକ ଘରକୁ ଦୁଇଦିନିଆ ସେର୍ପା ସଳେ ପର୍ବ ବା ସାମାଜିକ ଭୋଜି ଉତ୍ସବ ପାଇଁ ଚିତ୍ରିତ କରାଯାଇଥିବା ବେଳେ ଗତକାଲି ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହେବା ସହ ସାମୁହିକ ଭୋଜି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ଅତିଥି ଚର୍ଚ୍ଚା ଓ ଗ୍ରାମକୁ ଚିତ୍ରିତ କରାଯିବା ଘଟଣା କୁ ଅଞ୍ଚଳ ତମାମ ପ୍ରଶଂସା କରାଯାଇଥିବା ବେଳେ ଗତ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିବା ବିଭିନ୍ନ ପଦ ପଦବୀ ରେ ଅବସ୍ଥାପିତ ଅଧ୍ୟାପକ ବଳରାମ ମାରାଣ୍ଡି, ଡାକ୍ତର ଭଗବାନ ବାସ୍କେ ,ପୂର୍ଣ୍ଣଚନ୍ଦ୍ର ବାସ୍କେ, ଡାକ୍ତର ପୁରୁଷୋତ୍ତମ ମହାନ୍ତ,ହରିହର ସୋରେନ,ଦିଲୀପ କୁମାର ମାଝୀ,ଭକ୍ତବନ୍ଧୁ ବାସ୍କେ,ଘନଶ୍ୟାମ ମାଝୀ ,ଫୁଲେଶ୍ୱରି ମାଝୀ,ପୂର୍ଣ୍ଣଚନ୍ଦ୍ର ବାସ୍କେ , ସରସ୍ୱତୀ ମୁର୍ମୁ , ଲୀଳାବତୀ ମାଝୀ, ରାଜେନ୍ଦ୍ର କୁମାର ବାସ୍କେ , ରାମଚନ୍ଦ୍ର ମାଝୀ ପ୍ରମୁଖ ଅନ୍ୟମାନେ କାର୍ଯ୍ୟକ୍ରମ ରେ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ମାନଙ୍କ ଉଦ୍ୟମ ଓ ସଂସ୍କୃତିର ସୁରକ୍ଷା ପାଇଁ ଯୋଗଦାନ କୁ ଅତିଥି ଗଣ ପ୍ରଶଂସା କରିଥିଲେ ।ଆଜି ଦ୍ୱିତୀୟ ଦିବସରେ ଗ୍ରାମର ମହିଳା, କୁମାରୀ ଓ ପୁରୁଷ, ଯୁବକ ମାନେ ପାରମ୍ପରିକ ବାଦ୍ୟ ସହ ନୃତ୍ୟ ଗୀତରେ ସାମିଲ ହୋଇଥିଲେ ।କାର୍ଯ୍ୟକ୍ରମ କୁ ସୁପେନ କୁମାର ବାସ୍କେ, ପରମେଶ୍ୱର ବାସ୍କେ ଓ ଶିବ ମାଝୀ ପ୍ରମୁଖ ଅନ୍ୟମାନେ ପରିଚାଳନା କରିଥିଲେ।

# ପଞ୍ଚକୁଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୧୧ଯୋଡ଼ି କର୍ତ୍ତା

## ଗୋଡ଼ଭଗା ରେ ଦେଉଳ ବିହା ୨୩ରୁ ଆରମ୍ଭ ୩୦ ପୂର୍ଣ୍ଣାହୁତି

ବରଗଡ଼ ୨୧/୪ (ନି.ପ୍ର): ସମ୍ବଲପୁର ବରଗଡ଼ ୱେ ଚାରି ଥାକିଆ ୫୩ନଂ ମୁଖ୍ୟ ଜାତୀୟ ରାଜପଥ କଡ ଦୁଇ ଜିଲ୍ଲା ର ମଧ ଭାଗ ତଥା ଦୁଇ ଜିଲ୍ଲା ର ଦୁଇ ପଞ୍ଚାୟତ ଗୋଡ ଭଗା ଓ କଳାମାଟି ପଞ୍ଚାୟତ ସୀମା ରେ ରହିଥିବା ଗୋଡଭଗା ଛକ ରୁ ମହୁ ଖଣ୍ଡ ଯିବା ରାସ୍ତା ବାମ କଡ ସ୍ଥିତ ନବନିର୍ମିତ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ତଥା ପଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଅସନ୍ତା ୨୩ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।ଶନିବାର ଅପରାହ୍ଣ ରେ ମନ୍ଦିର ପରିସର ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ପ୍ରତିଷ୍ଠା ମହୋତ୍ସବ କମିଟର ସଭାପତି ସୁନୀଲ ମିଶ୍ର,ସଂପାଦକ ଅକ୍ଷୟ କର୍ଣ୍ଣ,କୋଷାଧକ୍ଷ ବାଳକୃଷ୍ଣ ସାହୁ ଯୋଗ ଦେଇ ସୂଚନା ଦେଇ ଥିଲେ ଯେ,୨୩ ତାରିଖରୁ ମଣ୍ଡଳ କରଣ ଓ ଅଙ୍କୁରାରୋପଣ, ୨୪ ତାରିଖ କଳସ ଯାତ୍ରା ସ୍ଥାନୀୟ ମହାଦେବ ମନ୍ଦିର ରୁ ଆଣିବା ପରେ ସମଲେଶ୍ୱରୀ ମନ୍ଦିରରୁ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହେବ। ୨୮ ତାରିଖ ପର୍ଯ୍ୟନ୍ତ ବିଧି,ନିୟମ ଅନୁ ଯାୟୀ ଶାଳା ସଂସ୍କାର,ଯଜ୍ଞ,ଦେବା ଦେବୀ ଆବାହନ,ବିଷ୍ଣ ସହସ୍ରନାମ,ଲକ୍ଷ୍ମୀ ସହସ୍ର ନାମ ଆଦି ପୂଜା କରାଯିବ।୨୯ ତାରିଖ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଶେଷ ପୂଜା,ଛପନ ଭୋଗ,ଶ୍ରମଦ ଭାଗବତ ଗୀତା ଯାଗ, ଚଳନ୍ତି ବିଜେ ନଗର ପରିକ୍ରମା, ୩୦ ତାରିଖ ଅମୃତ ଲଗ୍ନେ ଦେବତା ପ୍ରବେଶ,ସ୍ୱର୍ଗଦ୍ୱାର ଉନ୍ମୋ ଚନ,ପୂର୍ଣ୍ଣାହୁତି କାର୍ଯ୍ୟ କ୍ରମ ରହିଛି।ପ୍ରତ୍ୟହ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନ୍ନ ଭୋଗ ଅନନ୍ଦ ବଜାର



ବ୍ୟବସ୍ଥା କରା ଯାଇଛି।୨୫ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ସଂଧ୍ୟା ୬ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ପ୍ରସିଦ୍ଧ ମଂଚ ଅଭିନେତା ହୃଷିକେଶ ଭୋଇଙ୍କ ଦ୍ୱାରା ମୁରାସୁର ଦାରବାର ଆୟୋଜିତ ହେବ। ୨୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୪ ତାରିଖ ରେମଣ୍ଡା ଓ ତଲାବିରାର କୃଷ୍ଣଗୁରୁ, ୨୫ ତାରିଖ ଢ଼େଙ୍କାନାଳ ଦିନ ୨ ଘ,ମାଁ ମଙ୍ଗଳା ପାଲା ପରିଷଦ, ୨୬ ତାରିଖ ବରଗଡ଼ କଳାଜୀବୀ ଡ୍ୟାନ୍ସ ଗ୍ରୁପ, ୨୭ ତାରିଖ ଦିବା ୨ଘ,ରେ ଭତରାର ସୁଶ୍ରୀ ଇତିଶ୍ରୀ କର,ସୁଶ୍ରୀ ସୁମି ବାଗଙ୍କ ମହିଳା ସଂକିର୍ତ୍ତନ୍ୟ,ସଂଧାରେ ଗୋଶାଳା କ୍ରିଷ୍ଣା ଏର୍ଡ ଗ୍ରୁପର ଭଜନ କାର୍ଯ୍ୟକ୍ରମ, ୨୮ ତାରିଖ ଅପରାହ୍ଣରେ ତାମ୍ଭିମୁଣ୍ଡାର ସେ ?ରେନ୍ଦ୍ରୀ ଜାଲ ଓ ମୁଣ୍ଡକାଟର କସ୍ତୁରୀ କିସାନଙ୍କ ମହିଳା ସଂକୀର୍ତ୍ତନ୍ୟ,ସଂଧାରେ ଟିଭି ଚ୍ୟାନେଲର ଭଜନ ଗାଇକା ମାନସୀ ପାତ୍ର, ୨୯ ତାରିଖ ଅପରାହ୍ଣରେ ବଲାଙ୍ଗୀର ର ସୁଶ୍ରୀ ପ୍ରାକପ୍ତି ଆଚାର୍ଯ୍ୟଙ୍କ ଭଜନ ପାରାୟଣ,ସଂଧାରେ ବ୍ରହ୍ମପୁର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ମନୋରଂଜନ କାର୍ଯ୍ୟକ୍ରମ, ଉଦଯାପନୀ ଦିନ ଅପରାହ୍ଣ ରେ ବଲାଂଗୀରର ସୁନ୍ଦରକାଣ୍ଡ ପରାୟଣ ଗାୟିକା ମୋନାଲି ମହାପାତ୍ର, ସଂଧାରେ ମୁମ୍ବାଇ ଭଜନ ସମ୍ରାଟ୍ ପଦ୍ମଶ୍ରୀ ଅନୁପ ଜଲୋଟ ଓ ଏଲ୍ ନିତେଶ କୁମାର ରହିଛି। ୧୯୯୦ ମସିହାରୁ ଗୋଡ଼ଭଗାରେ ରଥ ଯାତ୍ରା ଆରମ୍ଭ ହୋଇ ବର୍ତ ମାନର ଅସ୍ଥାୟୀ ମନ୍ଦିରରେ ପୂଜା ପାଇଆସୁଛନ୍ତି ।ବିଭିନ୍ନ ସରକାରୀ ଅନୁଦାନ,ବିଭିନ୍ନ ଶ୍ରଦ୍ଧାଳୁ, ଭକ୍ତଙ୍କ ସହଯୋଗରେ ମନ୍ଦିର ହୋଇଛି। ଆଗାମୀ ପ୍ରତିଷ୍ଠା ଉତ୍ସବରେ ୧୧ ଜଣ କର୍ତ୍ତା ବସିବାର କାର୍ଯ୍ୟକ୍ରମ ରହିଛି।୨୬ ତାରିଖରୁ ପ୍ରତ୍ୟହ ଲୋକ ପ୍ରତିନିଧି, ବିଧାୟକ,ପୂର୍ବତନ ବିଧାୟକ,ମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଦିନମାନଙ୍କରେ ମନ୍ତ୍ରୀ ରବି ନାରାୟଣ ନାଏକ,ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ,ପୂର୍ବତନ ବିଧାୟୟକ ନାଉରୀ ନାଏକ,ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ,ବିଧାୟକ ସୁଦର୍ଶନ ହରିପାଲି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିଧାୟକ ଜୟନାରାୟଣ ମିଶ୍ର,ମନ୍ତ୍ରୀ ମୁକେଶ ମହାଲିଙ୍ଗ,ବିଧାୟକ ନିହାର ମହାନନ୍ଦ,ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ,ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।ଗୋଡ଼ଭଗାଟି ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ସୀମା ଅଂଚଳ ହେଉଥିବାରୁ ଗୋଡ଼ଭଗାର ଅଧେ ବରଗଡ଼ ଓ ଅଧେ ସମ୍ବଲପୁର ଜିଲ୍ଲାରେ ରହିଛି।ପ୍ରତିଷ୍ଠା ମହୋତ୍ସବ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ପାଇଁ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ୟମରେ ଇତି ମଧ୍ୟରେ ସମ୍ବଲପୁର ସର୍କିଟ୍ ହାଉସରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ପୁଲିସ ଓ ଜିଲ୍ଲା ପ୍ରଶାସନଙ୍କ ମିଳତ ବୈଠକ କରାଯାଇ ଥିବା ସଭାପତି ସୁନୀଲ ମିଶ୍ର ସୂଚନା ଦେଇଥିଲେ ।ଏହି ସାମ୍ବାଦିକ ସମ୍ମିଳନୀରେ ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଠ ଓ କଳାମାଟି ସରପଞ୍ଚ ଡ଼.ସୁଷମା ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ,ଦୁଇ ପଂଚାୟତର ବହୁ କର୍ମକର୍ତ୍ତା, ମାତୃ ଶକ୍ତି ଉପସ୍ଥିତ ଥିଲେ।

# ପିକଅପ୍ ଭ୍ୟାନ ଧକ୍କାରେ ଓଲଟିଲା ପରିବା ବୋଝେଇ ଅଟୋ, ଚାଳକ ଗୁରୁତର

ହିଞ୍ଜିଳିକାଟୁ ୨୧/୪ (ନି.ପ୍ର): ୩୬ ନଂ ରାଜ୍ୟ ରାଜପଥ ତଥା ହିଞ୍ଜିଳି ଥାନା ରାଳବ ଗ୍ରାମ ଛକ ନିକଟରେ ପିକଅପ୍ ଭ୍ୟାନ୍ (ଓଡି୩୨ ୯୬୭୦) ଧକ୍କାରେ ଏକ ପରିବା ବୋଝେଇ ଅଟୋ (ଓଡି୦୫ ୟୁ ୯୭୫୬) ରାସ୍ତା ପାର୍ଶ୍ୱକୁ ଓଲଟି ପଡିଛି। ଦୂର୍ଘଟଣାରେ ଅଟୋ ଚାଳକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ପାଟପୁର ଥାନା ନିସ୍ତିପୁର ଗ୍ରାମର ରବିନ୍ଦ୍ର ପ୍ରଧାନ (୨୮) । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ହିଞ୍ଜିଳି ପୁଲିସ ଦୂର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଥାନାକୁ ଆଣି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ରବିବାର ସକାଳେ ନନ୍ଦିକ ଠାରୁ ଏକ ପରିବା ବୋଝେଇ ଅଟୋ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳିକାଟୁ ଠାରୁ ତାରାତାରିଣୀ ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସହ ହିଞ୍ଜିଳି ଥାନା ରାଳବ ଗ୍ରାମ ଛକ ନିକଟରେ ମୁହାଁମୁହିଁ ଧକ୍କା ଘଟିଥିଲା। ପିକଅପ୍ ଭ୍ୟାନ ଧକ୍କାରେ ଅଟୋଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିବା ସହ ଚାଳକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ।



# କେନ୍ଦୁଝର ଜିଲ୍ଲା ଏକ୍ସକ୍ୟାଡର ଶିକ୍ଷକ ସଂଘ ଗଠନ

ପାଟଣା ୨୧/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମୁକୁନ୍ଦପୁର ପ୍ରାଥମିକ ବିଦ୍ୟାଳୟଠାରେ ୧୩ଟି ବ୍ଲକର କାର୍ଯ୍ୟକାରୀ ସଭାପତି ,ସଂପାଦକ ଓ କୋଷାଧକ୍ଷ ଯଥା ଆନନ୍ଦପୁର ରୁ ବଳଭଦ୍ର ବ୍ହେରା, ଭାଗିରଥି ବ୍ହେରା ଓ ପୁରନ୍ଦର ପିଙ୍ଗୁଆ, ହାଟଡିହିର କୃଷ୍ଣ ଚନ୍ଦ୍ର ରାଉତ, ଝୁଲି ମାନିକା ଓ ଲକ୍ଷ୍ମଣ ମାଝୀ, ଘଟଗାଁ ର ଏମ୍. ଡି. ଆସଫ୍ , ଦିଲ୍ଲିପ କୁମାର ମହାନ୍ତ ଓ ବଟକୃଷ୍ଣ ବ୍ହେରା , ପାଟଣାର ଭୈରବ ମହାନ୍ତ , ଘନଶ୍ୟାମ ମହାନ୍ତ ଓ ଜେମାମଣୀ ମହାନ୍ତ, ସାହାରପଡାର ଦଶରଥ ମହାନ୍ତ , ହରିଚନ୍ଦନପୁର ର ନିର୍ମଳ କୁମାର ମହାନ୍ତ, କିଶୋର କୁମାର ମହାନ୍ତ ଓ ଯଶୋବନ୍ତ ନାରାୟଣ ପ୍ରଧାନ ( ରାଜ୍ଯ ସଂଘ ଉପ ସଭାପତି), ସଦରର ସଂଜୟ କୁମାର ମାଝୀ ଓ ଦୁଃଖିବନ୍ଧୁ ନାଏକ, ଝୁମ୍ପୁରା ର ସୁଶିଲ କୁମାର ବ୍ହେରା, ଚମ୍ପୁଆ ର ଡମ୍ବରୁଧର ମହାନ୍ତ, ତେଲକୋଇ ର କ୍ଷିରୋଦ କୁମାର ଥମ୍ବ , ମୁରଲିଧର ସାହୁ ଓ ଭିକାରୀ,ରିକ ଘୋଷିପୁରା ର ମନୋଜ କୁମାର ବ୍ହେ , ଯୋଡା ର ଦ୍ୱିକର ମହାନ୍ତ ଓ ବାଂଶପାଳର ହାଡ୍ୱିବନ୍ଧୁ ଦେହୁରୀ ଙ୍କ ଉପସ୍ଥିତିରେ ସ୍ୱ ସମ୍ମତି କ୍ରମେ ଆଗାମୀ ୩ବର୍ଷ କେନ୍ଦୁଝର ଜିଲ୍ଲା ସଂଘ କାର୍ଯ୍ୟ ତୁଲାଇ୍ବା ନିମନ୍ତେ ସଭାପତି ଭାବେ କ୍ଷିରୋଦ କୁମାର ଥମ୍ବ ,ସଂପାଦକ ଦିଲ୍ଲିପ କୁମାର ମହାନ୍ତ ଓ ସଂପାଦକ ନିର୍ମଳ କୁମାର ମହାନ୍ତ ଙ୍କୁ ନିର୍ବାଚିତ କରି ପୁଷ୍ପ ଗୁଚ୍ଛ ପ୍ରଦାନ କରାଯିବା ସହ ପୂର୍ବ ସଭାପତି ଭୈରବ ମହାନ୍ତ, ସଂପାଦକ ଡମ୍ବରୁଧର ମହାନ୍ତ ଓ କୋଷାଧକ୍ଷ ସୁଶିଲ କୁମାର ବ୍ହେରା ଙ୍କୁ ଦିର୍ଘ ବର୍ଷ ସୁଚାରୁରୂପେ କାର୍ଯ୍ୟ କରିଥିବାରୁ ଧନ୍ୟବାଦ ଅର୍ପଣ କରାଗଲା।

# ଅଜଣା ଗାଡି ଧକ୍କାରେ ଦୁଇ ବାଇକ ଆରୋହି ଗୁରୁତର

ପାଟଣା ୨୧/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜତୀୟ ରାଜପଥର ଡାବରଚୁଆ ନିକଟରେ ରବିବାର ମଧ୍ୟାହ୍ନରେ ଅଜଣା ଗାଡି ଧକ୍କାରେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବାଇକ ରେ ଥିବା ଦୁଇ ଜଣ ଆରୋହି ଗୁରୁତର ହୋଇଛନ୍ତି। ଗୁରୁତର ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେମାନଙ୍କର ପରିଚୟ ମିଳି ପାରିନାହିଁ । ପୁଲିସ ଘଟଣାର ତଦନ୍ତ କରୁଛି ।

# ପାଇପ ଲାଇନ ମାଧ୍ୟମରେ ପାଣି ନ ମିଳିବାରୁ କୁର୍ଲୁପଡ଼ା ଗ୍ରାମବାସୀନ୍ଦା ପାଣି ପାଇଁ ହନ୍ତସନ୍ତ



ଭବାନୀପାଟଣା ୨୧/୪ (ନି.ପ୍ର): ଜଳ ଯହିଁ ଜୀବନ। ଜଳ ବିନା ଜୀବନ ଅସମ୍ଭବ ! ସରକାର ବସୁଧା ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗ୍ରାମେ ଗ୍ରାମେ ପାଇପ ଲାଇନ କରି ପାଣି ଯୋଗାଇ ବା ପାଇଁ ବିଫଳ ହୋଇଥିବା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କୁର୍ଲୁପଡ଼ା ର କଲେକ୍ଟର ପଡ଼ାରେ । ୨ ବର୍ଷ ପୂର୍ବେ କୁର୍ଲୁପଡ଼ା ଗ୍ରାମରେ ପ୍ରତ୍ୟେକ ଘରେ ଘରେ ପାଇପ୍ ପୋତା ଯାଇ ନଳଗୁଡିକ ଲଗା ଯାଇଥିଲା, କିନ୍ତୁ ଦୁଃଖର ବିଷୟ ପୋତାଯାଇ ଥିବା ପାଇପ୍ ଏବଂ ନଳଗୁଡିକ କଳଙ୍କ ଲାଗି ଖରାପ ହେବାକୁ ବସିଲାଣି ହେଲେ ଜଳର ସୁବିଧା ଏପର୍ଯ୍ୟନ୍ତ ଅନେକ ପରିବାର ପାଣି ପାଇବାରୁ ବଞ୍ଚିତ। ସୂଚନା ଅନୁସାରେ କୁର୍ଲୁପଡ଼ା ଗାଁରେ ତେଲ ନଦୀରୁ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା କିନ୍ତୁ ନିକଟସ୍ଥ ଗ୍ରାମକୁ ଛାଡ଼ି ଦେଲେ ଗାଁର ସମସ୍ତେ ପାଣି ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସରକାର ଜନସାଧାରଣଙ୍କ ପାଇଁ ଅନେକ ଯୋଜନା ତଥା ସୁବିଧା କରିବା ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ଆସୁଛନ୍ତି ହେଲେ ସେହି ଯୋଜନା ସବୁ ବିଫଳ ହେବା ଦ୍ୱାରା ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ସୂଚନାନୁସାରେ ଜନଗଣନା ୨୦୧୧ ଅନୁସାରେ କୁର୍ଲୁପଡ଼ା ଗାଁରେ ସର୍ବମୋଟ ୩୧୨ପରିବାର ୧୦୯୩ ଜନସଂଖ୍ୟା ବସବାସ କରିଆସୁଛନ୍ତି । ଓ ସେଥିରେ ୨୨ ଗୋଟି ନଳକୂପ ଚାଲୁଛି ହେଲେ ୧୪ ବର୍ଷ ପରେ ପରିବାର ସଂଖ୍ୟା ବଢିବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଅପରପକ୍ଷରେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢିବାରେ ଲାଗିଛି ପୋଖରି, ନାଳ, କେନାଲ ସବୁ ଶୁଖିଗଲାଣି। ନଳକୂପ ଗୁଡିକରେ ଜଳ ସ୍ତର ମଧ୍ୟ କମି କମି ଯାଉଛି ଏବଂ ବହୁତ୍ କଷ୍ଟରେ ନଳକୂପ ରୁ ପାଣି ବାହାରୁଛି ଯଦ୍ୱାରା ଗ୍ରାମ ସ୍ଥିତ ମହିଳାମାନଙ୍କ ସମେତ ଗ୍ରାମବାସୀମାନେ ପାଣି ନିମନ୍ତେ ହାହାକାର ହେଉଛନ୍ତି। ଏପଟେ RWSS ବିଭାଗ ମେଗା ପାଇପ୍ ମାଧ୍ୟମରେ ଜଳ ଯୋଗାଣ କରାଯିବା କଥା ପ୍ରକାଶ କରୁଛନ୍ତି। ସୂଚନାନୁସାରେ ଏପର୍ଯ୍ୟନ୍ତ ମେଗା ପାଇପ୍ ଯୋଗେ ଜଳ ଯୋଗାଣ କାର୍ଯ୍ୟ ଏପର୍ଯ୍ୟନ୍ତ ୨୦% ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଅନ୍ୟ ପକ୍ଷ ରେ ଦେଖିବାକୁ ଗଲେ କଲେକ୍ଟର ପଡ଼ାର ନଳକୂପରୁ ହଳଦିଆ ପାଣି ବାହାରୁ ଥିବାରୁ ଅନେକ ଲୋକମାନେ ରୋଗ ରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ଏହିଭଳି ଭାବରେ ପାଣିର ସମସ୍ୟାକୁ ନେଇ ସେହି ଗାଁରେ ଥିବା ମହିଳାମାନେ ଏବଂ ଗ୍ରାମବାସୀମାନେ ଜଳ ଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ନିମନ୍ତେ ବାରମ୍ବାର ପଞ୍ଚାୟତ ଏବଂ ଜଳ ଯୋଗାଣ ଅଫିସ ରେ ଅନୁରୋଧ କରୁଛନ୍ତି ।

# କାକଟପୁର ରେ ମୁସଲମାନ୍ ସମ୍ପ୍ରଦାୟ ପକ୍ଷରୁ ୱାକଫ ଆଇନ କୁ ବିରୋଧ। ୱାକଫ୍ ଆଇନ ପ୍ରତ୍ୟାହାର ଦାବି

ନିମାପଡା ୨୧/୪ (ନି.ପ୍ର): ବହୁ ବାଦବିବାଦ ପରେ ଆଇନ୍‌ରେ ପରିଣତ ହୋଇଛି ୱା।କଫ୍ ସଂଶୋଧିତ ବିଲ୍। ସଂସଦର ଉଭୟ ଗୃହରେ ବିଲ୍ ?ଟି ପାସ ହେବା ପରେ ଏହାକୁ ମଞ୍ଜୁରୀ ମିଳିଛି, କିନ୍ତୁ ଏହାକୁ ମଞ୍ଜୁରୀ ମିଳି ସାରିବା ପରେ ସାରା ଭାରତ ବର୍ଷରେ ୱାକଫ ଆଇନ କୁ ନେଇ ସଂଖ୍ୟାଲଘୁ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆଜି କାକଟପୁର ଠାରେ ମଧ ସଂଖ୍ୟା ଲଘୁ ସମ୍ପ୍ରଦାୟର ଶତାଧିକ ମୁସଲମାନ ଲୋକେ ଏହି ଆଇନ କୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନର ମିଳିତ ସହଯୋଗ ରେ ହିନ୍ଦୁ ମୁସଲିମ୍ ଏକତା ସମାଜ, କାକଟପୁରର ଆହ୍ୱାନକ୍ରମେ ଭଣ୍ଡାଘର ବଙ୍ଗଳାଠାରେ ଆଖପାଖ ଗ୍ରାମର ୧୨ଶହରୁ ଉର୍ଦ୍ଧ ମୁସଲିମ୍ ଓ ହିନ୍ଦୁ ଯୁବକ, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନଙ୍କୁ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସମ୍ପାଦକ ମହମ୍ମଦ ମନୋହର ଅଲ୍ଲି ଙ୍କ ନେତୃତ୍ୱରେ ଆସିଥିଲା । ୱାକଫ ଆଇନ କୁ କଳା ଆଇନ ଭାବରେ ସମ୍ବୋଧନ କରି ତୁରନ୍ତ କେନ୍ଦ୍ର ସରକାର ଏହି ଆଇନ କୁ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଥିଲେ। ମନୋହର ଅଲ୍ଲି ଙ୍କ ମତ ଅନୁଯାୟୀ ଭାରତୀୟ ଜନତା ପାର୍ଟି ସରକାର ଦେଶରେ ସାମ୍ପ୍ରଦାୟିକ ଭେଦଭାବ ସୃଷ୍ଟି କରି ନିଜର ଭୋଟ ବ୍ୟାଙ୍କକୁ ସୁରକ୍ଷାଦେଉଛି, ଯାହା ଦେଶର କୋଟି କୋଟି ଅନ୍ୟ ଧର୍ମ ବା ସମ୍ପ୍ରଦାୟର ସାମ୍ବିଧାନିକ ହକ ଆଉ ଅଧିକାରକୁ କୁଠାର ଘାତ କରୁଛି। ଭାରତ ସର୍ବଧର୍ମ ସମନ୍ୱୟରେ ଭାଇଚାରା ଆଉ ଧର୍ମନିରପେକ୍ଷତା ବିଶ୍ୱାସ କରିଥାଏ। ଏପଟେ ବର୍ତ୍ତମାନର କେନ୍ଦ୍ର ସରକାର ୱାକଫ ବିଲକୁ ଆଇନ କରି ଦେଶର ସଂଖ୍ୟାଲଘୁ ମୁସଲିମ ସଂପ୍ରଦାୟଙ୍କ ସାମ୍ବିଧାନିକ ହକକୁ ଛଡାଇ ନେଉଛନ୍ତି, ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । ଏହି ଶୋଭାଯାତ୍ରାରେ ହିନ୍ଦୁ ମୁସଲିମ ଏକତା ସମାଜର ସଭାପତି ସେହଜାଦା କୁରେଶି ଓ ସମ୍ପାଦକ ମୁସ୍ତାକ ଖାଁ ଏବଂ କାର୍ଯ୍ୟକାରି ସଭାପତି ଅତିକୁର ରେହେମନ୍ ( ରାକେଶ) ଶୋଭାଯାତ୍ରା କୁ ଶାନ୍ତି ପୂର୍ଣ୍ଣ ଭାବେ ସମାପ୍ତ କରିଥିଲେ ।

# ବଦଳିରେ ରହୁନି ସ୍ୱଚ୍ଛତା, ପଦକ୍ଷେପ ନେବେକି ଜିଲାପାଳ




କେନ୍ଦୁଝରଗଡ଼,୨୧/୪: ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ବଦଳି ନୀତିରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ପ୍ରତିବର୍ଷ ଅପ୍ରେଲ ୧୫ରୁ ଜୁନ ୧୫ ତାରିଖ ମଧ୍ୟରେ ତୃତୀୟଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପ୍ରଥମଶ୍ରେଣୀ ଅଧିକାରୀଙ୍କ ପର୍ଯ୍ୟନ୍ତ ବଦଳି ଆଦେଶ କାର୍ଯ୍ୟକାରୀ ହୋଇଥାଏ। ଜଣେ ଅଧିକାରୀ ବା କର୍ମଚାରୀ ଗୋଟିଏ ସ୍ଥାନରେ ୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିଲେ ସମ୍ପୃକ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବା ନେଇ ବୁକ୍ ସର୍କୁଲାର-୪୨ରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ରହିଛି। ସରକାରଙ୍କ ଏହି ଆଦେଶକୁ କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ଅଧିକାରୀ ବିଭିନ୍ନ ସମୟରେ ବିଭିନ୍ନ ଆଳ ଦେଖାଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ କେନ୍ଦୁଝର ଜିଲାରେ ସରକାରଙ୍କ ବଦଳି ଆଦେଶ ନୀତିରେ ସ୍ୱଚ୍ଛତା ରହୁନଥିବା ଖୋଦ୍ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପାଇ ଆସୁଛି। ଉପରିସ୍ଥ ଅଧିକାରୀଙ୍କୁ ତୋଷ କରି ଜଣେ ଜଣେ କର୍ମଚାରୀ ଜିଲା ମୁଖ୍ୟାଳୟରେ ଦୀର୍ଘ ୧୦ବର୍ଷରୁ ଉଦ୍ଧ୍ୱର୍ ସମୟ ଧରି କାର୍ଯ୍ୟରତ ଥିଲେ ହେଁ ସମ୍ପୃକ୍ତ କର୍ମଚାରୀଙ୍କୁ ବଦଳି ଆଳରେ କେବଳ କାର୍ଯ୍ୟାଳୟ ପରିବର୍ତ୍ତନ କରି ମୁଖ୍ୟାଳୟରେ ନିଯୁକ୍ତ କରାଯାଉଥିବାରୁ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଆସୁଛି। ଆଦିବାସୀବହୁଳ କେନ୍ଦୁଝର ଜିଲାର ବହୁ ଅଗମ୍ୟ ଅଞ୍ଚଳରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଥିଲେ ହେଁ ସମ୍ପୃକ୍ତ କର୍ମଚାରୀଙ୍କୁ ସେମାନଙ୍କ ଆବେଦନସ୍ଥାନକୁ ବଦଳି ନକରିବା କର୍ମଚାରୀ ମାନସିକ ଓ ଶାରିରୀକସ୍ତରରେ ନିର୍ଯ୍ୟାତନା ପାଇ ଆସୁଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଭୟରେ ମୁହଁ ଖୋଲିବାକୁ ସାହାସ କରିପାରୁନାହାନ୍ତି। ଗତବର୍ଷ ସାଧାରଣ ନିର୍ବାଚନ ଆଳ ଦେଖାଇ କର୍ମଚାରୀ ବଦଳି ପ୍ରକ୍ରିୟାକୁ ବନ୍ଦ କରି ପରବର୍ତ୍ତୀ ସମୟରେ ରାଜନୈତିକ ଚାପରେ ହାତଗଣତି କେତେକ କର୍ମଚାରୀଙ୍କୁ ବଦଳି କରିବା ଘଟଣାକୁ ବଦଳି ଅପେକ୍ଷାରେ ଥିବା ଅନ୍ୟ କର୍ମଚାରୀ ସହଜରେ ଗ୍ରହଣ କରିପାରୁନାହାନ୍ତି। କେବଳ ଜିଲାପାଳଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀ ନୁହନ୍ତି, ବରଂ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ସରକାରଙ୍କ ବୁକ୍ ସର୍କୁଲାର-୪୨ ଅନୁଯାୟୀ ପ୍ରତି ୩ବର୍ଷ ବ୍ୟବଧାନରେ ବଦଳି କରିବା ନିୟମ ଥିଲେ ହେଁ ରାଜସ୍ୱ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ବହୁ ଶିକ୍ଷକ ଓ କର୍ମଚାରୀ ଦୀର୍ଘ ୨୦ବର୍ଷରୁ ଉଦ୍ଧ୍ୱର୍ ସମୟଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ଥିଲେ ହେଁ ଏମାନଙ୍କ କ୍ଷେତ୍ରରେ ସରକାରଙ୍କ ବଦଳି ନୀତୀ କାର୍ଯ୍ୟକାରୀ କରୁନଥିବାରୁ ବଦଳି ନୀତିରେ ସ୍ୱଚ୍ଛତା ରହୁନଥିବା କର୍ମଚାରୀ ମହଲରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ଚଳିତବର୍ଷ ବଦଳି ପାଇଁ ସରକାରଙ୍କ ସାଧାରଣ ବିବିଧ ଓ ସାଧାରଣ ଅଭିଯୋଗ ବିଭାଗ ଚିଠି ନଂ ୧୨୭୬୮ ତା ୧୬/୦୪/୨୦୨୫ରିଖରେ ସମସ୍ତ ବିଭାଗକୁ ବଦଳି ନୀତିକୁ କଡାକଡି ଭାବେ ପାଳନ ପାଇଁ ଆଦେଶ ଦେବାପରେ ଏବେ ବଦଳି ଆଶଙ୍କାରେ ବହୁ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଛାନିଆ ହୋଇପଡ଼ିଲେଣି। ସରକାର ସମସ୍ତ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ବିଭାଗରେ ବଦଳି ନୀତିକୁ ଅବଲମ୍ବନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଥିବାରୁ କେନ୍ଦୁଝର ଜିଲାରେ ଏହି ଆଦେଶ ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟକାରୀ ହୋଇପାରେ ବୋଲି କର୍ମଚାରୀ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ସରକାରଙ୍କ ଏହି ବଦଳି ନୀତିରେ କେତେ ସ୍ୱଚ୍ଛତା ରହୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି। ଏଭଳିସ୍ଥିତିରେ ପ୍ରତ୍ୟେକ ବିଭାଗ ନିଜର ଏକ ବଦଳି ନୀତି ପ୍ରସ୍ତୁତ କରି ଆଗାମୀ ଜୁନ ୧୫ ତାରିଖ ସୁଦ୍ଧା ବଦଳି ପ୍ରକ୍ରିୟା ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରି ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନ କିମ୍ବା କାର୍ଯ୍ୟାଳୟରେ ଗାଦି ମାଡି ବସିଥିବା କର୍ମଚାରୀଙ୍କୁ ବଦଳି ପାଇଁ ପଦକ୍ଷେପ ନେବେକି ବୋଲି ଚର୍ଚ୍ଚା ଜୋର ଧରିଛି।

## ଚିଲିକାରେ ବ୍ୟାପୁଛି 'ନଳ ନିଆଁ'

### ବନଖଣ୍ଡ ପକ୍ଷରୁ ଖୋଲିଲା କଣ୍ଟ୍ରୋଲ ରୁମ୍





ଖୋର୍ଦ୍ଧା,୨୧/୪: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ସାରିଥିବା ବେଳେ ଚିଲିକା ବନଖଣ୍ଡକୁ ଘାରିଲାଣି ନଳଘାସର ନିଆଁ। କିଛି ଜାଗାରେ ନିଆଁ ବି ଧରିବା ଆରମ୍ଭ ହେଲାଣି। ଏବର୍ଷ କିନ୍ତୁ ନିଆଁକୁ ଆୟତ୍ତ କରିବା ପାଇଁ ଡ୍ରୋନ୍‌ଠୁ ଆରମ୍ଭ କରି ଡଙ୍ଗା, ପାଣି ମଟର ଆଦି ସବୁ ପ୍ରକାର ପ୍ରସ୍ତୁତି ଚିଲିକା ବନଖଣ୍ଡ କରିଛି। କେବଳ ଡ୍ରୋନ୍ କି ଡଙ୍ଗା ନୁହେଁ, ଫାୟାର ଲାଇନଠୁ ଆରମ୍ଭ କରି ଗାଁ ଗାଁରେ ସଭା ସମିତି, ଜନସଚେତନତାକୁ ବି ଗୁରୁତ୍ୱ ଦିଆଯାଇଛି। ଚିଲିକାର ନଳଘାସରେ ନିଆଁକୁ ଆକାଶମାର୍ଗରେ ସାଟେଲାଇଟ୍ ଠାବ କରିବା ପୂର୍ବରୁ ଆମେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରୁଛୁ ବୋଲି ଚିଲିକା ଡିଏଫ୍‌ଓ ଅମ୍ଲାନ ନାୟକ କହିଛନ୍ତି। ସୂଚନା ମୁତାବକ, ଖରାଦିନେ ଚିଲିକାର ପାଣି ଅପେକ୍ଷାକୃତ କମ୍ ରହୁଥିବା ବେଳେ ନଳଘାସ ଶୁଖିଯାଉଛି। ଯେହେତୁ, ନଳଘାସ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଡଙ୍ଗା ଚଳାଚଳରେ ସମସ୍ୟା ସୃଷ୍ଟି କରୁଛି, ତେଣୁ କିଛି ଲୋକ ଅଭ୍ୟାସଗତ ଭାବେ ଦିଆସିଲ ଧରି ଚିଲିକା କୂଳରେ ଥିବା ଥିବା ଘାସକୁ ଜାଳି ଦେଉଛନ୍ତି। ଚିଲିକା କୂଳ ସବୁବେଳେ ପବନମୟ। ଶୁଖିଲା ଘାସକୁ ତୁହାକୁ ତୁହା ଚିଲିକା ପବନ ଛୋଟ ନିଆଁକୁ ବିରାଟ ରୂପ ଦେବା ଏଠି ସହଜ। ଥରେ ନିଆଁ ଜଳିଲେ ସ୍ଥାନୀୟ ଅଞ୍ଚଳ ପୂରା ଧୂଆଁମୟ ହେବା ଥୟ। ଗତବର୍ଷ ଚିଲିକାର କାଲୁପଡ଼ା ଘାଟରେ ବି ସମାନ ଘଟଣା ଘଟିଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇ ପଳାଇଲା। କେବଳ ଗୋଟିଏ ଜାଗା ନୁହେଁ, ଠାଏ ଠାଏ କରି ବିଭିନ୍ନ ଜାଗାରେ ଚିଲିକା କୂଳ ଏମିତି ଜଳୁଥିଲା।ଏହାକୁ ଲିଭାଇବା ପାଇଁ ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଥିଲା। ନିଆଁ ନଳଘାସକୁ ପୋଡ଼ି ପକାଉଛି ତାହା ନୁହେଁ, ବରଂ ନଳଘାସ ମଧ୍ୟରେ ବସତି ସ୍ଥାପନ କରୁଥିବା ବନ୍ୟପ୍ରାଣୀଙ୍କ ଆବାସକୁ ବି ପ୍ରଭାବିତ କରୁଛି। ତେଣୁ ନିଆଁକୁ ଆୟତ୍ତ କରିବା ଯେତିକି ଜରୁରି, ନିଆଁ ଲାଗିବା ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ, ସେହି ଅଭ୍ୟାସଗତ ଅଭିଯୁକ୍ତମାନଙ୍କୁ ଧରପଗଡ଼ ହେବା ଚିଲିକା ବନଖଣ୍ଡ ପାଇଁ ଏକପ୍ରକାର ଆହ୍ୱାନ ହୋଇଛି। ତେବେ ଚଳିତବର୍ଷ ସ୍ଥିତି ଅତି ବିଗିଡ଼ିବା ପୂର୍ବରୁ ବିଭାଗ ନିଜ କର୍ମଚାରୀଙ୍କ ସହିତ ପକ୍ଷୀ ସ୍କ୍ୱାଡ୍‌କୁ ବି ସାମିଲ କରିଛି। ଗାଁ ଗାଁରେ ବୈଠକ କରାଯାଇଛି ବୋଲି ଡିଏଫ୍‌ଓ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। କୌଣସି ସୂତ୍ରରୁ ଟିକିଏ ବି ନିଆଁର ସୁରାକ୍ ମିଳିଲେ, ନିଆଁଲିଭା ଟିମ୍ ଘଟଣାସ୍ଥଳକୁ ସଙ୍ଗେ ସଙ୍ଗେ ଯାଉଛନ୍ତି। ସେମାନଙ୍କୁ ଡଙ୍ଗା ଓ ପାଣି ପମ୍ପ ବି ଦିଆଯାଇଛି। ତୁରନ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ନିଆଁ ପାଇଁ ସ୍ୱତନ୍ତ୍ର ଭାବେ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଥିବା ସେ ପ୍ରକାଶ କରିଛନ୍ତି।

## ନାଟକୀୟ ମୋଡ଼ରେ ବାଲିପାଟଣା ଗୁଳିମାଡ଼ ମାମଲା: ଫସାଉଥିଲା,ନିଜେ ଫସିଗଲା









ବାଲିପାଟଣା,୨୧/୪: ଶନିବାର ବିଳମ୍ବିତ ରାତିରେ ବାଲିପାଟଣା ଥାନା ନିକଟରେ ଦୁଷ୍କର୍ମ ଅଭିଯୁକ୍ତ ଦୀପ୍ତିରଞ୍ଜନ ମହାପାତ୍ର ଓରଫ କୁନା ଉପରକୁ ଗୁଳିମାଡ଼ ହୋଇଥିଲା। ଦୁଇଜଣ ଦୁର୍ବୃତ୍ତ କୁନାକୁ ନିକଟରୁ ଗୁଳି କରି ଫେରାର ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କୁନାର ବାମ ହାତରେ ଗୁଳି ବାଜିଥିଲା ଏବଂ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଘଟଣାଟି ଏକ ସୁନ୍ଦର ନାଟକ ଥିଲା। ରାତାରାତି ବାଲିପାଟଣା ଥାନା ପୁଲିସ ଏହି ଷଡ୍‌ଯନ୍ତ୍ରର ପର୍ଦ୍ଦାଫାସ କରିଛି। ଶତ୍ରୁକୁ ଫସାଇବାକୁ ନିଜେ କୁନା ହିଁ ଜାଲ ବିଛାଇଥିଲା ଏବଂ ସେହି ଜାଲରେ ଛନ୍ଦି ହୋଇ ଧରାପଡ଼ିଗଲା। ନିଜ ଗୁଳିରେ ଘାଇଲା ହେଲା ଏବଂ ଶେଷରେ ବନ୍ଧାହୋଇଛି। ଏହି ମାମଲାରେ କୁନାକୁ ବନ୍ଧୁକ ଯୋଗାଇଥିବା ଦୁଇ ବନ୍ଧୁକ ବେପାରୀ ମଧ୍ୟ ଗିରଫ ହୋଇଛନ୍ତି। ସେମାନେ ହେଲେ ନୂଆପଲ୍ଲୀ ଅଞ୍ଚଳର ଅମରେଶ ପ୍ରଧାନ ଓରଫ କାଳିଆ(୩୬) ଓ ଭରତପୁର ଥାନା ଅଞ୍ଚଳର ତୋଫାନ ବିଷୋୟୀ ଓରଫ ବାଙ୍ଗୁର(୩୩)। ବାଙ୍ଗୁର ଜଣେ ପେସାଦାର ବନ୍ଧୁକ ବେପାରୀ ଓ କାଳିଆ ଏହି କାରବାରର ଦଲାଲ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଗୋଟିଏ ୯ଏମ୍‌ଏମ୍ ପିସ୍ତଲ, ୪ଟି ଗୁଳି, ୩ ମୋବାଇଲ୍ ଜବତ କରାଯାଇଛି। ସେହିଭଳି ଘଟଣାସ୍ଥଳରୁ ପୁଲିସ ଗୋଟିଏ ଖୋକା ଜବତ କରିଛି। କୁନାକୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଛି। ଅଧିକ ଖୋଳତାଡ଼ ପାଇଁ ପୁଲିସ ତିନିଜଣଙ୍କୁ ଅଟକ ରଖିଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ରାତି ପ୍ରାୟ ସାଢ଼େ ୧୨ଟାରେ ବାଲିପାଟଣା ଥାନାସାହିରେ ଏହି ଗୁଳିମାଡ଼ ହୋଇଥିଲା। ଦୁର୍ବୃତ୍ତମାନେ ଜିରୋ ରେଞ୍ଜ ବା ପଏଣ୍ଟ ବ୍ଲାଙ୍କ୍‌ରୁ ଗୁଳି କରି ଫେରାର ହୋଇଗଲେ ବୋଲି ଅଭିଯୋଗ କଲା ଆହତ କୁନା। ସମ୍ବିତ ମହାପାତ୍ର ଓ ରାଜକିଶୋର ବେହେରା ଗୁଳି କରି ବାଇକ୍‌ରେ ପଳାଇଲେ ବୋଲି ନିଜେ କୁନା ପୁଲିସକୁ କହିଥିଲା। କିନ୍ତୁ କୁନାର କଥାକୁ ପୁଲିସ ସହଜରେ ଗ୍ରହଣ କରିପାରି ନଥିଲା। ପ୍ରଥମତଃ କୁନା ଥିଲା ଦୁଷ୍କର୍ମ ଅଭିଯୁକ୍ତ ଏବଂ ନିକଟରେ ଜେଲ୍‌ରୁ ଜାମିନରେ ଆସିଥିଲା। ଦ୍ୱିତୀୟତଃ ଗୁଳିମାଡ଼ ହୋଇଥିବା ଜାଗା ସନ୍ଦେହ ବଢ଼ାଇଥିଲା। ବାମ ହାତର କହୁଣି ଉପରକୁ ମାଂସପେଶୀରେ ତଳପଟୁ ଗୁଳି ଗଳିଯାଇଥିଲା। ଜିରୋ ରେଞ୍ଜ୍‌ରୁ ଅନ୍ୟ କେହି ଗୁଳି କରିଥିଲେ ଏଭଳି ଜାଗାରେ ବାଜିବା ପ୍ରାୟତଃ ଅସମ୍ଭବ। ତେଣୁ ନିଜେ କୁନା ହିଁ ଏଭଳି କାଣ୍ଡ କରିଛି ବୋଲି ପୁଲିସ ଏକପ୍ରକାର ନିଶ୍ଚିତ ହୋଇଥିଲା। ତଥାପି ଅଭିଯୋଗ ଅନୁସାରେ ପୁଲିସ ସମ୍ବିତ ଓ ରାଜକିଶୋରଙ୍କୁ ଉଠାଇ ଆଣି ସେମାନଙ୍କ ମୋବାଇଲ୍ ଟ୍ରାକ୍ କଲା। ସେଥିରୁ ଜଣାପଡ଼ିଲା ଯେ ସେମାନେ ଗୁଳିକାଣ୍ଡ ସ୍ଥଳରେ ନଥିଲେ। ତେଣୁ ପୁଲିସ କୁନାକୁ ମାରାଥନ ଜେରା କରିଥିଲା। ଏହାପରେ କୁନା ସତ ଉଗାରି ପକାଇଥିଲା। ତାକୁ ଦୁଷ୍କର୍ମ ଅଭିଯୋଗରେ ଜେଲ୍‌କୁ ପଠାଇଥିବା ସମ୍ବିତ ଓ ରାଜକିଶୋରଙ୍କୁ ସଂଗିନ୍ ମାମଲାରେ ଫସାଇବାକୁ ସେ ଏହି ନାଟକ ରଚନା କରିଥିଲା ବୋଲି ମାନି ଯାଇଥିଲା। ଏହାପରେ ପୁଲିସ ବନ୍ଧୁକ ବେପାରୀ ବାଙ୍ଗୁର ଓ ଦଲାଲ କାଳିଆକୁ ଉଠାଇଥିଲା। ସେମାନେ ସବୁ ସତ ମାନିଯାଇଥିଲେ ଏବଂ ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ ପୁଲିସ ହାତକୁ ବଢ଼ାଇଦେଇଥିଲେ। ଆଜି ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମୀନା ଏହି ଗୁଳିକାଣ୍ଡ ପଛର ନାଟକ ଉପରୁ ପରଦା ହଟାଇଥିଲେ। ଗୁଳିକାଣ୍ଡ ବେଳେ କୁନା ପାଖରେ ବାଙ୍ଗୁର ଥିଲା ଏବଂ ପରେ ପରେ ସେ କୁନାଠାରୁ ବନ୍ଧୁକ ନେଇ ଫେରାର ହୋଇଯାଇଥିଲା। ବାଙ୍ଗୁରର ମୋବାଇଲ ଟ୍ରାକ୍ କରିବା ପରେ ଏହା ଜଣାପଡ଼ିଛି। କୁନାର ନିଜ ଘର ବାଲିପାଟଣା ଗୁଆପୁର। କିନ୍ତୁ ସେ ବାଲିପାଟଣା ଥାନାସାହିରେ ଭଡ଼ାଘରେ ରହୁଥିଲା। ୨୦୨୪ ଜୁନ୍‌ରେ କୁନା ଏକ ଦୁଷ୍କର୍ମ ମାମଲାରେ ଜେଲ୍ ଯାଇଥିଲା। ଜାମିନରେ ସେ ଜେଲ୍‌ରୁ ମୁକୁଳିବା ବେଳକୁ ପୀଡ଼ିତାଙ୍କର ଅନ୍ୟତ୍ର ବାହାଘର ହୋଇସାରିଥିଲା। ଜେଲ୍‌ରୁ ବାହାରିବା ପରଠୁ ସେ ଥାନାସାହିରେ ତା ଭଉଣୀ ରହୁଥିବା ଭଡ଼ାଘରେ ରହୁଥିଲା। ଦୁଷ୍କର୍ମ ମାମଲାର ରଫାଦଫା କରିବା ପାଇଁ ସେ ପରୋକ୍ଷରେ ଅଭିଯୋଗକାରୀଙ୍କ ଉପରେ ଚାପ ପକାଉଥିଲା। ମାତ୍ର ବାଲିପାଟଣା ବଜାରରେ ଦବଦବା ଜାହିର କରିଆସୁଥିବା କୁନାର ପରୋକ୍ଷ ଧମକକୁ ଅଭିଯୋଗକାରୀ କର୍ଣ୍ଣପାତ କଲେ ନାହିଁ। ତେଣୁ କୁନା ରଚିଥିଲା ଏହି ଷଡ୍‌ଯନ୍ତ୍ର। ନିଜକୁ ଗୁଳି କରି ସମ୍ବିତ ଓ ରାଜକିଶୋରଙ୍କ ଉପରେ ଦୋଷ ଲଦିବାକୁ ଅପଚେଷ୍ଟା କରିଥିଲା। କିନ୍ତୁ ସତ ଲୁଚିଲାନି, ସାତ ତାଳ ପଙ୍କ ତଳୁ ଫୁଟି ବାହାରିଗଲା। ଗତ ରାତିରେ କୁନାର ଗୁଳିକାଣ୍ଡ ନାଟକ ଯେମିତି ଚାଞ୍ଚଲ୍ୟ ଖେଳାଇଦେଇଥିଲା, ଆଜି ଥାନା ଆଗରେ ତା ମା'ଙ୍କ ହାଇଡ୍ରାମା ସେମିତି ହଇଚଇ ସୃଷ୍ଟି କରିଥିଲା। ପୁଅ ନିର୍ଦ୍ଦୋଷ ବୋଲି ଦାବି କରି କୁନାର ମା ପୁଲିସ ଉପରେ ଚାପ ପକାଇବାକୁ ଲାଗିଥିଲେ। ଶେଷରେ ସେ ଆତ୍ମାହୁତି ଦେବା ପାଇଁ ନିଜ ଦେହରେ କିରାସିନି ଢାଳି ପକାଇଥିଲେ। କିନ୍ତୁ ଦିଆସିଲି ମାରିବା ପୂର୍ବରୁ ପୁଲିସ ତାଙ୍କୁ କାବୁ କରିନେଇଥିଲା। ଏହାପରେ ପୁଲିସ ତାଙ୍କୁ ବହୁ ବୁଝାସୁଝା କରି ଶାନ୍ତ କରିଥିଲା। ତାଙ୍କ କହିବା କଥା କୁନାକୁ ମିଛ ଦୁଷ୍କର୍ମ ମାମଲାରେ ଫସାଇ ଦିଆଯାଇଛି। ଭଲ ପାଇବା ବାହାନାରେ କୁନାଠୁ ପ୍ରଚୁର ପଇସା ଖାଇବା ପରେ ଅଭିଯୋଗକାରୀ ତା ବିରୋଧରେ ମିଛ ମାମଲା କରିଥିଲେ। ତେଣୁ ଜେଲ୍‌ରୁ ଆସିବା ପରଠୁ କୁନାର ମାନସିକ ଅବସ୍ଥା ଭଲ ନଥିଲା। ଗୁଳିକାଣ୍ଡ ଘଟଣା ମଧ୍ୟ ମିଛ ବୋଲି ଅଭିଯୋଗ କରି କୁନାକୁ ଛାଡ଼ିଦେବା ଲାଗି ପୁଲିସ ଉପରେ ଚାପ ପକାଇଥିଲେ। କିନ୍ତୁ ସତ ବୁଝିବା ପରେ ସେ ମନକୁ ମନ ଚୁପ୍ ହୋଇଯାଇଥିଲେ।

## ଯୁବକଙ୍କୁ ଗୁଳି କରି ପଥରରେ ଛେଚି ହତ୍ୟା

ଢେଙ୍କାନାଳ,୨୧/୪: ଓଡ଼ିଶାର ଢେଙ୍କାନାଳରେ ଜଣେ ଯୁବକଙ୍କୁ ଗୁଳି କରି ପଥରରେ ଛେଚି ହତ୍ୟା କରାଯାଇଛି। ରବିବାର ରାତିରେ ଏହି ଭୟଙ୍କର ଘଟଣା ଘଟିଛି। ଢେଙ୍କାନାଳ ଟାଉନ୍ ଥାନା ସୀମା ଅନ୍ତର୍ଗତ କାରିଗରା ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ପୁଲିସ କହିଛି। ମୃତକଙ୍କ ନାମ ମହେଶ୍ୱର ବେହେରା, ଯିଏକି ଟାଇଟାନ ନାମରେ ମଧ୍ୟ ଜଣାଶୁଣା, ଢେଙ୍କାନାଳର କାରିଗରା ସାହିର ବୋଲି ଚିହ୍ନଟ ହୋଇଛି। ରିପୋର୍ଟ ଅନୁସାରେ, ରାତି ପ୍ରାୟ ୧୧ଟା ସମୟରେ ଟାଇଟାନ୍ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ହଠାତ୍ ତାଙ୍କ ଉପରେ ଗୁଳି ଚଳାଇଥିଲେ। ଗୁଳି ବାଜିବା ସମୟରେ ତାଙ୍କ ଗୋଡ଼ରେ ୨ ରାଉଣ୍ଡ ଗୁଳି ବାଜିବା ପରେ ସେ ଘଟଣାସ୍ଥଳେ ପଡ଼ିଯାଇଥିଲେ। ଘଟଣାଟି ତାଙ୍କ ଘରଠାରୁ ଅଳ୍ପ ଦୂରରେ ଘଟିଥିଲା ଏବଂ ଗୁଳି ଶବ୍ଦ ଶୁଣି ତାଙ୍କ ସ୍ତ୍ରୀ ବାହାରକୁ ଦୌଡ଼ି ଆସିଥିଲେ। ଯେତେବେଳେ ଟାଇଟାନ୍ ଖସିଯିବାକୁ ଚେଷ୍ଟା କଲେ, ଦୁର୍ବୃତ୍ତମାନେ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ଟାଣି ନେଇ ପଥର ଫୋପାଡ଼ି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତା ଯୋଗୁ ଏହି ଅପରାଧ ଘଟିଥିବା ସନ୍ଦେହ କରାଯାଉଛି।

## ଏବେ ବି ଭାରରେ ବୁହା ହେଉଛନ୍ତି ରୋଗୀ ଓ ଗର୍ଭବତୀ

### ୪ ଜିଲ୍ଲାର ୩୪୧୪ ଗାଁକୁ ନାହିଁ ନିତିଦିନିଆ ରାସ୍ତା



ଜୟପୁର,୨୧/୪: ଆକାଶମାର୍ଗରେ ଯୋଡ଼ି ହେଲାଣି ଜୟପୁର ଓ ମାଲକାନଗିରି। ଜୟପୁରରେ ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଥିବା ବେଳେ ମାଲକାନଗିରିରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଅଥଚ ସଡ଼କ ପଥରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଚିତ୍ର ବଦଳି ପାରୁନି। ସ୍ୱାଧୀନତାର ୭୮ ବର୍ଷ ପରେ ବି କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ୩୪୧୪ରୁ ଉର୍ଦ୍ଧ୍ୱ ଗାଁକୁ ନିତିଦିନିଆ ରାସ୍ତା ନାହିଁ। ଯାହା ବିକାଶର ବାସ୍ତବ ଚିତ୍ରକୁ ପ୍ରମାଣିତ କରୁଛି। ନିତିଦିନିଆ ରାସ୍ତା ନଥିବା ଗାଁ ତାଲିକାରେ ସର୍ବାଗ୍ରେ ରହିଛି କୋରାପୁଟ ଜିଲ୍ଲା। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଏହି ଜିଲ୍ଲାର ୧୩୭୪ ଗାଁକୁ ରାସ୍ତା ନାହିଁ। ଉଦାହରଣ ଭାବେ ବନ୍ଧୁଗାଁ ବ୍ଲକ୍ ନୀଳାବାଡ଼ି ପଞ୍ଚାୟତର ସାବଡାମ୍ ଗାଁକୁ ନିଆଯାଇପାରେ। ଆନ୍ଧ୍ର ସୀମାନ୍ତରେ ଅବସ୍ଥିତ ଏହି ଗାଁର ତଳ ସାହି ଓ ଉପର ସାହିରେ ବସବାସ କରୁଛନ୍ତି ୩୫ ପରିବାର। ଜନସଂଖ୍ୟା ୧୨୦ରୁ ଉର୍ଦ୍ଧ୍ୱ। ଗ୍ରାମବାସୀ ୩ କିଲୋମିଟର ପାହାଡ଼ ଚଢ଼ି ଗାଁରୁ ପଞ୍ଚାୟତ ସଦର ମହକୁମାକୁ ବାର୍ଦ୍ଧକ୍ୟ ଭତ୍ତା, ଟଙ୍କାକିଆ ଚାଉଳ ଆଣିବାକୁ ଯାଉଛନ୍ତି। ଶିଳ୍ପ ସମୃଦ୍ଧ ରାୟଗଡ଼ା ଜିଲ୍ଲା ମଧ୍ୟ ଗମନାଗମନ କ୍ଷେତ୍ରରେ ପଛରେ ପଡ଼ିଛି। ରେଳ ଭିତ୍ତିଭୂମି ବିକାଶରେ ବେଶ ଆଗରେ ଥିବା ଏହି ଜିଲ୍ଲାର ୧୦୯୯ ଗାଁକୁ ରାସ୍ତା ନାହିଁ। କଲ୍ୟାଣସିଂହପୁର ବ୍ଲକ୍ ସଦର ପଞ୍ଚାୟତର କଂସାରିଖାଲ ଗାଁ। ଗ୍ରାମକୁ ଲମ୍ବିଥିବା ରାସ୍ତାରେ ଗାଡ଼ି ଯିବା ତ ଦୂର କଥା, ପାଦରେ ଚାଲିବା ମଧ୍ୟ କଷ୍ଟକର। ବର୍ଷାରେ ସ୍ଥିତି ଦୟନୀୟ ହୋଇ ପଡୁଥିବାରୁ କାହାର ଦେହ ଖରାପ ହେଲେ କିମ୍ବା ଗର୍ଭବତୀଙ୍କୁ ମେଡିକାଲକୁ ନେବାକୁ କେବଳ ଖଟିଆ ଭରସା। ବିଷମକଟକ ବ୍ଲକ୍‌ର ଜାମ୍ବଗୁଡ଼ାର ଯୁବକ ବିବାହ ପାଇଁ ନିଜେ ରାସ୍ତା ତିଆରି କରିବା ବିକାଶ ପ୍ରତି ଉପହାସ ହୋଇଛି। ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ଅବସ୍ଥା ତଦ୍ରୂପ। ଜିଲ୍ଲାର ୬୪୧ ଗାଁକୁ ରାସ୍ତା ନାହିଁ। ଝରିଗାଁ ବ୍ଲକ୍ ଗୁରୁସିଙ୍ଗା ପଞ୍ଚାୟତର ଚାରି ଖଣ୍ଡ ଗ୍ରାମବାସୀ ଜିତରୁସାହି, ମଇନାପଦର, ଧୋବାସାହି ଏବଂ ବାଇଙ୍କାଡଡ଼ି ଗ୍ରାମବାସୀଙ୍କ ଯାତାୟାତର ମାଧ୍ୟମ ପାଲଟିଛି ମାଟି ରାସ୍ତା। ଖରାଦିନେ କୌଣସି ଅସୁବିଧା ହେଉନଥିବା ବେଳେ ସାମାନ୍ୟ ବର୍ଷା ହେଲେ କଥା ସରିଲା। କାଦୁଅ ପଚପଚ ରାସ୍ତାରେ ଯାତାୟାତ ବେଳେ ଯମ ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମବାସୀ। ନକ୍ସଲମୁକ୍ତ ମାଲକାନଗିରିରେ ବିକାଶର ଗତି ଜୋର୍ ଧରିଥିଲେ ମଧ୍ୟ ଜିଲ୍ଲାର ୩୦୦ରୁ ଉର୍ଦ୍ଧ୍ୱ ଗାଁକୁ ନାହିଁ ପକ୍କା ରାସ୍ତା। ଖଇରପୁଟ ବ୍ଲକ ଅଣ୍ଡରାହାଲ ପଞ୍ଚାୟତର ପାତ୍ରପୁଟ ଗ୍ରାମବାସୀ ପଥୁରିଆ ରାସ୍ତାରେ ଯାତାୟାତ କରୁଛନ୍ତି। ସ୍ୱାଭିମାନ ଅଞ୍ଚଳରେ ଥିବା ଯନ୍ତ୍ରୀ ପଞ୍ଚାୟତର ଅନେକ ଗାଁକୁ ମଧ୍ୟ ରାସ୍ତା ନାହିଁ। ବାଲିମେଳା ଜଳଭଣ୍ଡାର କିମ୍ବା ଆନ୍ଧ୍ର ପକ୍ଷରୁ ନିର୍ମାଣ ହୋଇଥିବା ରାସ୍ତା ଗ୍ରାମବାସୀଙ୍କ ଭରସା ପାଲଟିଛି।

## ସୁନ୍ଦରଗଡ଼ ଖଣିଜ କେଳେଙ୍କାରୀ: ଚଢ଼ଉ, ତଦନ୍ତରେ ବିତିଲାଣି ୧୫ ଦିନ, କାର୍ଯ୍ୟାନୁଷ୍ଠାନ କେବେ ?

ସୁନ୍ଦରଗଡ଼,୨୧/୪: ସୁନ୍ଦରଗଡ଼ ଖଣିଜ ଲୁଟ୍ ମାମଲାରେ ୪ ଜଣ ଶ୍ରମିକ ଶ୍ରେଣୀର ଯୁବକଙ୍କୁ ଗିରଫ କରି ପ୍ରଶାସନ, ପୁଲିସ ନିରବ। ସତେ ଯେମିତି ଏତେ ବଡ଼ ଖଣିଲୁଟ୍ ପଛରେ ଏହି ୪ ଜଣ ଶ୍ରମିକ ହିଁ ଥିଲେ। ୧୭ ଦିନ ତଳେ କୋଇଲା ଖଣିର ବଡ଼ କେଳେଙ୍କାରୀକୁ ସାମନାକୁ ଆସିଥିଲା। ଖଣି, ବନ ଓ ରାଜସ୍ୱ ବିଭାଗର ଆଖି ଆଗରେ ବର୍ଷବର୍ଷ ଧରି ଚାଲିଥିବା ଏହି ବଡ଼ଧରଣର ଲୁଟ୍ ସାରାରାଜ୍ୟରେ ହଇଚଇ ଖେଳାଇ ଦେଇଥିବାବେଳେ ଚଢ଼ଉ, ଯାଞ୍ଚ, ତଦନ୍ତରେ ବିତିଗଲାଣି ୧୫ ଦିନ। ଭୁବନେଶ୍ୱରରୁ ୯ ଜଣିଆ ଟିମ୍ ତଦନ୍ତ କରିବା ପରେ ଖଣି ଓ ଜଙ୍ଗଲ ମନ୍ତ୍ରୀ ଖଣି ଲୁଟ୍ ଅଞ୍ଚଳ ଦେଖି ଫେରିଗଲେଣି। କିନ୍ତୁ ରାଜ୍ୟର ସବୁଠୁ ବଡ଼ ଖଣିଜ ଲୁଟ୍ ଘଟଣାରେ ୪ ଜଣ ଶ୍ରମିକଙ୍କୁ ଗିରଫ ଓ ଆର୍ଯ୍ୟନ୍ କୋଲ୍ ୱାସେରି ସିଲ୍ କରିବା ଛଡ଼ା ଆଉ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କୋଇଲା ମାଫିଆ ଓ କିଛି ବିଭାଗର ଉଦାସୀନତା, ଅବହେଳା ସହ ଅସାଧୁ ଅଧିକାରୀଙ୍କ ଏଥିରେ ସମ୍ପୃକ୍ତି ଜଳଜଳ ଦିଶୁଥିଲେ ମଧ୍ୟ ସରକାର ନିରବ। ଏ ସ୍ଥିତିରେ ହେମଗିରର ପୂର୍ବତନ ତହସିଲଦାରଙ୍କ ପ୍ରତି ଏ ଯାଏଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରଶ୍ନ ଉଠିଲାଣି। ତାଙ୍କ ନାମରେ ଖଣିଜ କେଳେଙ୍କାରୀ ବିଷୟରେ ସବୁ ଜାଣି ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ରହିଛି। ଯାହାକୁ ନେଇ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ସୁନ୍ଦରଗଡ଼ ଜିଲ୍ଲାପାଳ। ତେଲେନଡିହି ଜଙ୍ଗଲରେ ଖଣି ଚୋରି ହେଉଥିବା ନେଇ ଗୋପାଳପୁର ବନାଞ୍ଚଳ ଅଧିକାରୀ ପତ୍ରସଂଖ୍ୟା ୨୫୮(ଜି),୧୧.୫.୨୦୨୪ରେ ତତ୍କାଳୀନ ହେମଗିର ତହସିଲଦାରଙ୍କୁ ଚିଠି ଲେଖି ଜଣାଇଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ତ ଦୂର କଥା, ବନାଞ୍ଚଳ ଅଧିକାରୀଙ୍କ ଚିଠି ପାଇବା ପରେ ବି ତହସିଲଦାର ଜିଲ୍ଲା ପ୍ରଶ ?ାସନକୁ ନ ଜଣାଇ ଲୁଚାଇ ରଖିଥିଲେ। ଏହା ସାମନାକୁ ଆସିବା ପରେ ଏପ୍ରିଲ ୫ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ଜିଲ୍ଲାପାଳ। ତାଙ୍କ ଭୁଲ୍ ପାଇଁ ସରକାରଙ୍କ ବିପୁଳ ରାଜସ୍ୱ ହାନି ସହ କୋଇଲା ଚୋରି ହୋଇଛି। ତାଙ୍କ ବିରୋଧରେ କାହିଁକି ରୁଲ୍-୧୫ ଓସିଏସ୍ (ସିସିଏ) ଲାଗୁ ନ ହେବ, ସେ ନେଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ୩ ଦିନ ମଧ୍ୟରେ ଠିକ ଉତ୍ତର ନ ରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ମଧ୍ୟ ଦେଇଥିଲେ। କାରଣ ଦର୍ଶାଅ ନୋଟିସ୍‌ର ୬ ଦିନ ପରେ ଉତ୍ତର ରଖିଥିଲେ ତହସିଲଦାର। 'ବନବିଭାଗର ଚିଠି ପାଇଲା ପରେ ସେ ଅତିରିକ୍ତ ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ନାନା କାର୍ଯ୍ୟରେ ବ୍ୟସ୍ତ ରହିବା ଯୋଗୁ ଅତିରିକ୍ତ ତହସିଲଦାର ତଦନ୍ତ କଲେ ନା ନାହିଁ, ତାହା ସେ ଆଉ ବୁଝି ପାରିନଥିଲେ। ଜଙ୍ଗଲ ଭିତରେ ଖଣି ଖନନ ହୋଇଥିବାବେଳେ ତାକୁ ଜଗିବା କାର୍ଯ୍ୟ ବନଖଣ୍ଡ ଅଧିକାରୀଙ୍କ ଓ କାର୍ଯ୍ୟାନୁଷ୍ଠାନ ନେବା କାମ ଖଣି ବିଭାଗର। ଏହାଛଡ଼ା ବନାଞ୍ଚଳ ଅଧିକାରୀ ଦେଇଥିବା ଚିଠି ସମ୍ପର୍କରେ ତାଙ୍କୁ କେହି ଉପରିସ୍ଥ ଅଧିକାରୀ ପଚାରି ନଥିଲେ ବୋଲି ପୂର୍ବତନ ତହସିଲଦାର ଦର୍ଶାଇଥିଲେ। ତାଙ୍କ ଉତ୍ତରକୁ ଦେଖିଲେ ସେ ଦାୟିତ୍ୱ ବା କର୍ତ୍ତବ୍ୟରେ ଜାଣିଶୁଣି ଅବହେଳା କରିଥିଲେ ବୋଲି କୁହାଯାଇପାରେ। ହେଲେ ୧୦ ଦିନ ବିତିଲାଣି, ଏ ଯାଏଁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆସନ୍ତା ୨୩ ତାରିଖରେ ପ୍ରଦେଶ କଂଗ୍ରେସ ଖଣି କମିଟି ଦୁଇଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ଚୋରାଖଣି ସ୍ଥିତି ଅନୁଧ୍ୟାନ କରିବେ। ପ୍ରଦେଶ କଂଗ୍ରେସ ମୁଖ୍ୟ ଭକ୍ତଚରଣ ଦାସ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ବିଧାୟକ ସାଗରଚରଣ ଦାସ, ବିଧାୟକ ଅଶୋକ ଦାସ, ବିଧାୟକ ସତ୍ୟଜିତ ଗମାଙ୍ଗୋ, ବିଧାୟକ ଡା. ସିଏସ୍ ରାଜେନ ଏକ୍କାଙ୍କୁ ନେଇ ଉକ୍ତ ଖଣି କମିଟି ଗଠନ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ଭାବେ କଂଗ୍ରେସ ନେତା ନିର୍ମଳ ନାଏକଙ୍କୁ ନିଯୁକ୍ତ କରାଯାଇଛି। କମିଟି ୨୨ ତାରିଖ ରାତିରେ ସୁନ୍ଦରଗଡ଼ରେ ପହଞ୍ଚି ସ୍ଥାନୀୟ ପ୍ରଦକ୍ଷିଣ ଗୃହରେ ଅବସ୍ଥାନ କରି ୨୩ ତାରିଖ ସକାଳ ସାଢ଼େ ୮ଟାରେ ହେମଗିର ଖଣି ଅଞ୍ଚଳ ଯିବେ। ଦିନତମାମ ସେ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ ପରେ ବିସ୍ଥାପିତଙ୍କ ସହ ଆଲୋଚନା କରି ରାତି ୮ଟାରେ ସୁନ୍ଦରଗଡ଼ ଫେରିବେ। ୨୪ ତାରିଖ ସକାଳେ ରାଜଗାଙ୍ଗପୁର ଯାଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଖଣି ଅନିୟମିତତା ଓ ବିସ୍ଥାପିତଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ଅପରାହ୍ନ ୩ଟାରେ ଏ ପ୍ରସଙ୍ଗରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ, ଖଣି ଉପନିର୍ଦ୍ଦେଶକ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସନ୍ଧ୍ୟା ୬ଟାରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ